# ସରଗି ଫୁଲ

## ୨୦୧୦



**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

କୈଶୋର -ସୃଜନ ସଂଗ୍ରହ

# ସର୍‌ଗି ଫୁଲ

## ୨୦୧୦

ମୁଖ୍ୟ ସଂପାଦକ :

**ସନ୍ତୋଷ ଷଡ଼ଙ୍ଗୀ, ଆଇ.ଏ.ଏସ୍.**

ସଂପାଦକ :

**ପ୍ରଫେସର(ଡ଼) ଅଖିଲ ବିହାରୀ ଓତା, ଆଇ.ଏ.ଏସ୍.**

ସୌଜନ୍ୟ ସଂପାଦକ :

**ଡ. ପରମାନନ୍ଦ ପଟେଲ**

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର

ସରଗି ଫୁଲ

ସପ୍ତମ ବର୍ଷ ଦ୍ୱିତୀୟ ସଂଖ୍ୟା

ମୁଖ୍ୟ ସଂପାଦକ :
ଶ୍ରୀଯୁକ୍ତ ସନ୍ତୋଷ ଷଡ଼ଙ୍ଗୀ,ଆଇ.ଏ.ଏସ୍.
କମିଶନର ତଥା ଶାସନ ସଚିବ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ସଂପାଦକ :
ପ୍ରଫେସର(ଡ଼) ଅଖିଳ ବିହାରୀ ଓତା, ଆଇ.ଏ.ଏସ୍.
ସଦସ୍ୟ ସଚିବ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ

ସୌଜନ୍ୟ ସଂପାଦକ :
ଡ. ପରମାନନ୍ଦ ପଟେଲ

ଡିସେମ୍ବର ୨୦୧୦

ପ୍ରକାଶକ:
ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୧,
ଭୁବନେଶ୍ୱର-୭୫୧୦୦୯

ମୁଦ୍ରଣ :
ଭୋଳନାଥ ପ୍ରେସ୍
୧୭୦୧/୧୭୦୧, ବମିଖାଲ, ଭୁବନେଶ୍ୱର -୭୫୧୦୧୦



*Murlidhar C. Bhandare*

GOVERNOR, ORISSA

December 05, 2010

**MESSAGE**

I am glad to know that ST & SC Development Department is organizing 'Sargifula', a State Level Students Festival-2010 for the students of ST and SC Development Department Schools on December 28-30, 2010 at Bhubaneswar.

Any initiative for the development of children is always welcome and commendable. I am happy to find that 'Sargifula' is an innovative initiative for all-round development of students studying in these schools where they will be given a platform to enhance knowledge and skill and showcase their talent in series of activities to be conducted in a very healthy and joyous environment. This three day festival will be a great experience for the students and teachers as well which they will love to carry to their own school for reaping rich benefits. I am sure, the festival will set high standards and be appreciated at every quarters. I send my best wishes to the participating students, teachers and above all to the ST & SC Development Department.

I wish the festival a grand success.

Murlidhar Bhandare

(Murlidhar C. Bhandare)



ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର

ଟେଲିଫୋନ୍ (0674) : 2531100 (Off.)
(0674) : 2591099 (Res.)
ଫାକ୍ସ (0674) : 2535100 (Off.)
(0674) : 2590833 (Res.)
ଇମେଲ୍–cmo @ ori.nic.in


ନଂ. 1251

ଭୁବନେଶ୍ୱର

ତା 27·12·2010

## ବାର୍ତ୍ତା

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବ **ସର୍ଗିଫୁଲ-୨୦୧୦,** ଡିସେମ୍ବର ୨୮ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ ସୃଜନାତ୍ମକ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏହି ସର୍ଗିଫୁଲ-୨୦୧୦ ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ।

ଅନ୍ୟ ସାଧାରଣ ବର୍ଗର ପିଲାମାନଙ୍କ ଠାରୁ ସେମାନେ କୌଣସି ଗୁଣରେ କମ୍ ନୁହଁନ୍ତି । ସେମାନଙ୍କ ନିକଟରେ ସର୍ବଭାରତୀୟ ସ୍ତରରେ ନେତୃତ୍ୱ ନେବାର ସମସ୍ତ ଇଚ୍ଛାଶକ୍ତି ଓ ଦକ୍ଷତା ମଧ୍ୟ ରହିଛି । ତାହାକୁ ସାକାର କରିବା ଉଦ୍ଦେଶ୍ୟରେ ସର୍ଗିଫୁଲ-୨୦୧୦ ସେମାନଙ୍କ ପାଇଁ ସୁଯୋଗ ଆଣି ଦେଇଛି ।

ଏହି ଅବସରରେ ପିଲାମାନଙ୍କ ସୃଜନାତ୍ମକ ଲେଖାରେ ସମୃଦ୍ଧ ପତ୍ରିକା **'ସର୍ଗିଫୁଲ'** ମଧ୍ୟ ପ୍ରକାଶ ପାଉଥିବା ଜାଣି ମୁଁ ଖୁବ୍ ଖୁସି । ଏହି ପତ୍ରିକା ସେମାନଙ୍କ ବର୍ତ୍ତାବହ ହେଉ, ଏତିକି କାମନା କରୁଛି ।

ମୁଁ **ସର୍ଗିଫୁଲ-୨୦୧୦** ଉତ୍ସବର ସଫଳତା କାମନା କରୁଛି ।

ନବୀନ ପଟ୍ଟନାୟକ

( ନବୀନ ପଟ୍ଟନାୟକ )



## ବାର୍ତ୍ତା

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ତରଫରୁ ଅନୁଷ୍ଠିତ **ସରଗିଫୁଲ - ୨୦୧୦** ଅବସରରେ ମୁଁ ଆମ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଉଛି । ପିଲାମାନେ ଆମ ଦେଶର ଭବିଷ୍ୟତ । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ ସୃଜନୀ ଶକ୍ତିକୁ ଆହୁରି ବିକଶିତ କରାଇବା ଏବଂ ସେମାନଙ୍କୁ ଉତ୍ତମ ନାଗରିକ ରୂପେ ଗଢ଼ି ତୋଳିବା ଏହି ସରଗିଫୁଲ ୨୦୧୦ ଉତ୍ସବର ମୁଖ୍ୟ ଆଭିମୁଖ୍ୟ ।

ଏହି ଉତ୍ସବ ଅବସରରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ତରଫରୁ ଆମ ପିଲାମାନଙ୍କ ସୃଜନାତ୍ମକ ଲେଖାର ସମ୍ଭାର **ସରଗିଫୁଲ** ପ୍ରକାଶ ପାଉଥିବା ଜାଣି ମୁଁ ଆନନ୍ଦିତ ।

*(ବିଜୟ ରଂଜନ ସିଂ ବରିହା)*

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ,
ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ, ଓଡ଼ିଶା

**ଶ୍ରୀ ସନ୍ତୋଷ ଷଡ଼ଙ୍ଗୀ, ଆଇ.ଏ.ଏସ୍.**
କମିଶନର ତଥା ଶାସନ ସଚିବ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

# ବାର୍ତ୍ତା

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧିନସ୍ଥ ବିଦ୍ୟାଳୟ ସମୂହର ପିଲାମାନଙ୍କ ପ୍ରଥମ ଥର ପାଇଁ **ସରଗିଫୁଲ - ୨୦୧୦** ଉତ୍ସବ ପାଳନ କରାଯାଉଛି । ଆମ ବିଭାଗର ପିଲାମାନଙ୍କୁ ଆହୁରି ପ୍ରତିଯୋଗୀ ଭାବାପନ୍ନ କରାଇବା ଏବଂ ସେମାନଙ୍କ ପ୍ରତିଭାକୁ ରାଜ୍ୟ ସ୍ତରରେ ପ୍ରଦର୍ଶିତ କରାଇବାର ଉଦ୍ଦେଶ୍ୟ ନେଇ ଏହି ଉତ୍ସବର ଆୟୋଜନ ।

ଆମ ବିଭାଗର ଛାତ୍ରଛାତ୍ରୀମାନଙ୍କ ସୃଜନାତ୍ମକ ଲେଖାର ସମ୍ଭାରକୁ ନେଇ **ସରଗିଫୁଲ** ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ତରଫରୁ ପ୍ରକାଶ ପାଉଛି । ସେମାନଙ୍କର ସୃଜନ ପ୍ରତିଭା ଆହୁରି ବିକଶିତ ହେଉ ଏବଂ ସମସ୍ତ ଛାତ୍ରଛାତ୍ରୀମାନଙ୍କର ଚଲାପଥ କୁସୁମିତ ହେଉ ଏତିକି କାମନା ।

ସନ୍ତୋଷ ଷଡ଼ଙ୍ଗୀ
*(ସନ୍ତୋଷ ଷଡ଼ଙ୍ଗୀ)*

## ସଦସ୍ୟ ସଚିବଙ୍କ କଲମରୁ......................

କୈଶୋର ସୃଜନ ସଂଗ୍ରହ ସରଗିଫୁଲର ଅଷ୍ଟମ ସଂଖ୍ୟା ପ୍ରକାଶ ଅବସରରେ ଏହାର ସମସ୍ତ ଅଂଶୀଦାରଙ୍କୁ ମୁଁ ସାଧୁବାଦ ଜଣାଉଛି ।

ପିଲାମାନେ ଆମ ଦେଶର ଭବିଷ୍ୟତ ।
ଆଜିର କ୍ଷୁଦ୍ର କଳିକା ଆସନ୍ତାକାଲି ବିରାଟ ପ୍ରସ୍ଫୁଟିତ
ପୁଷ୍ପ ଦେଶ ମାତୃକାର ଚରଣ ବନ୍ଦନା ପାଇଁ ଉତ୍ସର୍ଗୀକୃତ ହେବ ।
ଏମାନଙ୍କର ମନରେ ଅସୁମାରୀ ସ୍ୱପ୍ନ ସ୍ୱପ୍ନାୟିତ । ସ୍ୱପ୍ନ ଫଳବତୀ ହେଉ ।
ସେମାନେ ଜଣେ ଜଣେ ଭବିଷ୍ୟତର ପ୍ରତିଷ୍ଠିତ ସୃଜନଶୀଳ ପ୍ରତିଭା ହୁଅନ୍ତୁ । ସେମାନଙ୍କର କଲମ ଦୀର୍ଘଜିବୀ ହେଉ; ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧିନସ୍ଥ ବିଦ୍ୟାଳୟ ସମୂହର ପିଲାମାନଙ୍କୁ ନେଇ
ଆୟୋଜିତ **ସର୍‌ଗିଫୁଲ ୨୦୧୦** ଉତ୍ସବ
ଅବସରରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଦ୍ୱାରା
ପ୍ରକାଶିତ ପତ୍ରିକା **"ସର୍‌ଗିଫୁଲ"** ସେମାନଙ୍କ ଲୁକ୍‌କାୟୀତ
ପ୍ରତିଭାକୁ ବିକଶିତ କରିବ ବୋଲି ଆଶା ଓ ବିଶ୍ୱାସ ।

୨୮.୧୨.୧୦

*(ଅଖିଳ ବିହାରୀ ଓତା)*

# ସଂପାଦକୀୟ

ଆମେ ଖୁବ୍ ଖୁସି ଯେ ଆମ ବିଭାଗୀୟ ଶିକ୍ଷାନୁଷ୍ଠାନର ପିଲାମାନଙ୍କ ଲେଖାରେ **ସର୍‌ଗିଫୁଲ** ସମୃଦ୍ଧ ହୋଇଛି । ଛୋଟ ଛୋଟ ପିଲାମାନଙ୍କ ଅନୁସୃଜନାତ୍ମକ ଲେଖାର ସମ୍ଭାର ସର୍‌ଗିଫୁଲ । ଆଗକୁ ବହୁତ ପ୍ରତିଶ୍ରୁତିର ଅପେକ୍ଷା ରହିଛି । ଲେଖା ଭିତରେ ବହୁ ବିଲକ୍ଷଣ ଜିନିଷ ପରିଲକ୍ଷିତ ହୋଇଛି ।ଯାହା ଆମକୁ ମନ୍ତ୍ର ମୁଗ୍‌ଧ କରିଛି ।

କାଥାନିଗୁଡ଼ିକର ଉପସ୍ଥାପନାରେ କଥକତା ଶୈଳୀର ପରିପ୍ରକାଶ ପିଲାଙ୍କ ସାଂସ୍କୃତିକ ସଂଶ୍ଳିଷ୍ଟତାର ପରିଚୟ ଦିଏ । ସଂସ୍କୃତି ଭିତରୁ ଆସିଥିବା ପିଲାମାନଙ୍କ ଅବଚେତନ ମନରେ ଏ ଧାରା ରହିଆସିଛି ତାହା ସ୍ୱୀକାର କରିବାକୁ ହେବ ।
ଦୁରାଂ ସଂରଚନାରେ ମଧ ସାଙ୍ଗୀତିକତାର ଛଟା ପାରମ୍ପରିକ ମୂଲ୍ୟବୋଧକୁ ସୂଚାଏ ।
ଭାଷା ପ୍ରୟୋଗରେ ସେମାନଙ୍କର ମୌଳିକତା ଲକ୍ଷଣୀୟ । ଦେଶଜ ଶବ୍ଦ ସହିତ ପୁସ୍ତକ ଭାଷାର ଅପୂର୍ବ ସମୀକରଣ ଏଥିରେ ପରିଲକ୍ଷିତ । ଭାଷା ଜ୍ଞାନରେ ଧୂରୀଣ ନହେଲେ ଏ ସମୀକରଣ ସହଜ ସାଧ୍ୟ ହୁଏ ନାହିଁ । ପିଲାମାନେ ମନେ ହେଉଛନ୍ତି ଭାଷା ବିଜ୍ଞାନୀ ।
ଏ ପ୍ରଚେଷ୍ଟା ଜାରି ରହିଲେ ସେମାନଙ୍କ ଧୀଶକ୍ତିର ବିକାଶରେ ସର୍‌ଗିଫୁଲ ଏକ ମାଇଲ ଖୁଣ୍ଟ ହୋଇ ଛିଡ଼ା ହେବ । ଚଳିତ ପ୍ରକାଶନ ସେମାନଙ୍କ ଆକାଂକ୍ଷାକୁ ପୁରଣ କରିବାରେ ସମର୍ଥ ହୋଇଛି ।

# ସୂଚୀପତ୍ର

## ଦୁରଂ


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧. | ସର୍‌ଗି ଫୁଲ | କୁମାରୀ ନିରୂପମା ନାଏକ | ୨ |
| ୨. | ପ୍ରକୃତ ସାଙ୍ଗ କିଏ | ଶ୍ରୀ ଜିତ୍ରାୟ ସୋରେନ | ୩ |
| ୩. | କାଶ୍ମିର୍ ସୀମା ଖାଟିର୍ | କୁ. ଶାନ୍ତି ହାଁସ୍‌ଦାଃ | ୪ |
| ୪. | କଲା-ଧଲା | କୁମାରୀ ଶୁଭଶ୍ରୀ ମୁର୍ମୁ | ୫ |
| ୫. | ଯୁମିଦ୍ ଦାଲେ | କୁମାରୀ ଚମ୍ପାବତୀ ହାଁସଦାଃ | ୬ |
| ୬. | ଭୁଲ ନାହିଁ ମା'ବାପାଙ୍କୁ | ଡୁବୁରାୟ ସିଂ | ୭ |
| ୭. | ସାଧବ ପୁଅ | କୁମାରୀ ସସ୍ମିତା ହାଁସଦାଃ | ୮ |
| ୮. | ଗଢ଼ିବୁ ନୂଆ ଭାରତ | ସଂପଦ ଦାସ | ୯ |
| ୯. | ବିଦାୟ ବେଳା | କୁମାରୀ ଲକ୍ଷ୍ମୀ ହାଁସଦାଃ | ୧୦ |
| ୧୦. | ଆବୁ ଦିଶୁମ୍ ଏସୁ ସୁନ୍ଦରା | ଡୁବୁରାୟ ସିଂ | ୧୧ |
| ୧୧. | ନାଲି ମନ୍ଦାର | କୁମାରୀ ରାଜେଶ୍ୱରୀ ହାଁସଦାଃ | ୧୨ |
| ୧୨. | ଟିକି ନଉକା | କୁମାରୀ ପୂଜା ଦାସ | ୧୩ |
| ୧୩. | ଏଇ ଆମ ଜନ୍ମ ମାଆ | କୁମାରୀ ଆଶାଲତା ହେମ୍ବ୍ରମ୍ | ୧୪ |
| ୧୪. | ପଥିକ | ମନମୋହନ ସୋରେନ୍ | ୧୫ |
| ୧୫. | ଜଗନ୍ନାଥ ମନ୍ଦିର | କୁମାରୀ ପାର୍ବତୀ ମୁର୍ମୁ | ୧୬ |
| ୧୬. | ବର୍ଷା | ସୁଶୀଲ କୁମାର ଟୁଡୁ | ୧୭ |
| ୧୭. | ଡାମରା କାଉ | କୁମାରୀ କୁଇନ୍ ପାତ୍ର | ୧୮ |
| ୧୮. | ଆରେ ଆ' ପୁଷି | ଲକ୍ଷ୍ମୀମଣି ହେମ୍ବ୍ରମ୍ | ୧୯ |
| ୧୯. | ଘର ସରଗ ପୁର | କୁମାରୀ ବାସନ୍ତୀ ହାଁସଦାଃ | ୨୦ |
| ୨୦. | ଟିକି ପ୍ରଗତି | କୁମାରୀ ଲକ୍ଷ୍ମୀପ୍ରିୟା ମାଣ୍ଡି | ୨୧ |
| ୨୧. | ପାଠ | କୁମାରୀ କୁମୁଦିନୀ ହେମ୍ବ୍ରମ | ୨୨ |
| ୨୨. | ମାଆ | କୁମାରୀ ଜ୍ୟୋତିଶ୍ରୀ ଶୁଭ୍ରସ୍ମିତା ନାଏକ | ୨୩ |
| ୨୩. | ମମତାର ଧାର ମା' | କୁମାରୀ ସୁଶ୍ରୀ ସଂଗୀତା ସେଠୀ | ୨୪ |

| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୨୪. | ଗଛ | ପାନ ମୁର୍ମୁ | ୨୫ |
| ୨୫. | ଖେରୱାଲ୍ ସାଓ୍ୱତା | କୁମାରୀ ରେବତୀ ସରେନ୍ | ୨୬ |
| ୨୬. | ଜିଅନ୍ତା ଠାକୁର | କୁମାରୀ ସୁମିତା ଚପେୟାର | ୨୭ |
| ୨୭. | ସାଉଁତା ସେରେଞ୍ଜ | କୁମାରୀ ଜୟନ୍ତି ବାସ୍କେ | ୨୮ |
| ୨୮. | ପ୍ରଭାତ | କୁମାରୀ ନିରୁପମା ଗମ୍ପିଆ | ୨୯ |
| ୨୯. | ଆମ ସ୍କୁଲ | କୁମାରୀ ସିବାଙ୍ଗୀ ନାୟକ | ୩୦ |
| ୩୦. | ରଘୁନାଥ ମୁର୍ମୁଙ୍କ ପାଇଁ ପଦେ | କୁମାରୀ ସମ୍ମିତ ମାଝି | ୩୧ |
| ୩୧. | ଶୁନା ଶୁନା ମୋର ଭାଇଭାଇନା | କୁମାରୀ ରମା ମାଝୀ | ୩୨ |
| ୩୨. | ଯଦି ମୁଁ ହୋଇଥାନ୍ତି | କୁମାରୀ ସାରଥି ହାଁସଦା | ୩୩ |
| ୩୩. | ଉତ୍‌ଥାନ | କୁମାରୀ ରମା ମାଝୀ | ୩୪ |
| ୩୪. | ଶିକ୍ଷା | କୁମାରୀ ସିଲା ଟୁଡୁ | ୩୫ |
| ୩୫. | ଆମ ବିଦ୍ୟାଳୟ | କୁମାରୀ ରଞ୍ଜିତା ମୁର୍ମୁ | ୩୬ |
| ୩୬. | ଗୁରୁ ଆମ ପିତା | କୁମାରୀ ଲିଲି ରାଣୀ | ୩୭ |
| ୩୭. | ସାୟଲଡ଼ି ଗୀତ | କୁମାରୀ ରମାମଣି ନାୟକ | ୩୮ |
| ୩୮. | ଆମ ପରିବେଶ | ବିରେନ୍ କୁମାର ନାୟକ | ୪୦ |


## କାହାନି


| | | | |
|---|---|---|---|
| ୧. | କାଲ କୁଇଲି | ଗୀତା ସରେନ୍ | ୪୨ |
| ୨. | ପିଟାଙ୍ଗ ସିଜୁ ହଲ ରୂପ ଏନାୟ | ଧାନୀ ପାଣିକ ପାଣ୍ଡି | ୪୩ |
| ୩. | ଅଲ ଗୁରୁ ପଣ୍ଡିତ ରଘୁନାଥ | କୁମାରୀ ରୁପାଲି ହେମ୍ବ୍ରମ୍ | ୪୫ |
| ୪. | ହସିବାର ମଜା | କୁମାରୀ ମଧୁମିତା ସିଂ | ୪୭ |
| ୫. | ଦୁଃଖୀ ପରିବାର | କୁମାରୀ ସୁମିତ୍ରା ଭତ୍ରା | ୪୮ |
| ୬. | ଫଳ | କୁମାରୀ ଚମ୍ପାବତୀ ହାଁସଦାଃ | ୪୯ |
| ୭. | ବକ୍‌ତା ଓ ରାକ୍ଷାସ୍‌ଦୀର କାହାଣୀ | କୁମାରୀ ଲକ୍ଷ୍ମୀ ପ୍ରିୟା ନାଏକ | ୫୦ |
| ୮. | ଭବିଷ୍ୟତ | ଆଲବତୀ ହାଁସଦା | ୫୨ |
| ୯. | କାହାଣୀ | କୁମାରୀ ରମାମଣି ନାୟକ | ୫୩ |

| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧୦. | ତିନି ଚୋର | କୁମାରୀ ଗୁରୁବାରୀ ସିଂ | ୫୪ |
| ୧୧. | ଅନ୍ୟକୁ ସାହାଯ୍ୟ କଲେ ନିଜେ ସାହାଯ୍ୟ ପାଇହୁଏ | ଦାସରାଜ ଗୋଣ୍ଡ | ୫୫ |
| ୧୨. | ନିର୍ବୁଦ୍ଧିଆର ବୁଦ୍ଧି | କୁମାରୀ ଲକ୍ଷ୍ମୀପ୍ରିୟା ନାଏକ | ୫୬ |
| ୧୩. | ବାଘର ଗର୍ବ ଭାଙ୍ଗିଲା | ଦେବରାଜ ଭତ୍ରା | ୫୭ |
| ୧୪. | ଗରିବରୁ ରାଜା | କୁମାରୀ ସବିତା ମାଝୀ | ୫୯ |
| ୧୫. | ନଡ଼ିଆ ଭିତରେ ମଲ୍ଲୀଫୁଲ | ଉମେଶ ପୁଜାରୀ | ୬୦ |
| ୧୬. | ଆସ ଜାଣିବା ପକ୍ଷୀଙ୍କ ନାଁ | କୁମାରୀ ଗୀତାଞ୍ଜଳି ଗନ୍ତାୟତ | ୬୨ |
| ୧୭. | ରାଜକୁମାର କାହାଣୀ | କଳେଶ୍ୱର ମାଝୀ | ୬୩ |
| ୧୮. | ଫୁଲ ନୁହେଁ ଦେବତା | କୁମାରୀ ମନ୍ଦାକିନୀ ସୋରେନ୍ | ୬୭ |
| ୧୯. | ଚତୁର ଗୋପାଳ | ବଳରାମ ପୂଜାରୀ | ୬୯ |
| ୨୦. | ରାଜା ଓ ସାତ ରାଣୀ | କୁମାରୀ ଲଳିତା ଗଣ୍ଡ | ୭୧ |
| ୨୧. | ବାଲି ଗଡ଼ିଆ ମାଛର ପେଟ ସିଲେଇ କାହିଁକି ? | କୁମାରୀ ରଞ୍ଜିତା ମୁର୍ମୁ | ୭୩ |
| ୨୨. | ପାଞ୍ଚ ଭାଇ | କୁମାରୀ ଦିଗି ମାରାଣ୍ଡି | ୭୪ |
| ୨୩. | ତିନି ତୁଣ୍ଡରେ ଛେଳି କୁକୁର | କୁମାରୀ ସୁଶିଳ ପାତ୍ର | ୭୫ |
| ୨୪. | ପାଞ୍ଚଭାଇ ଏବଂ ଗୋଟିଏ ଭଉଣୀ | କୁମାରୀ ନାନୀ ହାଁସଦାଃ | ୭୬ |
| ୨୫. | ଚନ୍ତୀ ପୁଅ ଓ ସାତଟି ଭୂତ | କୁମାରୀ ହିରାମଣି ମୁର୍ମୁ | ୭୮ |
| ୨୬. | ସଫଳତାର କଥା | ଅଜେଶ ହୁଇକା | ୮୨ |
| ୨୭. | ମଜାକଥା | କୁମାରୀ ନିରୁପମା ଗମ୍ପିଆ | ୮୪ |


***

# ପୁରୀ

# ସରଗି ଫୁଲ



ଫୁଲ ରୋଷଣିରେ ବସନ୍ତ ଆସୁଛି
ହସାଇ ଧରା
ବଣ ମୁଲକରେ ସରଗି ଫୁଲର
ମହକ ଭରା
ମଳୟ ସାଥିରେ ମହକି ଯାଉଛି
ଦୂରକୁ ଛୁଟି ।
ଝରାଫୁଲ କହେ ଜୀବନ କଥାଟି
ଭୂଇଁରେ ଲୋଟି ।
ଜଙ୍ଗଲେ ଜନମି ଜଙ୍ଗଲରେ ବଢ଼ି
ମାଆ ଗଛଟି ।
କେହି ନାହିଁ ତାର୍ ଏକା ସେଇସାଥୀ
ଆଦିବାସୀଟି ।
ସବୁଜ ପତରେ ସଜାଇ ହୋଇ ସେ
ଝୁଣା, ମହୁ କେତେ ରଖେ ସାଇତି ।
ଆହୁରି ଲୋଭରେ ଆଦିବାସୀ ସାଥି
କାଟୁଅଛ ଗଛ ନିଇତି ନିତି ।
ବାସନା ଛୁଟୁନି ସରଗି ଫୁଲରୁ
ପାହାଡି ଝରଣା ଝୁରି ମରୁଛି ।
ଜୁଆଙ୍ଗ ପିଢ଼ର ଅନୁଢ଼ା କିଶୋରୀ
ବୁଲୁନାହିଁ ଆଉ ଗଭାରେ ଖୋସି ।
ସରଗି ଫୁଲର ବାସନାରେ ବନ
ଭୂଇଁ ଯାଉନାହିଁ ଆଉ ମହକି ।
ବନାନୀରୁ ଆସି ମହକ ଭରୁଛି
ସହରେ କାଗଜ ଉପରେ ଫୁଟି ।
ସରଗି ଫୁଲ ତୁ ଫୁଟିବୁ ଏମିତି
ବସନ୍ତରେ ନୁହେଁ ଶୀତରେ ନିତି ।
ଆମେ ସବୁ ପିଲା ରଙ୍ଗ ଭରି ଦେବୁ
ପାଖୁଡାରେ ତୋର ଆନନ୍ଦେ ନାଚି ।

**କୁମାରୀ ନିରୁପମା ନାଏକ**
ନବମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ବକ୍‌ସିବାରି ଗାଁ , କେନ୍ଦୁଝର

# ପ୍ରକୃତ ସାଙ୍ଗ କିଏ

ଜୀବନ ତା' ମୋର ତରଣୀ ସରି
ନେଲୁ ମନ ମୋର କରି ଚୋରି ।
ଜାଣି ତ ନଥିଲି ମନ ତୋହରି
ଚାଲି ଯିବୁ ଦିନେ ପର କରି ॥
କରି ନଥିଲି କେବେ କଳ୍ପନା
କରିବୁ ବୋଲି ମୋ ସାଥେ ଛଳନା ।
ଛଳନା ଛୁରିରେ କରିଲୁ ଆହତ
ସାଙ୍ଗ ହେବା ଫଳ ଭୁଞ୍ଜୁଛି ମୁଁ ତ ॥



ଗଭୀର ନଈରୁ ଛାଡ଼ିଥିଲି ଡାକ
କିଏ ଅଛ ମୋ ପ୍ରକୃତ ସାଙ୍ଗ
ଡାକ ଶୁଣିଥିଲା ଏକା ଧନଞ୍ଜୟ
ସଳଖ ଧରିଲା ମୋ ତରଣୀ ମଙ୍ଗ
ଜୀବନକୁ ତା'ର ଛଡ଼ାଇ ପାଣି
ଆଣିଲା ମୋତେ ସେ ପାଣିରୁ ଛାଣି
ମୋହରି କଷ୍ଟକୁ ପାରି ସେ ଜାଣି
କହୁଥିଲା ମୋତେ ଅମୃତବାଣୀ ॥



**ଶ୍ରୀ ବିଶ୍ୱାସ ସୋରେନ**
ନବମ ଶ୍ରେଣୀ
ପରଜାରା ଉଚ୍ଚ ବିଦ୍ୟାଳୟ
[illegible]

# କାଶ୍ମିର୍ ସୀମା ଖାତିର୍

ହାନ୍ତେ ପାକିସ୍ତାନ ନତେ ଭାରତ
ତାହେଁ ଏନା ସୁର୍ ସୁର୍

ଅନାତାଲାରେ କାର୍‌ଗିଲ୍ ଘାଟି ବୁରୁ
ଏଟମ୍ କଞ୍ଜେ ଦାଲାଯ୍ଧ କାନକ
ବାଇରୀ ବୁରୁଦ୍ ବୁରୁଦ୍

ଏହ ବୀରକ ଦାରାମ୍ କମେ
ଆଲାଗ୍ ମେ ଗୁଳି ବାରୁଦ୍

ଭାରତ ପାକିସ୍ତାନ କିନ୍ ରେମେଜ୍ କାନ
କାଶ୍ମିର୍ ସୀମା ଖାତିର

କାର୍‌ଗିଲ୍ ବୁରୁ ସାଙ୍ଗାରେ
ବାନ୍ଧୁକ ଦିନ୍ଦାସ୍ ଦିନ୍ଦାସ

ଗାଡା ମୁଡୁ ଦାଃ ଲେକା
ଲିଞ୍ଜି କାନା ମାୟାମ୍



କୁ. ଶାନ୍ତି ଭାଁସ୍‌ଦାଃ
ନବମ ଶ୍ରେଣୀ
କୁଜିଡିହୀ ଉଚ୍ଚ ବାଳିକା ବିଦ୍ୟାଳୟ

# କଳା-ଧଳା

କାଉତ କଳା କୋଇଲି କଳା,
କଳା ମୋ ଆଖି ଡୋଳା,
ଆହୁରି କଳା ମୋ କେଶରଙ୍ଗ
ଦେଖାଏ କେତେ ଲୀଳା ।୧।।



କଳା ଠାକୁର ମୁହଁ ସୁନ୍ଦର
କଳାତ ଏଇ ରାତି
ଅଫିମ ରଙ୍ଗ କଳା ବୋଲିକି
ଅଜା କହନ୍ତି ନିତି ।୨।।

ଛୋଟ ପିଲାର କଳା କଜଳ
ମୁହଁରେ ଶୋଭା ପାଏ,
କଳା ଛତିଟି ଖରା ବରଷା
ମୋ ପାଶେ ସଦା ଥାଏ ।୩।।

ଧଳା ଠେକୁଆ ଧଳା ବତକ
ଅଟଇ ବଗ ଧଳା,
ଧଳା କ୍ଷୀରର ଲବଣୀ ସର
ଧଳା ମଲ୍ଲୀର ମାଳା ।୪।।



ଆହୁରି ଧଳା ମୋ ଜେଜେ ଧୋତି
ଧଳା ଆଈଙ୍କ କେଶ
ଧବଳୀ ଗାଈ କ୍ଷୀରତ ଧଳା
ଧଳା ଅଜାଙ୍କ ନିଶ ।୫।।

**କୁମାରୀ ଶୁଭଶ୍ରୀ ମୁର୍ମୁ**
ଅଷ୍ଟମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଶରତ
ମୟୁରଭଂଜ

# ଯୁମିଦ୍ ଦାଲେ

ଦାଃ ତେତାଙ୍ଗଃ ଦାକା ରେଗେଜ୍
　　　ତିନାଙ୍ଗ ଦିନନେମ ତାହେନ୍

ନିଆନ ନ ଘର ଜାତି ଲାଡ଼ାଇ
　　　ତିନାଙ୍ଗ ଦିନବେଲା ତାହେନ୍

ବୟହା ଦେବନ ଜୁମିଦଆ
　　　ଦୁହିନ ଦେବନ ଜୁମିଦଆ

ନିଆନ ନାଘର ଜାତି ତାଦ
　　　ଦେବନ ସେପେଞ୍ଜ ରାକାଦ୍

ବୟହା ଦେବନ ଜୁମିଦ୍ଆ
　　　ଦୁହିନ ଦେବନ ବେଙ୍ଗେ ଉଚଆ



କୁରୁମୁଟୁ କାମି କାତେ
　　　ଅଲଦ ଲାଃ ତୁ ଦାଆ

ଅଲକିକି ଦ ଚେଦଆ
　　　ପାକାହାଅ ଦ ଛାପାୟା

ସନା ଲେକା ସାନ୍ତାଳ ଜାତି
　　　ଦେବନ ସେପେଞ୍ଜ ରାକାନ୍ ।

**କୁମାରୀ ଚମ୍ପାବତୀ ହାଁସଦାଃ**
ଦଶମ ଶ୍ରେଣୀ
କୁଜିଡିହି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

# ଭୁଲ ନାହିଁ ମା'ବାପାଙ୍କୁ

ଭୁଲି ଯାଅ ପଛେ ସଭିଁଙ୍କୁ
ଭୁଲ ନାହିଁ ମା' ବାପାଙ୍କୁ
ଭୁଲିଲେ ଭୁଲିବ ନିଜକୁ
ନ ଭୁଲ ତାଙ୍କ ଦାନକୁ ।

ବଢ଼ାଇଲେ ତୋତେ ବାଲୁତୁ
ଦେଇଣ ନିଜ ଆହାର
ନ ଦିଅ କେବେ ବି ଯାତନା
ଛାତିକୁ କରି ପଥର ॥



ଅମୃତଦାତାଙ୍କ ଜୀବନେ
ଭରି ନ ଦିଅ ଗରଳ
ସୁଖ ଦେବା ପାଇଁ ତାଙ୍କୁ
ଆଦରି ନିଅ ଅନଳ ॥

ଯାତନାକୁ ସହି କରିଛନ୍ତି କୁସୁମିତ
ପଥଯେତେ କଣ୍ଟକିତ
ତୋ ପଥ ଯେତେ କଷ୍ଟ କିତ
କର୍ମେ ରହ ଅବିରତ ॥

ଧନ ଦଉଲତ ଅସାର
ପିତା ମାତା ସେବା କର
ପବିତ୍ର ଚରଣ ବନ୍ଦନା
କରିବାକୁ ନଭୁଲ ତାଙ୍କର ॥

ଡୁବୁରାୟ ସିଂ
ନବମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଶରତ
ମୟୁରଭଂଜ

# ସାଧବ ପୁଅ

ବାଇ ଚଢ଼େଇରେ ବାଇ ଚଢ଼େଇ
ତୁ ସାଧବ ଘରର ପୁତ
ଦେଶ ବିଦେଶକୁ
ବାପା ଯାଉଥିଲା
ଚଳେଇ ଦେଶୀ ବୋଇତ ।

ବାପା କରୁଥିଲା ମସଲା ବେପାର
ତୁ କଲୁ ସେୟାର ବଜାର
ବାପା ଆଣୁଥିଲା ବିଦେଶୀ ଦରବ
ଧନ ଦଉଲତ ଆଉ ସମ୍ଭାର ।

ସୂରୁଜ ବୁଡ଼ିଲେ ବୋଇତ ଉପରେ
ବାପା ବସୁଥିଲା ହାୱାରେ
ବୋତଲ ଭିତରେ ନିଜକୁ ବୁଡେଇ
ନିଇତି ବସିଲୁ ଢାବାରେ ।



ପିଲାବେଳେ ବାପା ପଢୁଥିଲା ତାର
ଗଢୁଥିଲା ବାଲିଘର
ଟିଭି ମୋବାଇଲ ଜୀବନ ତୋହର
ସାଙ୍ଗ ତୋର କମ୍ପ୍ୟୁଟର ।

ନର୍ସିଂହୋମ୍‌ରେ ଜନମ ହେଇଚୁ
ଖାଉଚୁ ଫାଷ୍ଟ ଫୁଡ୍
ବାପାକୁ ଡାଆଡ୍ ମାଆକୁ ମଅମ
ଡାକି ତୁ କହୁଛୁ ଭେରିଗୁଡ୍ ।

ପୋଡପିଠା ଖାଇ ବାପା ବଡ଼ ହେଲା
ଅ ଆ ପାଠ ପଢ଼ି
ଫାଷ୍ଟଫୁଡ୍ ଖାଇ ହାଇବ୍ରିଡ୍ ହୋଇ
ଭାବୁଅଛୁ ଏ, ବି. ସି. ଡି. ।

ପରଦେଶୀ ଢାଞ୍ଚା ଶିଖିଲୁ ତୁହିରେ
ଭୁଲିଗଲୁ ତୁହି ନିଜ ଚଳଣି
ମୃଗତୃଷ୍ଣା ପରି ଧାଇଁଛୁ ତୁଛାରେ
ଛାଡ଼ିଦେଇ ତୋର ନିଜ କମାଣି ।

**କୁମାରୀ ସସ୍ମିତା ହାଁସଦାଃ**
ଦଶମ ଶ୍ରେଣୀ
ରାସଗୋବିନ୍ଦପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ
ମାଣିଦା, ମୟୂରଭଞ୍ଜ

# ଗଢ଼ିବୁ ନୂଆ ଭାରତ



ମାଟି ମା' କୋଳେ ଆମେରେ ସବୁ
ଟିକି ଫୁଲର କଢ଼ି
ସୁନାର ଭାରତ ଗଢ଼ିବା ଆମେ
ବହୁତ ପାଠ ପଢ଼ି ।୧।।
ଆମରି ଦେହେ ବାଜି ଗାଉତ
ଧରମାର ରକତ
ଡରିବୁ ନାହିଁ ଆଗେଇ ଯିବୁ
ନ ହୋଇ କେବେ ଭୀତ ।୨।।
ସୁରୁଜ ପରି ଆଲୋକ ଦେଇ
ନାଶିବୁ ଅନ୍ଧକାର
ପାହାଡ଼ ପରି ଅଟଳ ରହି
ଦେଖାଇବୁ ଉଦାର ।୩।।
କେବେ ବି ଆମେ କାହାରି ମନେ
ନ ଦେଇ ଟିକେ ବ୍ୟଥା
ସହିବୁ ନାହିଁ କାହାରି ପୁଣି
ଟିକିଏ ମିଥ୍ୟା କଥା ।୪।।
ଆମେ ତ ନୋହୁଁ ଆମରି ପାଇଁ
ସବୁରି ପାଇଁ ଆମେତ
ଆମେ ଗଢ଼ିବୁ ନୂଆ ଭାରତ
ହୋଇ ଶାନ୍ତିର ଦୂତ ।୫।।


ସଂପଦ ଦାସ
ସପ୍ତମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଶରଟ
ମୟୂରଭଂଜ

# ବିଦାୟ ବେଳା

ଆମ ଉପବନେ ଫୁଲଟିଏ ହୋଇ
ଫୁଟିଥିଲ ଦିନେ ତୁମେ
କଥା କହୁଥିଲ ସ୍ନେହ ବାଣ୍ଟୁଥିଲ
କେମିତି ଭୁଲିବୁ ଆମେ ।
ଫିକା କୁଞ୍ଜବନ ଫିକା ରାଧା ମନ
ଫିକା ସବୁ କାହ୍ନୁ ବିନା
ଫିକା ଆମ ମନ ଫିକା ଉପବନ
ଫିକା ଲାଗେ ତୁମ ବିନା
ଏଠି ରହିଥିଲୁ ବାଟ ଚାଲୁଥିଲୁ
ଭୟ ନଥିଲା ତ ମନେ ।
ପର କରି ଦେଇ ଚାଲି ଯାଅ ତୁମେ
ଦୁଃଖ ଦେଇ ଆମ ମନେ
ହେ ବର ବରେଣ୍ୟ ଗୁରୁଜୀ ପ୍ରଧାନ
ଚଲାପଥ ତୁମ କୁସୁମିତ ହେଉ
ଏଇ ଆମରି କାମନା ।



**କୁମାରୀ ଲକ୍ଷ୍ମୀ ହାଁସଦା**
ଦଶମ ଶ୍ରେଣୀ
କୁଜିଡିହି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

# ଆବୁ ଦିଶୁମ୍ ଏସୁ ସୁନ୍ଦରା

ଆବୁ ଦିଶୁମ୍ ଏସୁ ସୁନ୍ଦରା
ବିର୍ ବାଗାନ୍‌ରିୟାଦିରି ଦାରୁ
ସବେନ୍ ମୁଲି ନୀଲ ଗାଦେଡ୍ ନେଲୁଓ୍ୱା
ସବେନ୍ ଇମାବୁଏ ଅଧିକାର

ଅଣ୍ଡଃ ଚିମିନ୍ ଦୁକୁ ସୁକୁ
ସବେନ୍ ଜାନୁମ୍ ଚୁଗାଲିକାବୁ ତାୟମ ପାରମେୟା
ରିକେୟାବୁ ଆବୁଦିଶୁମ୍ ରିୟାଃ ନୁତୁମ୍
ବିରିବୁ କୁଲିଏ ଦିରି କାଜିଏ



ବାରୁବୁ କୁଲିଏ ଦାରୁ କାଜିଏ
ସାରି ନିମିନେ ବୁନିନ୍ ଆବୁ ଦିଶୁମ୍
ମଙ୍ଗଲ ପାଣ୍ଡେ, ବିର୍ସାମୁଣ୍ଡା, ଲକ୍ଷ୍ମଣ ନାୟକ କୁଓ୍ୱାଃ ।
ରିକେୟାଃ ଆକୁଓ୍ୱାଃ ନୁତୁମ୍ ହିମତ୍

ବାଣିୟେବୁ ପାଇଟିଏ ନାମିୟାବୁ କର୍ମ
ସାଇତିବୁ ରିକେୟା ସବେନ୍ ଧର୍ମ
ବାଇୟେବୁ ସୁନାଲିକାନ୍ ଦିଶୁମ୍
ନୁତୁମ୍ ବୁ ରିକେୟା ଜନମ୍ ଦିଶୁମ୍ ରିୟାଃ ।

**ଡୁବୁରାୟ ସିଂ**
ନବମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଶରତ
ମୟୂରଭଂଜ

# ନାଲି ମନ୍ଦାର

ନାଲି ମନ୍ଦାର ରେ, ନାଲି ମନ୍ଦାର
ରାତି ପାହିଲେ ଯାଉ ମନ୍ଦିର

ନାଲି ଟହ ଟହ ରଙ୍ଗ ତୋହର
ସମସ୍ତଙ୍କ ମନ କରୁ ନିଜର

କିଏ ଗଢ଼ି ଦେଲା ଏରାଇଜେ ତୋତେ
ଜଗତଟା ସାରା ପୁଣ୍ୟ କଲୁ ସତେ

ଆମ ହଷ୍ଟେଲରେ ହୋଇଥିବୁ ରାଣୀ
ତୋର ଏ ଉପକାରେ କଲୁ ସତେ ଋଣୀ

ତୋପରି କେହି ନାହିଁରେ ଆଉ
ମାଆଙ୍କ ପାଖରେ ଶୋଭାଟୁ ପାଉ

ସୁନ୍ଦର ଅଟଇ ନାମ ତୋହାରି
ସେଥିପାଇଁ ତୁ ପ୍ରିୟ ସବୁରି

ନାଲି ମନ୍ଦାରରେ, ନାଲି ମନ୍ଦାର
ରାତି ପାହିଲେ ଯାଉ ମନ୍ଦିର ।



**କୁମାରୀ ରାଜେଶ୍ୱରୀ ହାଁସଦା**
ଦଶମ ଶ୍ରେଣୀ
କୁଜିଡିହି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

# ଟିକି ନଉକା

ଟିକି ନଉକା କାଗଜ ଚିରି
ତିଆରି କଲି ତୋତେ
ଭସେଇ ଦେବି ପାଣି ସୁଅରେ
ହେବରେ ମଜା କେତେ ।



ତୋ ଟିକି ଦେହେ ଭଲି ଭଲିକା
କାଗଜ ଲଗାଇଛି
ନୂଆ ବୋହୁଟି ପରିକା ତୋତେ
ଯତନେ ସଜାଇଛି ।

ଘର ଆଗରେ ବରଷା ପାଣି
ସୁଅକୁ ଭାବି ନଇ
ତୋତେ ମୁଁ ଆଜି ଦିଏ ମେଲାଣି
ଭାସି ଯାଆରେ ତୁହି ।

ଘୁରି ବୁଲିବୁ ରାଇଜସାରା
ଦେଖିବୁ କେତେ ଗାଆଁ
ନୂଆ ସାଥିକୁ ଭେଟିବୁ ଯଦି
କହିବୁ ମୋର ନାଆଁ ।

ଫେରିବୁ ଯଦି ମୋ ପାଶେ କେବେ
ଶୁଣି ବି ତୋର କଥା
କୁଆଡ଼େ ଗଲୁ କ'ଣ ଦେଖିଲୁ
ଗାଇବୁ ରାଇଜ ଗାଥା ।

**କୁମାରୀ ପୂଜା ଦାସ**
ଅଷ୍ଟମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଶରତ
ମୟୁରଭଂଜ

# ଏଇ ଆମ ଜନ୍ମ ମାଆ

ନଈ କହେ ମୁହିଁ ତରୁଲତା ଅଙ୍ଗେ
ପ୍ରାଣରସ ସଞ୍ଚରଇ ॥
ଆକାଶ କହଇ ମହାଶୂନ୍ୟ ନୁହିଁ
ପ୍ରାଣ ବାୟୁ ଚରାଉଛିଁ ॥
ଫୁଲ କହେ ମୁହିଁ ମୂଲ୍ୟ ମାଗେ ନାହିଁ
ଯେତେ ବାସ ବିତରଇ ॥
ମାଟି କହେ ସଦା ତାଙ୍କ ରଖି ହେଲେ
ଭାତ ହେଉଛି ଅବା ତିଣ ॥
ପ୍ରଜାପତି  କହେ ଫୁଲ ଫୁଲ ବାସେ
ମୋ ପାଇଁ ମୁରୁକି ହସେ ॥
ପବନ କହୁଛି ମୁଁ ଅଟେ ଜୀବନ
ତୁମ ନିଶ୍ୱାସରେ ବହେ ॥
ମାଟି କଥା କହେଁ ସବୁ ବ୍ୟଥା ସହେଁ
ଆମ ଜନ୍ମଭୂମି ମାଆ ।



**କୁମାରୀ ଆଶାଲତା ହେମ୍ବ୍ରମ୍**
ସପ୍ତମ ଶ୍ରେଣୀ
କୁଜିଡିହି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

# ଟିକି ନଉକା

ଟିକି ନଉକା କାଗଜ ଚିରି
ତିଆରି କଲି ତୋତେ
ଭସେଇ ଦେବି ପାଣି ସୁଅରେ
ହେବରେ ମଜା କେତେ ।



ତୋ ଟିକି ଦେହେ ଭଳି ଭଳିକା
କାଗଜ ଲଗାଇଛି
ନୂଆ ବୋହୁଟି ପରିକା ତୋତେ
ଯତନେ ସଜାଇଛି ।

ଘର ଆଗରେ ବରଷା ପାଣି
ସୁଅକୁ ଭାବି ନଇ
ତୋତେ ମୁଁ ଆଜି ଦିଏ ମେଲାଣି
ଭାସି ଯାଆରେ ତୁହି ।

ଘୁରି ବୁଲିବୁ ରାଇଜସାରା
ଦେଖିବୁ କେତେ ଗାଆଁ
ନୂଆ ସାଥିକୁ ଭେଟିବୁ ଯଦି
କହିବୁ ମୋର ନାଆଁ ।

ଫେରିବୁ ଯଦି ମୋ ପାଶେ କେବେ
ଶୁଣି ବି ତୋର କଥା
କୁଆଡ଼େ ଗଲୁ କ'ଣ ଦେଖିଲୁ
ଗାଇବୁ ରାଇଜ ଗାଥା ।

**କୁମାରୀ ପୂଜା ଦାସ**
ଅଷ୍ଟମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଶରତ
ମୟୁରଭଂଜ

# ଏଇ ଆମ ଜନ୍ମ ମାଆ



ନଈ କହେ ମୁହିଁ ତରୁଲତା ଅଙ୍ଗେ
ପ୍ରାଣରସ ସଞ୍ଚରଇ ॥
ଆକାଶ କହଇ ମହାଶୂନ୍ୟ ନୁହିଁ
ପ୍ରାଣ ବାୟୁ ଚରାଭୂଇଁ ॥
ଫୁଲ କହେ ମୁହିଁ ମୂଲ୍ୟ ମାଗେ ନାହିଁ
ଯେତେ ବାସ ବିତରଇ ॥
ମାତା କହେ ସଦା ଢାଙ୍କି ରଖ ହେଲେ
ଭାତ ହେଉଛି ଅବା ତିଣ ॥
ପ୍ରଜାମତି  କହେ ଫୁଲ ଫୁଲ ବାସେ
ମୋ ପାଇଁ ମୁରୁକି ହସେ ॥
ପବନ କହୁଛି ମୁଁ ଅଟେ ଜୀବନ
ତୁମ ନିଶ୍ୱାସରେ ବହେ ॥
ମାଟି କଥା କହେଁ ସବୁ ବ୍ୟଥା ସହେଁ
ଆମ ଜନ୍ମଭୂମି ମାଆ ।

**କୁମାରୀ ଆଶାଲତା ହେମ୍ରମ୍**
ସପ୍ତମ ଶ୍ରେଣୀ
କୁଜିଡିହି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

# ପଥିକ



ଜୀବନର ପଥ ପଡ଼ିଛି ଅନେକ
ସେ ପଥର ମୁଁ ଅଟେ ପଥିକ ।୧।।

କାଚ କଣ୍ଟା ବ୍ୟଥା ଭୁଲି ଘର କଥା
ଚାଲୁଥିବି ସଦା ଟେକି ମଥା ।୨।।

ଜୀବନଟା ଯାକ ଜଞ୍ଜାଳ ଅନେକ
ଝଡ଼ ବତାସେ ଭରା ମୂଲକ ।୩।।

ଲକ୍ଷ୍ୟ ରଖି ମୁହିଁ ଯାତନାକୁ ସହି
ସଦା ସତ୍ୟପଥେ ଥିବି ରହି ।୪।।

ଭାଇ ବନ୍ଧୁ ବଳ ସାଙ୍ଗ ସାଥି ମେଳ
ସହଯୋଗୀ କରି ମୁହିଁ ସକଳ ।୫।।

କର୍ମକୁ ଆଦରି ଧର୍ମ ପଥେ ରହି
ଚାଲୁଥିବି ସଦା ଲକ୍ଷ୍ୟ ରଖି ।୬।।

**ମନମୋହନ ସୋରେନ୍**
ଦଶମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଶରତ
ମୟୁରଭଂଜ

# ଜଗନ୍ନାଥ ମନ୍ଦିର



ପୁରୀରେ ଅଛନ୍ତି ଜଗନ୍ନାଥ ମନ୍ଦିର
ଏହା ଦେଖିବାକୁ ଅତି ସୁନ୍ଦର
ଏଇଟି ବିଶ୍ୱର ଶ୍ରେଷ୍ଠ ମନ୍ଦିର
ବିରାଜନ୍ତି ଏଠି କଳା ଠାକୁର
ଆକାଶୁ ଅଧିକ ଉଚ୍ଚତା ଏହାର
ଖୋଲା ଅଛି ଏଠି ଚାରି ଦୁଆର
ତୋଳି ଥିଲେ ଏହାକୁ ଚୋଡଗଙ୍ଗ ରାଜା
କଳା ଠାକୁର ଏ ପାଆନ୍ତି ପୂଜା
ଦୁଃଖ ଦିଏ ପୁଣି ସୁଖ ସେ ଦିଏ
ଭକତ ମନକୁ ଟାଣି ଯେ ନିଏ
ପାପ ପୁଣ୍ୟକୁ ବିଚାର କରେ
ଭକ୍ତି ଭରେ ଭକ୍ତ ମୁଣ୍ଡ ନୁଆଁଏ ।

**କୁମାରୀ ପାର୍ବତୀ ମୁର୍ମୁ**
ଦଶମ ଶ୍ରେଣୀ
ରାସଗୋବିନ୍ଦପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

# ବର୍ଷା

ଟିପିଟିପି ବରଷା ପାଣି
ଆସେ ନୂଆ ସୁଖ ଆଣି
ତତଲା ଭୂଇଁ ଶୀତଳ
ଭାଙ୍ଗେ ଗ୍ରୀଷ୍ମ ଟାଣ ଠାଣି ।୧।।

କୃଷକର ବଡ଼ ବନ୍ଧୁ
ସେ ପରା ସାହା ଭରସା,
ଦୟାର ଦୁଆର ଖୋଲି
ଭରି ଦିଏ ମନର ଆଶା ।୨।।



ଜଗତ ଦୁଃଖ ଦୂରେଇ
ଆସିଲା ବରଷା ରାଣୀ,
କ୍ଷେତରେ ଫସଲ ଦେଇ
ହରିଲା ଦୁଃଖ କାହାଣୀ ।୩।।



ପାଣି କୂଳେ ବେଙ୍ଗୁଲିଟି
ବିଲରେ ଡାହୁକ ଡାକେ,
ଜାତି ଜାତି ଫୁଲ ଫୁଟି
ଜଗତ ସାରା ମହକେ ।୪।।

ଆସିଲା ବରଷା ରାଣୀ
ନୂଆ ବୋହୂ ସାଜି,
ସକଳ ଜଗତ ବାସୀ
ନାଚନ୍ତି ଖୁସିରେ ଆଜି

**ସୁଶୀଲ କୁମାର ଟୁଡୁ**
ନବମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଶରତ
ମୟୂରଭଂଜ

# ଡାମରା କାଉ

କା' କା କରି ରାବଇ କାଉ
କାଉ ରାବିଦେଲେ ଉଠଇ ବୋଉ
ବୋଉ ହାତ ଗଢ଼ା ଆରିଶା-ଖଜା
ଖାଇବାକୁ କେତେ ଲାଗଇ ମଜା
ମଜା ଲାଗେ ଯେବେ ନାଚେ ମୟୂର
ମୟୂର ପୁଚ୍ଛଟି କେତେ ସୁନ୍ଦର ।
ସୁନ୍ଦର ହେଲେ ଗୁଣ ନଥାଇ
ଲାଭ ଅଛି କି କହରେ ଭାଇ ?



**କୁମାରୀ କୁଇନ୍ ପାତ୍ର**
ସପ୍ତମ ଶ୍ରେଣୀ
କୁଜିଡିହି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

# ଆରେ ଆ' ପୁଷି

ଆରେ ଆ ପୁଷି
ଖାଇଦେ କ୍ଷୀର ବସି
ତୋ'ଠୁ ଦେଖି ଖାଇବ ଭାତ
ମୋ କୁନି ଭାଇ ହସି ।
ଦେ'ତୁ ନିଶ ମୋଡି
ଦେହକୁ ଝାଡିଝୁଡି
କୁନିଭାଇ ଶୁଣେଇ ଦେ
ଗୀତ ଧାଡ଼ିକି ଧାଡ଼ି ।
ଧ'ତୁ ପାଠ ବହି
ପଢିଯା ମନ ଦେଇ
ପାଖେ ବସାଇ କୁନି ଭାଇକୁ
ଗପଟେ ଦେ କହି ।
ବଡ ସିଆଣା ପୁଷି
କ୍ଷୀର ପିଇଲା ହସି
କୁନି ଭାଇକୁ କହିଲା ଧୀରେ
ଖାଆତୁ ଭାତ ବେଶୀ ।
ପଢି ଯା ପାଠ ବହି
ଗୀତଟି ଯା' ଗାଇ
ମୋ'ରି ସାଥେ ମନ ମଉଜେ
ନାଚି ଯା' ଥେଇ ଥେଇ ।



**ଲକ୍ଷ୍ମୀମଣି ହେମ୍ବ୍ରମ୍**
ଦଶମ ଶ୍ରେଣୀ
କୁଜିଡିହି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

# ଘର ସରଗ ପୁର

ବାପାଙ୍କ ବାପା ଜେଜେ ମୋର
କରନ୍ତି ମୋତେ ନାଉ
ବାପାଙ୍କ ବୋଉ ଜେଜେ ମା
ନିଦ ଆସେ ଗପ କହୁ କହୁ ।

ବାପାଙ୍କ ସାନ ଭାଇ ଦାଦା ମୋହର
ବଡ ଭାଇ ବଡ ବାପା
ତାଙ୍କ ଭଉଣୀ ପିଉସୀ ନାନୀ
ବାଡ଼ିରେ ଫୁଟେ ଚମ୍ପା ।

ସକାଳେ ସଞ୍ଜେ ବୋଉ ମୋ କରେ
ବଡ଼ଙ୍କ ପାଦ ପୂଜା
ରୋଷେଇ କରି ପରଷି ଦିଏ
ଖାଇବା ବଡ ମଜା ।



ଜେଜେ ମୁରବୀ ଯାହା କହନ୍ତି
ମାନନ୍ତି ଦାଦା ବାପା
ରାଗନ୍ତି ନାହିଁ ଜମାରୁ ସିଏ
କହନ୍ତି ମିଠା କଥା ।

ଘରଟି ଅଟେ ସରଗପୁର
ଅଛି ଯହିଁ ବୁଝାମଣା
ଶାନ୍ତିରେ ହସେ ସେଇ ଘରଟି
ଏ ମନ୍ତ୍ର ଯାହାକୁ ଜଣା ।

**କୁମାରୀ ବାସନ୍ତୀ ହାଁସଦାଃ**
ଅଷ୍ଟମ ଶ୍ରେଣୀ
ରାସଗୋବିନ୍ଦପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ
ମାଣିଦା, ମୟୂରଭଞ୍ଜ

# ଟିକି ପ୍ରଣତି

ଝୁମୁରୁ ଝାଇଁ, ଝୁମୁରୁ ଝାଇଁ
ଗାନ୍ଧୀଙ୍କ ମୁଣ୍ଡରେ ମୁକୁଟ ନାହିଁ ।
ମୁକୁଟ ନଥାଇ ରଜା
କରୁ ତୁମ ପାଦପୂଜା
ନୀତି ଆଦର୍ଶର ମହାନ୍ ନେତା
ଜନମାନସରେ ଜାତିର ପିତା ।
ସତ୍ୟ, ଅହିଂସାର ଥିଲ ପୂଜାରୀ
ରାମରାଜ୍ୟଥିଲା ସପ୍ନ ତୁମରି
ସହିଲ କଷଣ ଅତ୍ୟାଚାର
ଉପବାସ ଆଉ ଲାଠି ପ୍ରହାର
ବିଦେଶୀମାନଙ୍କୁ ହଟେଇ ଦେଲ
ଦେଶକୁ ଆମର ସାଧୀନ କଲ
ଭାରତ ମା'ର ଯୋଗ୍ୟ ସନ୍ତାନ
ରଖିଲ ତାହାର ମାନ ସମ୍ମାନ
ଛାଡି ଦେଇ ଗଲ ଅକ୍ଷୟ କୀର୍ତ୍ତୀ
ଗାଏତୁମ ଯଶ ଏଇ ଧରିତ୍ରୀ
ପାଳନ କରୁଛୁ ତୁମ ଜୟନ୍ତୀ
ଘେନା କର ଆମ ଟିକି ପ୍ରଣତି ।



କୁମାରୀ ଲକ୍ଷ୍ମୀପ୍ରିୟା ମାଝି
ସପ୍ତମ ଶ୍ରେଣୀ
କୁଜିଡିହି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

# ପାଠ

ଆଖି ଥାଉ ଥାଉ ଅନ୍ଧ ହୋଇଯିବୁ
ପାଠ ନ ପଢ଼ିଲେ ତୁହି,
ଆଶାର ବାଡିକୁ ପଛରେ ପକାଇ
ପଳାଇ ଯାଉଛୁ କାହିଁ ।

ଜ୍ଞାନର ପସରା ମେଲିଛି ଜୀବନେ
ପାନ କରିବାକୁ କରିବୁ ପଣ,
ଜୀବନରେ କେବେ ହାରିବୁ ନାହିଁରେ
ବଞ୍ଚିଥିବା ଯାଏଁ ରଖିବୁ ମାନ ।

ପାଠ ପଢ଼ି ଆମେ ମଣିଷ ହୋଇବୁ
କେହି ମଣିବେନି ହେୟ ଆମକୁ
ମଣିଷ ଭିତରେ ମଣିଷ ହୋଇବୁ
ଶପଥ ନେଇରେ ଚାଲ ଆଗକୁ ।

ଜ୍ଞାନର ପସରା ସାଇତି ରଖିବୁ
ଜୀଇଁଥିବା ଯାଏ କାଳକୁ
ସେହି ସମ୍ପଦକୁ ବାଣ୍ଟି ଦେବୁ ତୁହି,
ସମାଜ ମଙ୍ଗଳ ବେଳକୁ ।

ହେ ଛାତ୍ର ସମାଜ ନିଜେ ଜଳି ତୁମେ
ଦିଅରେ ଆଲୋକ ବାରତା
ଏହା ସିନା ହେବ ମହତ ପଣିଆ
ମନେରଖିଥାଅ ଭଉଣୀ ଭାଇ ।



କୁମାରୀ କୁମୁଦିନୀ ହେମ୍ବ୍ରମ
ନବମ ଶ୍ରେଣୀ
ରାସଗୋବିନ୍ଦପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ
ମାଣିଦା, ମୟୂରଭଞ୍ଜ

# ମାଆ

ମାଆ ପର ମୋର କିଏ ସେ ହେବ
ଦୁଃଖ ସୁଖ ମୋର କିଏ ସହିବ
ତାହାରି ସେନେହ ଶରଧା ପାଇ
ଆଜି ଏତେ ବଡ଼ ହୋଇଛି ମୁହିଁ
ଥିଲି ମୁହିଁ ଯେବେ ଛୋଟିଆ ପିଲା
କ୍ଷୀର ଦେଇ ମୋତେ ଜୀବନ ଦେଲା
ଗେଲ କରେ ମୋତେ ଚୁମା ଟେ ଦେଇ
ରୁଷି ଥିଲେ ମୋତେ ଦିଏ ହସାଇ
ରୋଗ ଶେଯେ ମୁହିଁ ପଡଇ ଯେବେ
ପାଖରୁ ସେ ମୋର ନଯାଏ କେବେ
ଉପଦେଶ ଦେଇ କହଇ ଭଲେ
ସଦା ସତ କଥା କହିବ ପିଲେ
ସବୁଠାରୁ ମିଠା ତାହାରି ନାଆ
ବଡ଼ କାମ ହେଲେ ଛୋଟିଅ ନାଆ ।

**କୁମାରୀ ଜ୍ୟୋତିଶ୍ରୀ ଶୁଭସ୍ମିତା ନାଏକ**
ଦଶମ ଶ୍ରେଣୀ
କୁଜିଡିହି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ



# ମମତାର ଧାର ମା'

ମମତା ମୟୀ ମା'ର କୋଳେ
ଦେଖ ପୁଅଝିଅ ହସି ଉଠୁଛନ୍ତି
ସାଙ୍ଗ ସାଥୀଙ୍କ ମେଳେ
ମା ଯେ ମମତାର ଧାର
ତାରି ପଣତେ ସବୁ ସୁଖ ସାର ।



ସେ କେବେ କରେନା ଆର
ସବୁ ଦୁଃଖ କଷ୍ଟ ସହିଯାଏ ସିଏ
ମନରେ ନ ଭାବି ପର
ସେ ଆମ ଜନନୀ ମମତାର ଧାରା ସ୍ୱର୍ଗଭୂମି ଠୁବି ବେଶି
ମନରେ ସମସ୍ତେ ନ ଭାବି କିଛି
ଦେଇଥାନ୍ତି ଦୁଃଖ ତାକୁ
ଦୁଃଖରେ ତାହାର ଫାଟିପଡେ ଛାତି କହିପରେ ନାହିଁ କିଛି ।

ଆମେ ନ ଦେବା ଦୁଃଖ ତା' ମନରେ
ତା' ପାଇଁ ଜୀବନ ଦେବା
ସବୁ ଦୁଃଖ ସହି ତାକୁ ହସାଇବା
ଆମେରେ ଶପଥ ନେବା ।

**କୁମାରୀ ସୁଶ୍ରୀ ସଂଗୀତା ସେଠୀ**
ଦଶମ ଶ୍ରେଣୀ
ରାସଗୋବିନ୍ଦପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ
ମାଣିଦା, ମୟୂରଭଞ୍ଜ

# ଗଛ

ଗଛ ଆମର ଭଗବାନ
ଗଛ ଆମର ଭଗବାନ ॥

ଶୁଣରେ ଶୁଣ ଶୁଣରେ ଶୁଣ
ହିନ୍ଦୁ ମୁସ୍‌ଲିମ୍, ଖ୍ରୀଷ୍ଟିଆନ ।
ଗଛ ଆମର ଭଗବାନ ॥

ସବୁ ବିଷ ପିଇସେତ
ଦିଏ ଆମକୁ ଅମ୍ଳଜାନ ।

ଗଛଦିଏ ଜୀବଜଗତକୁ
ରୋଟି କପଡା ଔର ମକାନ ।

ଗଛ କାଟିଲେ ପରିବେଶ ଆମ
ହୋଇ ଯିବରେ ହୀନମାନ ।
ଗଛ ଆମର ଭଗବାନ ॥

ଅଂଶୁଘାତରେ ସବୁ ମରିବା
ଆଜିଠୁଁ ହୁଅ ସାବଧାନ ।
ଗଛ ଆମର ଭଗବାନ ॥

ଗଛ ଲଗାଇ ଜଗତ ବଞ୍ଚାଇ
ହୋଇ ଯାଅରେ ଧନ୍ୟବାନ ।
ଗଛ ଆମର ଭଗବାନ ॥



**ପାନ ମୁର୍ମୁ**
ଅଷ୍ଟମ ଶ୍ରେଣୀ
ରାସଗୋବିନ୍ଦପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ
ମାଣିଦା, ମୟୂରଭଞ୍ଜ

# ଖେରୱାଲ୍ ସାଓ୍ବତା

ଜାନାମ୍ ଆଲାତେ ବାବନ୍ ରଲା
　　　ଆବନ୍ ଖେରୱାଲ୍ ଜାତି
ଏଟାଃ କଓ୍ବାଃ ଟିକି ତେଗେ
　　　ସାଓ୍ବଁତା ଛିଟିବିଟି
ହାଣ୍ଡି ପାଉଁରା ଦୁଟେ ଖେରୱାଲ୍
　　　ଆମ ଦୋ ହାଲେ ଡାଲେ
ଦାମ୍ ଭଯ୍ହାର ଟାମା ସାଓ୍ବଁତା
　　　ଅନାତେଗେ ପାଲେ
ବାବନ୍ ବାତାଓ୍ବ ବୁରୁ ଧିରି
　　　ବାବନ୍ ବାତାଅ ଧିରି ଦାଣାନ୍
ସାଙ୍ଗିଞ୍ଜ୍ ରେଗେ ଆଞ୍ଜମଃ ବଯ୍ହା
　　　ଆବନ୍ ସାନ୍ତାଲ୍ ଆଲାଂ

ସିଦୁ କାହ୍ନୁ ଚାନ୍ଦ ଭାଇରର
　　　ସାଓ୍ବଁରେ ବିର ବିର୍ସା
ଏମାହ ବନାକିନ୍ ଆଦିମ୍ ଦିସମ୍
　　　ବାନୁଃ ତାବନ ଦିସା
ଦେ ଦେଲା ବଯ୍ସା ମିଶି ଦେବନ ଜୁମି ବଃଆ
　　　ଏକେଜ୍ ସେକେଜ୍ ଆଦିମ୍ ଦିସମ୍
　　　ଦେବତ୍ ଛାନୀଦହଯ୍
ରହୟାବନ୍ ତୁର୍ସୀ ପେଣ୍ଡେରେ
　　　ମାସି ପହା ଦାରେ
ଏକେଜ୍ ସେକଜ୍ ଆଦିମ୍ ଦିସମ୍
　　　ଦେବତ୍ ଫାଙ୍ଗାରୁ ଆଲ
ଦେ ଦେଲା ବଯ୍ହା ମିଶି ଦେବନ୍ ଜୁମି ବଃଆ
　　　ସଜା ଲେକାନ୍ ଜାତି ତାବନ୍ ଞୁତୁମ୍ ସାର୍ନା ଧରମ୍
ଜାନାମ୍ ଆଲାଂତେ ବାବନ୍ ରଲା
　　　ଆବନ୍ ଖେରଓ୍ବାଲ ଜାତି
ଏଟାଃ କଓ୍ବାଃ ଟିକିତେଗେ
　　　ସାଓ୍ବତା ଛିଟିବିଟି ।

**କୁମାରୀ ରେବତୀ ସରେନ୍**
ନବମ ଶ୍ରେଣୀ
ରାସଗୋବିନ୍ଦପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ
ମାଣିଦା, ମୟୂରଭଞ୍ଜ

# ଜିଅନ୍ତା ଠାକୁର



କଳି ଯୁଗର ଜୀବନ୍ତା ଠାକୁର
ଦାରୁବ୍ରହ୍ମଂ ଅଟେ ନାମ ତାହାର
ଦାରୁବ୍ରହ୍ମଙ୍କୁ ତୁ ନଭାବ ପର
ସେ ପରା ଅଟଇ ଅତି ନିଜର ।

ଅମ୍ଳଜାନ ଦିଅଇ ସେତ
ନେଇ ବଞ୍ଚଇ ଜୀବଜଗତ
ଯାହା କିଛି ଆମେ ଖୁସିରେ ଖାଉ
ସବୁ ତ ଆମେ ତା ଠାରୁ ପାଉଁ ।

ଭାବ ନାହିଁ ତାକୁ ଗୋଟାଏ ଗଛ
ନହେଲେ ଜୀବନ ହୋଇବ ତୁଚ୍ଛ
ଆସରେ ଆସ ଶପଥ ନେବା
ଜଗତ ସାରା ପୂଜା କରିବା ।

ବାଡ଼ି ବଗିଚରେ ଲଗାଇ ଗଛ
ପାଣି ଦେଇ କି ପୂଜିବା ଆସ
ଦାରୁବ୍ରହ୍ମଙ୍କୁ ତୁ ପୂଜିଲେ ଯାଇ
ଅଭାବ ତୋହର ରହିବ ନାହିଁ ।
ଦାରୁବ୍ରହ୍ମ ସିନା ଆମ ଭଗବାନ
ସେ ତ ଅଟଇ ସର୍ବ ଶକ୍ତିମାନ ।

**କୁମାରୀ ସୁମିତା ତପେଶ୍ୱର୍**
ଅଷ୍ଟମ ଶ୍ରେଣୀ
ରାସଗୋବିନ୍ଦପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ
ମାଣିଦା, ମୟୂରଭଞ୍ଜ

# ସାଉଁତା ସେରେଞ୍

ଅଲ୍ ଆକିଲ୍ ଗେୟାନ୍ ସେୟାନ୍
ଦେସେ ସେଣାୟ ଯେ ବୟହା ମିଶି

ଜାନାମ୍ ରଲ୍‌ତେ ଅଲଦ ବୟହା ୱତବନ୍ ଚେଦଃ ଆ...........(୨)

ସାଉଁତା ବିହିତ୍ ଆକିଲ୍ ଗେୟାନ୍
ଆପେ ଠେନ୍ ଗେ ୱତ ମେନାଃ

ଉଙ୍ଗାନ୍ ପେସେ ଧରମ୍ କାଥା ସାଇଁତା ତାଲାରେ................(୨)

ଅଲ୍ ପାଲ୍‌ହାଓ୍ୱ ଦ ମେଦ୍ ଏ ମାର୍ସାଲ୍
ଆସେନ୍ ବନାୟ ଦିଶମ୍ ଦିଶମ୍

ଜାନାମ୍ ରଲ୍‌ତେ ଅଲଦ ବୟହା ୱତବନ୍ ଚେଦଃଆ.............(୨)

ହିଜୁ ପେସେ ବୟହା ମିଶି
ଜୁମିଦଃ ଆବନ୍ ମିମିଦ୍ ଟାଂ ତେ

ଞୁତାତ୍ ତାହାର୍ ସାଉଁତା ତାବନ୍ ଦେବନ୍ ଲାହାୟ..............(୨)

**କୁମାରୀ ଜୟନ୍ତି ବାସ୍କେ**
ଅଷ୍ଟମ ଶ୍ରେଣୀ
ରାସଗୋବିନ୍ଦପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ
ମାଣିଦା, ମୟୂରଭଞ୍ଜ

# ପ୍ରଭାତ

ହେ ସୂର୍ଯ୍ୟ ଦେବତା  ସରଗ ମୁକୁତା
ଆଲୋକିତ କର ଜଳି
ନବ ଜାଗରଣ  ନିତି ପ୍ରତି ଆଣି
ମା' କୋଳେ ଦିଅ ଢ଼ାଳି
ସାତରଙ୍ଗ ଆଣି  ବାଣ୍ଟିଦିଅ ତୁମେ
ରଙ୍ଗହୀନ ତ୍ରିଭୁବନେ
ପ୍ରତି ପ୍ରଭାବଣେ  ମୋ ପ୍ରିୟ ଜଗତେ
ଆଣଶୁଭ ଜାଗରଣେ ।
ତୁମ ଆଗମନେ  ପକ୍ଷୀ ଯାଏ ଉଡି
ବହୁ ଦୂର ଦୂରାନ୍ତର
ତୁମ ଜାଗରଣେ  ଜାଗି ଉଠେ ଆମ
ପୃଥିବୀ ମାତା ଅନ୍ତର ।
ତୁମ କିରଣରେ  ଧୂଳି ଖେଳ ମୋର
ରହିଥାଏ ସ୍ମୃତି ହୋଇ
ତୁମେ ଗଲାପରେ  ଆମ ଅଗଣାରୁ
ଚାହିଁ ଥାଏ ତୁମ ପାଇଁ ।
ତୁମ ଆଗମନେ  ଆମ ବଗିଚାରେ
କେତେ ଯେ କୁସୁମ ଫୁଟେ
ଆମ ନଈ ତୁଠେ  କମଳ ପଦୁଁଅ
ନୀତି ନୀତି ଫୁଟି ଉଠେ ।



କୁମାରୀ ନିରୁପମା ଓର୍ମିଆ
ଦଶମ ଶ୍ରେଣୀ
ରାସଗୋବିନ୍ଦପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

# ଆମ ସ୍କୁଲ

ଆମ ସ୍କୁଲପରି ସ୍କୁଲଟି
ଏ ଦୁନିଆରେ ପରା ନାହିଁ
ନାହିଁ ପୁଅ ଝିଅ ଉଚ୍ଚନୀଚ ଭାବ
ସମସ୍ତେ ଉଭଣୀ ଭାଇ ।

ଆମ ଗାଁ ମୁଣ୍ଡେ ପ୍ରାନ୍ତର ମଝିରେ
ଏଇ ସ୍କୁଲଟି ଆମର
କାହିଁ କେତେଦିନୁ ସ୍ଥାପିତ ହୋଇଛି
ସୁନ୍ଦର ଶୋଭିତ ଘର ।

ଆଗରେ ରହିଛି ଫୁଲ ବଗିଚା
ତାହା ନିକଟରେ ଖେଳର ପଡ଼ିଆ
ଧାଡି ଧାଡି ହୋଇ ଶୋଭା ପାଉଅଛି
ଆମ୍ବ, ପଣସ, ନଡ଼ିଆ ।



ଖୋଲା ଆକାଶରେ ସବୁ ପିଲାମିଶି
ପ୍ରଭୁଙ୍କୁ କରୁ ପ୍ରାର୍ଥନା ।
ଘଣ୍ଟାଗଲେ ବାଜି ଶ୍ରେଣୀରେ ଗୁରୁଜୀ
କରନ୍ତି ପାଠ ଆଲୋଚନା ।

ଗୋଟିଏ ବାଜିଲେ ମଧ୍ୟାହ୍ନ ଭୋଜନ
ଖାଉ ମିଶି ଆନନ୍ଦରେ
ପଢ଼ା ସାରି ଯାଉ ବଗିଚା କାମରେ
କିଏ ବା ଖେଳକୁଦରେ
ଆମ ସ୍କୁଲ କାନ୍ଥେ ଲେଖା ହୋଇଅଛି
ମହାଜନଙ୍କର ବାଣୀ
ଗାନ୍ଧୀ, ଗୋପବନ୍ଧୁ, ନେତାଜୀଙ୍କ ଛବି
ମନ ନେଉଥାଏ କିଣି
ମଣିଷପରିକା ମଣିଷଟେ ଆଜି
କରିଛି ଆମକୁ ଯିଏ
ଚିର ସ୍ମରଣୀୟ ଚିର ବନ୍ଦନୀୟ
ଆମର ସ୍କୁଲ ସିଏ ।

**କୁମାରୀ ସିବାଙ୍ଗୀ ନାୟକ**
ନବମ ଶ୍ରେଣୀ
ଅସନଯୋଡ଼ା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

# ରଘୁନାଥ ମୁର୍ମୁଙ୍କ ପାଇଁ ପଦେ

ତୁମେ ଫୁଟିଥିଲ ଏ ଧରା ଧାମରେ
ହସ ଫୁଟାଇଲ ସାନ୍ତାଳି ମନରେ ॥
ଏ ସୁପ୍ତ ଜାତିଟି ଥିଲା ରସା ତଳେ
ପ୍ରଗତି ଆଣିଲ ତୁମ୍ଭ ଚେଷ୍ଟା ବଳେ ॥
ସାନ୍ତାଳି ଭାଷାର ଅକ୍ଷର ଲେଖିଲ
ମୁଣ୍ଡ ଟେକିଲାଣି ଜାତିଟି ଆମର ॥
ଦୟନୀୟ ଥିଲା ଆମର ଏ ଜାତି
ସମ୍ବିଧାନ ତାକୁ ଦେଲାଣି ସ୍ୱୀକୃତି ॥
ଧନ୍ୟ ଧନ୍ୟ ଅଟ ତୁମେ ରଘୁନାଥ
ତୁମେ ଆଜି ହେଲ ଆମ ଜାତି ନାଥ ॥
ବାଲ୍ୟ କାଳେ ଥିଲ ତୁମ୍ଭେ ଚୁନୁ ମୁର୍ମୁ
ବିଖ୍ୟାତ ହୋଇଲ ଏବେ ରଘୁନାଥ ମୁର୍ମୁ ॥
ଆର୍ଶୀବାଦ କର ଏଜାତି ପିଲାଙ୍କୁ
ବଜାଇ ରଖିବୁ ତୁମରି କୀର୍ତ୍ତିକୁ ॥

**କୁମାରୀ ସମିତ ମାଝି**
ଦଶମ ଶ୍ରେଣୀ
ରାସଗୋବିନ୍ଦପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

# ଶୁନା ଶୁନା
# ମୋର ଭାଇଭାଇନା

ଶୁନା ଶୁନା ମୋର ଭାଇଭାଇନା
କାତା ପଦେକ୍ ମୁଇ କିଦେବିନି
ଏ ମୋର ଭାଇଭାଇନା
ଶୁନା ମୋର ଭାଇ ଭାଇନା................(୧)

ମାଈ ଏନୋଫିଲିସ୍ ବୋଲି ମଶା
ଚାବି ଦେଲେ ଏନ୍ତା ହେଇସି ଦଶା
ଡାକ୍ତରଖାନା ଆମର୍ ଆଶା ଭରସା
ଓଷୋକୁଟୁ ଖାଏଲେ ନାଇଁ ନିରାଶା
ଆଦି ଗୁରୁମାର ଦିଶାରିକେ ତମେନାଇ ଧରାନି
ଏ ମୋର ଭାଇ ଭଉଣୀ...........(୨)

ମଶାମାଛି ମନ୍‌କର୍ ଜନମଘର୍
ଲଟା ବୁଦା ତଲେ ଇଟା ଯେ ସାର୍
ଘର ବାଡ଼ିକର ସଫା ସୁତର୍
ଲଟାବୁଦା କାଟି କରିବେ ସୁନ୍ଦର
ହାଇଟାର୍ ଲାଗି ଚିନ୍ତାନାଇ କରାନି
ଏ ମୋର ଭାଇଭଇନୀ.............(୩)



ଗାଁ ଲୋକସବୁ ଏକ୍ ହେଇ
ଗାଁ ସୁବିଧା ପାଇଁ
ଇଟାବୁଦା କରୁ ସଫାସଫି
ମଶା ନାଇ ହେବା ପାଇଁ

**କୁମାରୀ ରମା ମା**
ଦଶମ ଶ୍ରେ
ଏକଲବ୍ୟ ଆଦର୍ଶ ଆବସିକ ବିଦ୍ୟାଳୟ, ହି
ପୋ- ଅଗ୍ନିପୁର, ଭାୟା- ନବରଙ୍ଗପୁ
ଜିଲ୍ଲା-ନବରଙ୍ଗପୁର, ପିନ- ୭୬୪୦୫

# ଯଦି ମୁଁ ହୋଇଥାନ୍ତି

ଯଦି ମୁଁ ବିହଙ୍ଗ ହୋଇଥାନ୍ତି
ଆକାଶେ ଭ୍ରମଣ କରିଥାନ୍ତି ।
ଯଦି ମୁଁ ମେଘ ହୋଇଥାନ୍ତି
ନିର୍ମଳ ଆକାଶ ଢାଙ୍କି ଦିଅନ୍ତି ।
ଯଦି ମୁଁ ପୁଷ୍ପ ହୋଇଥାନ୍ତି
ସମସ୍ତଙ୍କର ମନରେ ହସ ଫୁଟାଇଥାନ୍ତି ।
ଯଦି ମୁଁ ଶିଶିର ହୋଇଥାନ୍ତି
ଘାସ ଉପରେ ବିନ୍ଦୁ ହୋଇ ରହିଥାନ୍ତି ।
ଯଦି ମୁଁ ଚନ୍ଦ୍ରମା ହୋଇଥାନ୍ତି
ବାରିଦ ସହ ଲୁଚକାଳି ଖେଳିଥାନ୍ତି ।
ଯଦି ମୁଁ ହୋଇଥାନ୍ତି ଦୀପ
ଜଗତକୁ କରିଥାନ୍ତି ଆଲୋକିତ ।
ଯଦି ମୁଁ ସୁଗୁଣର ଛାତ୍ରୀ ହୋଇଥାନ୍ତି
ସମସ୍ତଙ୍କଠାରୁ ସ୍ନେହ ପାଇଥାନ୍ତି ।



**କୁମାରୀ ସାରଥି ହାଁସଦା**
ଦଶମ ଶ୍ରେଣୀ
ରାସଗୋବିନ୍ଦପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

# ଉତ୍ଥାନ

କାହିଁକି ମୂକ ତୁମେ
କାହିଁକି ବଧିର,
କାହିଁକି ନିରବ ଦ୍ରଷ୍ଟା ?
ଜାଗିଉଠ ତୁମେ
ଉନ୍ନତିର ପଥେ
ନିଯୋଗ ନିଜ ଚେଷ୍ଟା (୧)

ରାଷ୍ଟ୍ର ଚାହୁଁଛି ଆଜି
ତୁମରି ସାହାଯ୍ୟ
ତୁମରି ହୃଦୟ ଶକ୍ତି,
ମିଶାଇ ଦିଅ ତୁମ
ତନୁ ମନ ରାଜି
ତା' ଚରଣେ ରଖି ଭକ୍ତି (୨)

ଦଣ୍ଡିତ ଆଜି ସିଏ
କୁ-ପୁତ୍ର ହସ୍ତରେ
କୁ-ପୁତ୍ରର ଅତ୍ୟାଚାର,
ମୁକତି ଦିଅ ତୁମେ
ସେ ଅତ୍ୟାଚାରୁ
ସୁ-ପୁତ୍ରର କର୍ତ୍ତବ୍ୟରେ (୩)

କଳେବର ତାହାର
ପୀଡ଼ିତ ଅନ୍ୟାୟେ
ପୀଡ଼ିତ ଦୁର୍ନୀତି ଗସ୍ତେ,
ନ୍ୟାୟର ସଞ୍ଜିବନୀ
ଆଣି ତୁମେ ଆଜି
ବୋଲିଦିଅ ତା' ଚିତ୍ତେ (୩)

ଜାତି ଧର୍ମ ବର୍ଣ୍ଣ
ନିର୍ବିଶେଷେ
ଭ୍ରାତୃତ୍ୱର ସୁବନ୍ଧନେ,
ଡାକ ଏକ କଣ୍ଠେ
ମାଆ ବୋଲି ଥରେ
ଫୁଟୁ ହସ ତା' ବଦନେ । (୪)

**କୁମାରୀ ରମା ମାଝୀ**
ଦଶମ ଶ୍ରେଣୀ
ଏକଲବ୍ୟ ଆଦର୍ଶ ଆବସିକ ବିଦ୍ୟାଳୟ, ହିର୍ଲି
ପୋ- ଅଗ୍ନିପୁର, ଭାୟା- ନବରଙ୍ଗପୁର
ଜିଲ୍ଲା-ନବରଙ୍ଗପୁର, ପିନ- ୭୬୪୦୫୯

# ଶିକ୍ଷା

ଏକ ଏକ ଦୁଇ,

ଆମେ ଭଉଣୀ ଭାଇ ।୧।

ଦୁଇ ଦୁଇ ଚାରି,

କରିବାନି କେବେ ଚୋରି ।୨।

ତିନି ତିନି ଛଅ,

ଭଲ ମଣିଷ ହୁଅ ।୩।

ଚାରି ଚାରି ଆଠ,

ମନ ଲଗାଇ ପଢ଼ ପାଠ ।୪।

ପାଞ୍ଚ ପାଞ୍ଚ ଦଶ,

ଅର୍ଜନ କର ଯଶ ।୫।




ଛଅ ଛଅ ବାର,

ଦୁଃଖିକୁ ଦୟା କର ।୬।

ସାତ ସାତ ଚଉଦ,

ଶ୍ରାବଣ ଶେଷେ ଫେରେ ବଉଦ ।୭।

ଆଠ ଆଠ ଷୋହଳ,

ଖାଇଲେ ଆସେ ବଳ ।୮।

ନଅ ନଅ ଅଠର,

ଭାବିବା ପରକୁ ନିଜର ।୯।

ଦଶ ଦଶ କୋଡିଏ,

ବାଘ ମାମୁଁ ଯୋଡିଏ ।

**କୁମାରୀ ସିଲା ଟୁଡୁ**
ଦଶମ ଶ୍ରେଣୀ
ରାସଗୋବିନ୍ଦପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

# ଆମ ବିଦ୍ୟାଳୟ

ଖଡ଼ ଖାଇ ବନ୍ଧ ତଳେ ଆମ ବିଦ୍ୟାଳୟଟି
କନ୍ୟା ଆଶ୍ରମ ବୋଲି ତା'ର ନାଁଟି
ଚତୁର ପାର୍ଶ୍ୱରେ ଘେରା ଗହଳ ସବୁଜବନ
ସୁଲୁସୁଲୁ ବହେ ଶୀତଳ ପବନ
ଦୂର ଦୂର ପିଲା ପଢ଼ନ୍ତି ଏଠି
ଭଲ କରି ରଖନ୍ତି ବିଦ୍ୟାଳୟ ନାଁଟି
ବିଦ୍ୟାଳୟ ଆଗରେ ଫୁଲ ବଗିଚା
କେଡ଼େ ସୁନ୍ଦର ତା' ଘାସ ଗାଲିଚା
ଉଙ୍କାମ ପାହାଡ଼ ତଳେ ଆମ ବିଦ୍ୟାଳୟଟି
ସବୁଠୁ ସରଳ ସରସ ତା'ର ନାଁଟି
ସୁଲେଇପାଟରେ ଅଛି ଲୁହାଖଣି
ଯିଏ ଜାଣିନାହିଁ ରଖ ଏକଥା ଜାଣି
ବଡ଼ଦିନ ନୂଆବରଷରେ ଏଠାକୁ ଆସି
ଭୋଜି କରନ୍ତି କେଡ଼େ ମଜାରେ ବସି
ମନଦେଇ ପାଠ ସମସ୍ତେ ପଢ଼ିବ
ସୁଲେଇ ପାଟଆଶ୍ରମର ନାଁ ରଖିବା
ସୁଲେଇ ପାଟ ଡ୍ୟାମଟି ଆଶ୍ରମରୁ ଅତି ପାଖରେ
ଦୂର ଦୂରାନ୍ତରୁ ଆସନ୍ତି କେତେ ଗାଡିରେ
ଖଡ଼ ଖାଇ ବନ୍ଧ ତଳେ ଆମ ବିଦ୍ୟାଳୟଟି
ସମସ୍ତେ ଜାଣନ୍ତୁ ତା'ର ପରିଚୟଟି ।



**କୁମାରୀ ରଞ୍ଜିତା ମୁର୍ମୁ**
ଦଶମ ଶ୍ରେଣୀ
ରାସଗୋବିନ୍ଦପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

# ଗୁରୁ ଆମ ପିତା

ଗୁରୁ ଆମ ପିତା ଗୁରୁ ଆମ ମାତା
ଗୁରୁ ଆମ ଭାଗ୍ୟବିଧାତା
ଗୁରୁ  ଆଲୋକରେ ଆଲୋକିତ ହୋଇ
ଆମ୍ଭେ ହୋଇବୁ ଜଗତ ଜୀତା ।

ତୁମରି ଆଶକ୍ଷେ ଆମ
ଜୀବନ ହେବ ଗଢ଼ି
ତୁମରି ପ୍ରସାଦେ ଆମ
ଉଜ୍ଜ୍ୱଳ ହେବ ଧରା



ତୁମରି କରୁଣା ଝରୁଥାଉ ସଦା
ରହୁ ପ୍ରୀତି ପିତା ମାତାଙ୍କର

ଭାଷା ହେଉ ମୋର ମଧୁର
ଏ ଦେଶ ହୀତରେ ଯାଉ ପଛେ ଆମ ମଥା ।

**କୁମାରୀ  ଲିଲି ରାଣୀ**
ଦଶମ ଶ୍ରେଣୀ
ରାସଗୋବିନ୍ଦପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

# ସାୟଲଡ଼ି ଗୀତ

ଲସୁନ ପତର ଲସ ଲସିଆରେ

ଲସ ଲସିଆ (୨ଥର)

ଡାଲ ଖାଇରେ ପିଆଜ ପତର ଠିଆ ଡାଲ ଖାଇରେ

ଆମେ ଯିବୁ ଆଚେ ଡଙ୍ଗରା ବିଜୁରେ

ଡଙ୍ଗରା ବିଜୁ । (୨ଥର)

ଡାଲ ଖାଇରେ ଜୁଲେକ ଦାଙ୍ଗଡ଼ା ଦିଆ ଡାଲ ଖାଇରେ

ଜୁଲେକ ଦାଙ୍ଗଡ଼ା କିସ୍ କରିବୁରେ

କିସ କରିବୁ (୨ଥର)

ଡାଲ ଖାଇରେ ଗୁମୁଣ୍ଡା ଗାଆର ତଳି ଡାଲ ଖାଇରେ

ନକି ରାନ୍ଧା ଭାତ କସଲା ପାଣିରେ

କସଲା ପାଣି (୨ଥର)

ଡାଲ ଖାଇରେ ସୁଲୁ ଟୁଟୁ ଗୁନ ମଟର ଚଣା

ମଟର ଚଣା (୨ଥର)

ଡାଲ ଖାଇରେ ଆମଟ ରାନ୍ଧିଲେ ମିନା ଡାଲ ଖାଇରେ

କଲରା କଲରା ବୁଟି କଲରା

ବୁଟି କଲରା । (୨ଥର)

ଡାଲ ଖାଇରେ ଧୋଇ ଧୋଇ କରି ରାନ୍ଧା ଡାଲ ଖାଇରେ

ଆସିଲା ମାଷ୍ଟ୍ରେର ଧରିଲା ବହିରେ

ଧରିଲା ବହି । (୨ଥର)



ଡାଲ ଖାଇରେ ପିଲାମାନେ ରହି ରହି ଡାଲ ଖାଇରେ

ଗାଡ଼ି ଛେଗୀ ଯଧ ଦିଆ ଡ଼ାଇ ବର ବାବୁରେ

ଡାଇ ବର ବାବୁ (୨ଥର)

ଡାଲ ଖାଇରେ ସୁଭଦ୍ରା ଦେଉଳ ଯିବୁ ଡାଲ ଖାଇରେ

ଶୁଭଦ୍ରା ଦେଉଳି କାଯ୍ୟ କରି ବାସରେ

କାଯ୍ୟ କରି ବାସ (୨ଥର)

ଡାଲ ଖାଇରେ ପୂଜା ପାଣି ଦେବା କାଦେ ଡାଲ ଖାଇଲେ

ତୋର ପୂଜା ପାଣି ଆନତେ ରେଲିରେ (୨ଥର)

ବଡ଼ ଦାଣ୍ଡେ ପାଣିର ଗଲି ଡାଲ ଗାଇରେ

ଡାଲ ଖାଇରେ ଡାଲ ଖାଇରେ (୨ଥର) ।

**କୁମାରୀ ରମାମଣି ନାୟକ**
ସପ୍ତମ ଶ୍ରେଣୀ
ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ହିର୍ଲି

# ଆମ ପରିବେଶ

ଆମ ଘରିପାଖେ    ଯାହା ଦେଖାଯାଏ
ଭଲ, ମନ୍ଦ ସବୁ ଦୃଶ୍ୟ
ତାହା ହେଲା ଆମ ବିଶ୍ୱବାସୀଙ୍କର
ଆପଣାର ପରିବେଶ ।୧।।

ମାନବ ସମାଜ    ବନ୍ୟ, ଜୀବଜନ୍ତୁ
ସରୀସୃପ ଯେତେ ଜାଣ
ସେ ସବୁକୁ ନେଇ    ଆମ ପରିବେଶ
ତିଆରି ହୋଇଛି ପୁଣ ।୨।।

ବିଶ୍ୱବାସୀଙ୍କର    ସ୍ୱାସ୍ଥ୍ୟ ନୀରୋଗରେ
ମୂଳ ଅଟେ ପରିବେଶ
ପରିବେଶ ଆମ    ଶୁଦ୍ଧ ଜଳ, ବାୟୁ
ପାଉ ସୁସ୍ଥ ନାନା ଖାଦ୍ୟ
ସେ ସବୁକୁ ପାନ    କରି ଆମ ବିଶ୍ୱ
ନିରୋଗ ରଖିଛି ସ୍ୱାସ୍ଥ୍ୟ ।୪।।

ସବୁଠାରୁ ବଡ଼    ଦୁଃଖର ବିଷୟ
ଶୁଣ ମୋର ବିଶ୍ୱବାସୀ
ଆଜିର ଦିନରେ    ଆମ ପରିବେଶ
ନଷ୍ଟ ହୋଇଲାଣି ବେଶୀ ।୫।।

ପରିବେଶ·ଆମ    ନଷ୍ଟ ହେବାର ଯେ
ଏହା ହିଁ ମୁଖ୍ୟ କାରଣ
ବିଶ୍ୱେ ଆଜି ଆମ ବଢ଼ି ଚାଲି ଅଛି
ଜନ ସଂଖ୍ୟା ବହୁ ଗୁଣ ।୬।।

ବହୁ ଯାନ, ଯନ୍ତ୍ର    ବିଜ୍ଞାନ ବଳରେ
ଉତ୍ପତ୍ତି କଲାଏ ବିଶ୍ୱ
ଏ ସବୁ ସକଳ    ବ୍ୟବହାର ଯୋଗୁଁ
ନଷ୍ଟ ହୁଏ ପରିବେଶ ।୭।।

ଯଦି ଆମେ ସାରା    ବିଶ୍ୱ ଭ୍ରାତୃଗଣ
ଜନସଂଖ୍ୟା ନିବାରିବା
ତା'ହେଲେ ଆମେ    ଏ ପରିବେଶକୁ
ନିଶ୍ଚିନ୍ତ ଭଲ ରଖିବା ।୮।।

ବିଜ୍ଞାନ ବଳରେ    ବାହାରନ୍ତା ଯଦି
ଧୂମ ହୀନ ଯନ୍ତ୍ର, ଯାନ
ତା'ହେଲେ ଭାଇ    ଆମ ପରିବେଶ
ନ ହେବ ଦୂଷିତ ଜାଣ ।୯।।

ଆମେ ସବୁ ଭାଇ    ମିଳିମିଶି ହୋଇ
ଲଗାଇବା ସବୁ ବୃକ୍ଷ
ଗଛ, ଲତା ଆମ ବିଶ୍ୱ ପରିବେଶ
ଏହାହିଁ ସଭିଙ୍କ ଲକ୍ଷ୍ୟ ।୧୦।।

ବିଶୁଦ୍ଧ ରହିଲେ    ପରିବେଶ ଆମ
ସୁସ୍ଥ ଯେ ରହିବ ବିଶ୍ୱ
ବିଶ୍ୱ ସୁସ୍ଥ ହେଲେ    ମାତୃଭୂମି ଆମ
ଚିରଦିନ ହସୁଥିବ ।୧୧।।

**ବିରେନ୍ କୁମାର ନାୟକ**
ନବମ ଶ୍ରେଣୀ
ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ,
ବାଣିଗୋଛା, ନୟାଗଡ଼

# କାଥାନି

# କାଳ କୁଇଲି

ଲେନ୍ ସୁନୁମ୍ କୁଇତି ସୁନୁମ୍ ମାଝି କୁଇଅଃ କାଲେୟା ସେତା ଦାଃ ମାତିଲେ ଏମାଦେୟା ବାୟ ବିଲେନ୍ ଆର ହକ୍ ଜୁଟିଞ୍ ଆଦେବାୟ ବିଲେନ ଲଲ ଲଲ ମାତକମ୍ ଆନ୍ଦାଃ ଡାଡୁ ତେକ ଦାଲ ଲେଦେ କାଇଁ କୁଇଁ କୁଳ ଋଙ୍ ।

ଆବ ସାଓଁତାରିନ୍ କାଟି କାଟି ଗିଦ୍ରାକ ମିଟାଙ୍ଗ୍ ପାର୍କମରେ ଦୁଲୁବ୍ କାତେ ପାନ୍ତେତେ ସାପାବ୍ କାତେ କ ସେରେଞ୍ଆ ଅନ୍‌କା ଗେ ମିଟାଙ୍ଗ ଅଲାରେ କାଳ ଆର କୁଇଲି କିନ୍ ଜାନାମ୍ ଲେନା ଉନ୍‌କିନ୍‌ରିନ୍ ଆୟ ବାବା କ ବାକନ୍ ତାହେନ୍ ଲେନା କାଳ ଆର କୁଇଲ ଜୋ ହୁଡିଞ୍ ହୁଡିଞ୍ ଖନ୍ ମାମ ମାମ ଅଲାଃ ରେଗେକନ୍ ହାରାଏନା କିନ୍ ମାମ ଦୋ ବେଶ୍ ହାକନାୟ ଆଇ ଭାତମ୍ ଦୋ ଆଲସା କିନାୟ ଅନ୍ କାଗେ ଆବ ସାଓଁତାରେ ପାରାବ ମାନାଆବନ ଅନା ଦୋ ହୁୟୁ କାନା ଗହ୍ମା (ରାକ୍ଷୀ ପୂର୍ଣ୍ଣିମା) ଇନ୍‌ହିଲ ଦୋ ବାଦ୍ ଖାତ୍‌ରେ ବାକ କାମିଆଁ ।

କାଳ କୁଇଲି ମାମ ଅଲାରେ କିନ୍ ତାହେଁ କାନା କିନ୍ ଆର ମାମ ଦୋ ଅଲାରେ ବାୟ ତାହେଁ କାନା ହାତମ୍ ମେତ୍ରାଃ କାନା ଦୁ ବାଦ୍ ଋଲା ବନ୍ ଆର ବାଦ୍‌ରେ କାମିବିନ । କାଳ ଆର କୁଇଲି ବାଦ୍‌କିନ୍ ଋଲାଏନା । ଆର ବାଦ୍‌ରେ ମାମ ଅଲାତେ ହେଞ୍ଃ ଏନା ହାତମ୍ କୁଲି କିଦିଆ କାଳ ଆର କୁଇଲି ଦୁକିନ୍ ଅକାଏନା ହାତ୍‌ମ୍ ମେନ୍ କେୟାଏ କାଳ ଆର କୁଇଲି ଦୋ ବାଦ୍ କାମି କିନ୍ ଋଲଉକାନା ଏଲେ କାତେ ଲେଇ କିଆୟ୍ ମାନା ଏଦ୍‌କିନ୍ ତା ହେଦ୍ ଇଙ୍ଗ୍ ବାକନ୍ ବାଆଜମ୍ ଲେଆ ମାମ ବାଦ୍‌ତେ ଋଲାଓଏନା କାଳ ଆର କୁଇଲି ଆଧାକିନ୍ ବିଙ୍ଗ୍ ହାକାନା କିଙ୍ଗ୍ ।

ମାମ ରାଆଃ ତିକିନ୍ ମେତା ଦେୟା ମାମ ଆଲିଙ୍ଗ୍ ଦୋ ବାଲିଙ୍ଗ୍ ଗୁଆଲା ଆଲିଞ୍ଃଆଁ ମଲଙ୍ଗ୍‌ରେ ସିନ୍ଦୁର ଟିଡା ଆଲିଞ୍ଃ ମେ ଆମ ଦୋ ଗୁଆଲତେ ହାତମ୍ ଲେୟାମେ ଆଲିଞ୍ଆ ନୁତୁମ୍ ତେ ସୁନୁମ୍ ସିନ୍ଦରେ ଆଣଗୟ ମେ ଇନା ପରେ ତେ କାଳ କୁଇଲି କନ୍ ଆଣ୍ ଗୟେନା କିନ୍ ଗାଡାତେ ଅନା ଦକ ମେତାଆଃ କାଳ କୁଇଲି ଗାଡା ଅନା ତେକ ଲୈଆ ଗହ୍ମା ହିଲ ଦୋ ବାଦ୍‌ରେ ବାକ କାମିଆ ।

**ଗୀତା ସରେନ୍**
ଅଷ୍ଟମ ଶ୍ରେଣୀ
ରାସଗୋବିନ୍ଦପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ
ମାଣିଦା, ମୟୂରଭଞ୍ଜ

# ପିଟାଙ୍ଗ ସିଛୁ ହଲ ରୂପ ଏନାୟ

ଚାଟାଣି ଟଲାରେ ମିଟାଞ୍ଜ ବୁଢ଼ୀ ତାହେ କାନାୟ । ଉନିବୁଢ଼ୀ ଗିଜ୍ ଦତଲିହ ବାଜୁଃ କତାୟା ପିନ୍‌ଦିନ୍ ଦସାରୁ ଲା'ଏଦ୍ ତାହେନ୍ । ସାରୁ ଦାଲେ ରେଦପିଟାଞ୍ଜ ତଜୁୟ ତାହେ କାନାୟା । ବୁଢ଼ୀ ସାରୁ 'ଲା' ସପାୟ ତିଜୁ ପେନ୍ ଏୟାୟ ଏବୁଢ଼ୀ ନଚେପ୍ ବାଜାଞ୍ଜିଆ । ବୁଢ଼ୀ କୟଃ କାଲାକେଆୟ ଅକୟ ହଁ ବାୟ ଞେଲଞାପ୍‌ଲେଦ୍‌କଆ । ଚେଦ୍ କ୍ୟାହଁ ବାସାୟ ଆଞ୍ଜପ୍ ଜାଚେ 'ଲା' ତୁଦ୍ କେଦେୟା । ତଦୁୟ ପେନ୍ କେଆ ଆୟ....... ଆୟ......... । ଏବୁଢ଼ୀ ନିତପାପ୍ ଲାତୁଜ୍ କିଜିଞାପ ନିତଦ୍ ଆଷାଙ୍କ ଅଲାଃ ଇଦିଞ୍ଜ ପେ । ବୁଢ଼ୀ ପେନ୍ କେ ଆୟନ ଆପ୍ ଇଦି କାଚେ ଚେଦ୍ ଚିକା ପେୟାଞ୍ଜ ତିଜୁ ପେନ୍ କେଆୟ ଆପରିଜ୍ ପେରପ୍ ପେନାକଦ ଉଜବକୁ ଗୁଦିୟାପା । ବୁଢ଼ୀପେନ୍ କେଆୟ ଆପ୍ ତିଜୁ ଅକାକରେକ ଲେବେଦ୍ ପଚର ପେୟାକଅ ଆପେପେଷ୍ ଦାଲେ ଆକ୍‌ଚିଞା ତିଜୁ ପେନ୍ କେ ଆୟ ବାଙ୍ଗୁବୁଢ଼ୀ ଇଦିଞ୍ଜପେସୋ ବୁଢ଼ୀ (ଇଦି କେଜେୟା) ତିଜୁ ପେନ୍‌କେଆ ଏବୁଢ଼ୀ ଚେଲେଞ୍ଜ ଦ ତୁପୁ ଆରୁଞ୍ଜ ପେ ଉନିବୁଢ଼ୀ ଇଦି କେଦେୟାୟ୍ ବରସାପା ସମୟ ତିଜୁଆ ଗେଲ୍‌ଦାର ବକା ଉବ୍‌ତାୟ ଞରଏନା । ଉନିବୁଢ଼ା ପେନ୍ କେଆୟ ଉଜାଃଉବ୍ ଦୁଞ୍ଜ ବିକାୟା ଦାଃ ଗିଞ୍ଜ ଆତୁୟ ଚେହଁ ହାକୁକ୍ ପାଶିଆ ପୁଟୁରିଞ୍ଜ ଦହୟ ଚେହଁ ଚେଚୋକ ପାଶିଆ । ରଜାଃ ଅନ୍ତରେ ପିଟାଙ୍ଗ୍‌ଲଆ ଆତୁ ହେଜ୍‌ଏନା । ଅନାରେ ଉବଦହ କାଚେ ଆତୁଗଜ୍ କାଆୟା । ଅନା ଅକ୍ତରେ ଦଲତ୍‌ଲା ଆତୁରିନ୍ ରାଜା ହପନ୍‌ଏରା ତୁପୁନ୍‌ବା ଆଣଗୋ ଲେନ୍‌ତାହେ । ରାଜା ହପନ୍‌ଏରା ଞେଲ୍‌କେଆ ଅନାଲଆ । ଲଆ ଆରୁ କାଚେଦ୍ ଞେଲ୍ କେଆୟ ଲଆ ଭିତରେ ମେଲ୍‌ଦାର୍ ପକାଉଦ୍ । ଉନା ଜିଲିଞ୍ଜ ଉବ୍ ଅକୟା ? ଚାପରେ ଅଲାଃ ଚାଲାଅ କାଚେଦ୍ ଆଞ୍ଜ ବାବା ରାଜା ପେଚାଦ୍‌ଦେୟା ବାବାଦଆ ଗେଲ୍‌ବାର୍ ପକାଉବ୍ ଅକୟା କାନ । ଉଦି ହଲ ଞାପ୍ ଆଗୁ ୟେପେ । ରାଜା ଆଜ୍‌ରିନ୍ ହଲଲେ ହହ କାଚେଦ୍ ଲାଇ ଆଦ୍ କଆୟ । ଉନିକୁ ହଁପେଚାଦ୍ ଓଆୟ ଯୁଦି ଉନିଉକ ଦାପେଞାପ୍ ଆଗୁଏୟା ଏନ୍‌ଆନ୍ ଇଞ୍ଜଦାକା ଗେ ଦାଞାଜପା । ଅନା କାଥା ଆଦପ୍ କାଚେଦ୍ ଲାଇ ରାଜା ହରବର୍ ୟେଦାୟ । ଆଜ୍‌ରିନ୍ ହଲ୍‌ଲେ ପେଚାଦ୍‌କଆ ଆପେ ପେଟା ପେଟା ଦିଚାପ୍‌ଚାଲାଅ କାଚେଦ୍ ଲାଇ ଆକପେ ଯେ ଦଲଡ଼ିହା ଆତୁରେ ରାଜା ହହ ଆକାଆୟା ଆର୍ ଯେପିଚି ଜଅତ ହଲକ ହାଜୁଗା । ରାଜାହା ହୁକୁମ୍‌ଚେ ଜହେଲକ ଗଲା ଅଏନ୍‌ଚେ ଲାଇହେଟ ଆଦ୍‌କଆ । ଇନାଜର୍ ସାର୍‌ହିଲ ଜତ ଦିଶପ୍‌ରିନ୍ ହଲକ ହେଜ୍ ପେଟେର ଆକାନାକ ଖାଲିଶଲକ୍ ପେରେଜ୍ ହଲ୍ । ଅନାଚାଟାଣିଟଲା ପାରଡ଼ା କାଚେଜ୍ ଗଲାକାନାକ । ଆଜ୍‌ଉନି ତିଦୁୟ ପେନ୍ ଏଆୟଏଁ ବୁଢ଼ୀ ଇଞ୍ଜହିଁ ଇଜି ହେଟ କାଞ୍ଜ ମେସେ । ଅନାରାଜାହା ଖୁଣ୍ଟିରେ ଦହ ଭେଟ୍ କାଞ୍ଜପେ । ଉନି ବୁଢ଼ୀ ପେନ୍ କେଆୟ ବାଖ ଆପ୍ ତିଜୁ ଅଡ଼େଚାଲାଅ କାଚେଜ ଚେଦ୍‌ଏମ୍ ଚିକାୟା । ବାଙ୍ଗୁବୁଢ଼ୀ ଚଲସେ ଇଜି ହେଟକାଞ୍ଜପେ । ଉନିବୁଢ଼ୀ ଭାରିଚେ ଇଜି ହେଟକାଚେଜ୍ ଝାଟିପେନ୍‌ରେ ଅହହେଟ କାଜ୍ ଦେୟ । ଜତ୍‌ଦିଶପ୍‌ରିନ୍ ହଲକଅ ହେଜ୍ ସେଟେରେନା । ଆଦ୍ ରାଜା ଆଦିଜ୍ ହପନ୍‌ଏରା ହହଆଦ୍ ଦେୟା ହପନ୍‌ଏରା ବାହାପାଲାସାବ୍ କାଚେଦ୍ ଅଡ଼କ୍ ଏନାୟ । ଚାଲାଏନାୟ ଅକାଝାଣ୍ଟିରେ ବୁଢ଼ୀ ଉନି ତିଜୁୟଦହ ହେଟ ଲେଦେୟା ଅଣ୍ତେ ତାଲାକାଚେଦ୍ ବାହାପାଲା ଆର୍‌ଅ କାଚେଦ୍ ଆରୁ କେଦେଚେ ତିୟାର୍ ରେଦହ କେଦୋୟା । ଜତଦିଶପ୍‌ରିନ୍ ରାଜା ହପନ୍ କଅକ କୟଗଦ୍ କାଆ । ପେନ୍ କେଆକ ପାୟା ହାନି ତିଜୁ ଠେନ୍ ହାଓ୍ୱଁୟ ଏନାୟଏୟା ଞେଲେପ । ଲାଜାଅବାୟ୍ ବୁଝାଅ ଲେଆ ତିଜୁଠେନ୍ ଜାଓ୍ୱଁୟ ଏନାୟା । ରାଜା ଆଡ଼ି ଲାଜା ଏ ବୁଝାଅ କେଆୟ । ଉଦାଦିଶପ ଭଲ ହହକାଚେଦ୍ ଉନାଚରକ୍ ଚରକ୍ କଲା ଦାୟ କୁଶି ଆଦ୍‌କଆ । ଉନି ତିଜୁଠେନ୍‌ଏ ଜାଓ୍ୱଁୟ ଏନାୟ । ଦିଶପ୍ ହଲକଅ ଆଡ଼ିଗାନ୍ କାଥାକ ପେଚାଦ୍ ଦେୟା ରାଜା । ରାଜା ଚେଦ୍‌ହଁବାୟ ପେନ୍‌ଦାଲେ ୟାଦ୍ ଆୟ । ଦିଶପ୍ ହଲ କଅ ଚାଲାତାବା ୟେନା କଅ । ଆଡ଼ିଦିନ୍ ଅନ୍ କା ଗେ

ଟାଲାଏନା । ଏଜା ଟାୟଟା ପିଜ୍‌ଦିନ୍ ହିକ୍ ଉଦି ଟିଜୁ ଖଲ୍ ଖଲ୍ ଅଡ଼କ୍ କାଟେଦ୍ ଦାଲାନ୍ ଦେ ଟାଲାଅ ଲେଜାୟ ଆୟୁଦ୍। ଇନାଟାକ୍‌ଲେହପନ ଏରାଅନା ଟିଜୁ ଖଲଦାୟ ଆଟାରାନ୍‌ଆ ଆଦ୍ ଉଜି କୁଳି ସିଲିଞ୍ଜ ପିରିକଟାରେ ଉକୁ ୟେନାୟାଉନି କଲା ହେନ୍‌ଏଦାୟ ଞେଲ୍ କେଆୟ ଆଜାଟାହେନ୍ ଅଲାକ ଭାପୁନ୍ ଆକାଆ । ଟାପରେ ଉନି କୁଳି ସିଲିପିନ୍ କଟାଥନ୍ ଅଡ଼କ କାଟେଦ୍ ପେଟାୟ କାନାୟ ଟେହା ଆପ୍ ନୁନା ଉକୁଠାର ଚଦାଏପ୍ ଟାହେନ୍ କାନା । ଟେଦ୍ ହଲ ସାଲା ଞାପାପ୍ ବାୟସାନା ୟେଜ୍ ପେୟା । ଆଦ୍ ଆଦ୍‌ବାବାହହ ଆଦ୍ ଦେୟା । ଆଦ୍‌ବାବା ହେଜ୍ ଆକେଟଜ୍ ଞେଲ୍ କେଦେୟା ବଙ୍ଗାଲେକାନ୍ କଳାହପନ, ଆଦିଜ୍ ହପନ୍‌ଏରା ପେନ୍ କେଆଏ ବାନୁୟଗେ ଟିଜୁ ଖଲରେ ଉକୁ କାଟେଦ୍‌ଏ ଟାହେ କାନାୟ । ରାଜା ଆଟିଦୁର ଖୁସିକାଟେଦ ଆଟୁ ହଲ ହଲ କାଟେଦ୍‌ଏ ପେଟାନ୍ କଆୟ ଞେଲେପ୍ ଇଞ୍ଜଜ୍ ହପନ୍ ଏରା ଇଦ୍ ଜାଓ୍ୱାଁୟ ଟିନାଙ୍ଗ ଚର୍‌କ । ଆଟୁହଲ କପେନ୍ କେଆ ଆୟୁ ଆଜିଦ୍ ଜାଓ୍ୱାଁୟ ଗଙ୍କେଟିନାଙ୍ଗ ଚର୍‌କ । ଆଟୁହଲ କ ଆଡ଼ିକ ଖୁସି ଏନାୟ । ଅନା ଖନ୍ ଉଜି ଟିଜୁକଲା ଦୟ ହକ୍ ରୂପ ରେଗେୟ ଟାହେ ୟେନା ।


ଧାନୀ ପାଣିକ ପାଣ୍ଡି
ଦଶମ ଶ୍ରେଣୀ
କୁଜିଡିହି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

# ଅଲ ଗୁରୁ ପଣ୍ଡିତ ରଘୁନାଥ

ସୁର ସାଙ୍ଗିଞ୍ଜ ଖନାଃ ଆଡ଼ି ହାହାଲାଗେ ସହର ସେଟେରାକାଆତ୍ ବନାକିନ୍ ଜାନାମ୍ ଖାଲାଂତେ ଅଲଦା ଉନ୍‌କିନ୍‌ମେ ପୁୟଲୁ ନାଆ ଜାନାମ ଆଲାଂତେ ଅଲକିନ୍ ଉଜ୍ଞାନ ଲେଆଃ । ଅନା ଖାତିରତେ ଆବ ଝତକରେ । ନଆ ଜାନାମ୍ ଅଲରେବନ ସେଲେଦ୍ ଦାଲେ ହାକାଅଆଃ । ଯାହାୟ ଖାତିର ତେ ଆବଆଃ ନଆ ସାନ୍ତାଳୀ ସମାଜ ହଁୟ ମାଲାଂ ଦାଲେ ହାକାଅଆଃ । ଯାହାଁୟ ତେହେଞ୍ଜ ହାଁବିଜ୍ ତେହଁ ଅଲ ଗୁରୁ ହିସାବ ତେବନ ବଙ୍ଗା ଆକିନ୍ ଜାନା । ଉନ୍‌କିନ୍ ଦୁକିନ୍ ହୁୟୁଃ କାନା ଅଲଗୁରୁ ପଣ୍ଡିତ୍ ରଘୁନାଥ ମୁର୍ମୁ । ମେନ୍‌ଖାନ୍ ନିତଃ ଆବ ଇନାଃ ଦୁଃଖ୍ ବନ୍ ବୁଝାଉ ଏଆଃ ଯେ ଉନିକିନ୍ ମା ନିତଃ ନଆ ସାନ୍ତାଳୀ ସମାଜ୍ ଦ ଚେଦାଃ ନଆ ଧାର୍ତ୍ତୀ ପୁରୀରେଗେ ବାନୁଃ କିନା । ଉନ୍‌କିନ୍ ଆଃ 'ଅଲଚିକି' ଉଜ୍ଞାନ୍ ଆବଆଃ ଧାର୍ତ୍ତୀ ତାଲାରେ ଟାଣ୍ଡିଆଉ ଡ଼ାଂଗ୍ରୀ ଲେକାୟ୍ ଆଟିଞ୍ଜ ଆଚୁରେଦ୍ ବନାୟ୍ ।

ବୀର ବୁରୁ ଦାରେ ନାଗୀ ତେ ଘେରାଅ ଆକାନ୍ ନଆ ମୟୁରଭଞ୍ଜ ହାସାରେ ୧୧୦୫ ଶେର୍ମା ରେନାଃ ମେ ମାହିତ ମଣେ ମାହା ହିଲଃ କିନ୍ ଜାନାମ ଲେନା । ଇନ୍‌ହିଲଃ ଦ ତାହେକାନ ବୈଶାକ ଜୁନାମୀ । ରାଇରଙ୍ଗପୁର ଖନାଃ ବାର୍ କିଲୋମିଟର ଝାଲ୍‌ରେ ଡ଼ାହାରଡ଼ିହି ଞୁତୁମ ଆନିଜ୍ ଆତୁରେକିନ୍ ଜାନାମ୍ ଲେନା । ନଆ ଆତୁଦ ନିତଃ ଦାଣ୍ଡବୋଷ ଞୁତୁମ ତେ ଝତକ ବାଡ଼ାୟା । ରାଇରଙ୍ଗପୁର ଟାଟା ବାଜାର ଚଲାଃ ଜଖନ୍ ହରଖାନାଃ ଲେଙ୍ଗା ତି ପାହାଟାରେ ନଆ ଆତୁ ଦ ଗାଲାଅଆଃ । ପଣ୍ଡିତ ରଘୁନାଥ ଗଙ୍କେ ତାକିନ୍ ଦ ଆଡ଼ି ରେଗେଞ୍ଜ ପରିବାର ରେକିନ୍ ଜାନାମ୍ ଲେନା । ଉନ୍‌କିନ୍ ଇଜ୍ ବାବାଦୟ ତାହେକାନା ନନ୍ଦଲାଲ୍ ମୁର୍ମୁ ଆର ଆୟଦୟ ତାହେକାନା ସଲମା । ପଣ୍ଡିତ ରଘୁନାଥ ଗଙ୍କେ ତାକିନାଃ ଗିଦ୍ରା ରେନାଃ ଞୁତୁମ ଦ ତାହେକାନା 'ଚୁନୁ' । ମେନ୍‌ଖାନ୍ ଆଡ଼ି ଆଲୌକିକ୍ ଘଟନା ଖାତିର ଉନ୍‌କିନ୍ ଦୋ ରଘୁନାଥ ଞୁତୁମ କିନ୍ ଞାମ୍ ଲେଆଃ । ମିଦ୍‌ଆଅ ଚୁନୁ ଗଙ୍କେ ତାକିନ୍ ଆଡ଼ି ଜୁର୍‌ତେ ରାଃ କିନ୍ ଏତହବ କେଆଃ । ଥିର୍ ଗେ ବାକିନ୍ ଥିର୍ ଲେନା । ଅନା ଖାତିର ତେ ଆକିନ୍ ଗିନ୍ ଆୟବାବା ମିଦ୍‌ଟାଂ ଅଝା ହାଲାମ୍ କିନ୍ ହୋ ହୋ ଆଗୁ କେଦେୟା । ଆର ଉନି ଅଝା ହାଲାମ୍ ସୁନୁମ୍ ଏ ଞେଲ ଆଦ୍ କାଆ । ଆର ମେତାଦ୍ କଆଯେ ନୁୟ ଗିଦ୍ରାଦ 'ଚୁନୁ' ଞୁତୁମ୍ ତେଦୟ ଅସାଗୁନ୍ ଅଃ କାନାୟ । ଅନା ଖାତିର ତେ ଚୁନୁ ଗଙ୍କେ ତାକିନାଃ ଞୁତୁମ୍ ବଦଲ ଲାଗିଦ୍ ଝତହଲକ ଠିକ୍ କେଆଃ । ମେନ୍‌ଖାନ ଚେଦ୍ ଞୁତୁମ କୋ ଏମା ହାକିନା । ଅକୟ ଅଝାହାଲାମ ସୁନୁମ ଏ ଞେଲ ଆଦ୍ କତାହେଦ୍, ଉନି ୟାଃ ଞୁତୁମ ଦ ତାହେକାନା ରଘୁନାଥ । ଅନାତେ ଆକିନ୍ ଗିନ୍ ଆୟବାବା ଉନି ଅଝାହାଲାମ୍ ଆଃ ଞୁତୁମ ଗେ ଦହ ଲାଗିଦ୍ କିନ୍ ଠିକ୍ କେଆଃ । ଇନ୍ ହିଲଃ ଖନାଃ ଚୁନୁ ଗଙ୍କେ ତାକିନାଃ ଞୁତୁମ୍ ଦ ରଘୁନାଥ ଆର ରଘୁନାଥ ଞୁତୁମ ତେ ଝତହଲଠେନ୍ କିନ୍ ସଦର ଏନାଃ । ରଘୁନାଥ ଗଙ୍କେ ତିକିନାଃ ୟାୟଇରାଲ ଶେର୍ମା ଯଖନ୍ ଅଲାଃ ଖଗଃ ପେ କି.ମି. ଝାଲ୍‌ରେ ଗମ୍ଭାରିଆ ଞୁତୁମ୍ ଆନିଜ୍ ଆତୁ ଆଶ୍ଲାତେ ଅଲଃ କିନ୍ ଚଲାଃ କାନ ତାହେଜ । ଆକିନ୍‌ଗିନ୍ ଗାତେକ୍ ସାଲାଃ ସାଓଁ ସାଓଁ କୋ ଚଲାଃ କାନ ତାହେଦ । ରଘୁନାଥ ଗଙ୍କେ ତାକିନ୍ ଦୋ ଆବଆଃ ଜାନାମ ଆଲାଂ ବାଦ୍ କାତେ ଆର ଚେଦ୍ ଆଲାଂ ତେହଁ ବାଙ୍ଗେକିନ୍ ବାଡ଼ାୟ ତାହେଦ୍ । ରଘୁନାଥ ଗଙ୍କେ ତାକିନ୍ ଅକା ଆଶ୍ଲାତେ ଅଲଃ କିନ୍ ଚଲାଃ କାନ୍ ତାହେଦ୍ ଅନା ଆଶ୍ରାରେଦ କଟକ ଗିନିଜ ମିଟାଂ ବାବେ଼ଣ ମାଚେଦ ଏ ପାଲହାଅ ଏଦ୍ କୋ ଟା ହେଦ । ଉନି ମାଚେଦ୍ ଦ ଆଡ଼ି ଜୁର ଗେ ପାନ୍ କିନ୍ ଜମ୍ ତାହେଦ । ତିନ୍ ସମୟ କିନ୍ ପାଲହାଅ କଆ ଉନ୍ ପାଲହାଅ ଏଦ୍ କୋ ଟା ହେଦ । ଉନି ମାଚେଦ୍ ଦ ଆଡ଼ି ଜୁର ଗେ ପାନ୍ କିନ୍ ଜମ୍ ତାହେଦ । ତିନ୍ ସମୟ କିନ୍ ପାଲହାଅ କଆ ଉନ୍ ପାଲହାଅ କୋ ତାହେଦ୍ ଅନା ବେଶ ଲେକା ବାଂ ଆଜାମ୍ ଠିକା ସମୟ ହଁ ପାନ୍ ଦୋ ମଚା ରେଗେ । ଅନା ଖାତିର୍‌ତେ ଯାହାଁ କିନ୍ ପାଲହାଅ କୋ ତାହେଦ୍ ଅନା ବେଶ ଲେକା ବାଂ ଆଜାମ୍ ଠିକା ସମୟ ହଁ ପାନ୍ ଦୋ ମଚା ରେଗେ । ଅନା ଖାତିର୍‌ତେ ଯାହାଁ କିନ୍ ପାଲହାଅ କୋ ତାହେଦ୍ ଅନା ବେଶ ଲେକା ବାଂ ଆଜାମ୍ ଠିକା ତାହେଦ୍ । ରଘୁନାଥ ଗଙ୍କେ ତାକିନ୍ ଫେଡ଼ାତ୍ ଖନାଃ ଉଡ଼ିଆ ତେ ଅଲଃ ଗେ ବାକିନ୍ ବାଡ଼ାୟ ତାହେବ । ମିତ୍‌ସେନ୍ ତେମା ମାଚେତ୍ ତାହେଦ୍ ।

ଗଙ୍କେ ଟାକିନାଃ ପାନ୍ ଜମ୍ ଖାତିର ଆଲାଂ ଭାଗିଠିକ୍ ବାକିନ୍ ଆଂଜମଠିକା ଲେଆ ଆର ମିତ୍‌ସେନ୍ ତେମା ଉଡ଼ିଆ ଆଲାଂ ରେ ବାକିନ୍ ବାଡ଼ାୟ ତାହେବ । ଅନା ଖାତିର୍‌ତେ ଉନ୍‌କିନ୍ ଦୋ ଉଡ଼ିଆ ତେ ପାଲହାଅ ଲାଗିଦ ମନେ ଦ ରାପୁଦ ଲେନ୍ ତାହେଦ୍ । ଇନ୍ ହିଲଃ ଖିନାଃ ମନେ ମନେ ତେ ଜାନାମ୍ ଆଲାଂତେ ଅଲ ଉଛାନ୍ ଲାଗିଦ୍ କିନ୍ ଚେଷ୍ଟା ଲେଆଃ । ରଘୁନାଥ ଗଙ୍କେ ଆଜ୍ ବାବା କିନ୍ ମେଟାଦେୟା ଯେ ଆକିନ୍ ଆର ଉଡ଼ିଆତେଦ ବାଂଗକିନ୍ ପାଲହାଅ ଆଃ । ଉନା ଅକ୍ତରେ ଆଜ୍ ବାବା କିନ୍ କୁଲି ଲେଦେୟା ଆକିନ୍ ଅକା ଆଲାଂ ତେକିନ୍ ବୁଝାଇ ଏଆଃ । ଅନା ଆଲାଂ ତେଦ ଚେଦ୍ ବାକ ପାଲହାଅ ଏଦ୍ କଆ ? ନଆ କୁକ୍‌ଲି ଖିନା ଉନ୍‌କିନ୍ ବାଡ଼ାୟ ଦାଲେ ଆଦ୍ ତାହେବ ଜେ ସାନ୍ତାଳୀ ତେଦ ଅଲ୍ ଲାଗିଦ୍ ଚିଟାର୍ ଆର ପାଲହାଅ ଲାଗିଦ୍ ପତବ୍ ଗେ ବାନୁଃଆନା । ଅନା ଖାତିର୍‌ତେ ଉନ୍‌କିନ୍ କୁସି ଗେ ବାକିନ୍ ବୁଝାଉ ଲେଦ୍ ତାହେବ ।

ବାରିପଦାରେ ତାହେକାତେଦ୍ ଏମ. କେ. ସି., ହାଇସ୍କୁଲରେ କିନ୍ ପାଲହାଅ ଲେନା । ଇନା ଅକ୍ତରେ ସାନ୍ତାଳୀ ତେ ଅଲ ଆଡ଼ିଗାନ୍ କିନ୍ ତରାଅ ଇଦି ଗଦ୍ ଲେଦ୍ ତାହେବ । ସାନ୍ତାଳୀ ଆଲାଂତେ ଅଲ 'ଅଲ୍‌ଚିକି' ଉଛାନ୍ କାତେଦ୍ ପାଲହାଅ ପତବ୍, ସେରେଞ୍ଜ, କାହାନୀ, କୁଦୁମ୍ କିନ୍ ଉଛାନ୍ କେଆଃ । ଉନିକିନ୍ ଆଃ ନଆମାରାଂ ଉଛାନ୍ ଲାଗିଦ୍ ମିଦ୍‌ଟାଂ ଆଦିବାସୀ ନେତା ଜୟପାଲ ସିଂ ଟାକିନ୍ ପଣ୍ଡିତ ମେନ୍ତେଦ ଏ ସାଗାର ଆଦ୍ କିନ୍ ତାହେଦ । ଅନା ପରେ ରଘୁନାଥ 'ପଣ୍ଡିତ ରଘୁନାଥ ମୁର୍ମୁ ' ଞୁତୁମ୍‌ତେ ଝତହଲକୋ ଚିନ୍‌ହାଉ କେଦ୍‌କିନା । ପୁୟଲୁ ଆ ଅ ନଆ ଆଦିବାସୀ ଆଲାଂ ମେନ୍ତେଦ୍ 'ବୋଡ୍' ସାଲାଃ 'ସାନ୍ତାଳୀ' ୨୦୦୩ରେ ଭାରତ ସମ୍ବିଧାନରେ ୮ମ ସୁଚୀରେ ଜାୟଗା କିନ୍ ଞାମ୍ ଆକାଅଆଃ । ୧୯୮୨ ବଙ୍ଗା ବାର୍ ମାହା ହିଲଃ ଆବାଆଃ ନଆ ଆର୍ଗୋ ପୁରୀ ଖାନ୍ ବିଦାୟ କିନ୍ ହାତାଅଲେଆଃ । ଉନ୍‌କିନ୍ ଉୟହାର ଲାଗିଦ୍ ଝତ ଶେର୍ମା ବୈଶାକ୍ କୁନାମୀ ହିଲଃ 'ଜାନାମ୍ ମାହା' ବା ଖାନ୍ 'ହୁଲ୍‌ମାହା' ହିସାବ ତେବନ୍ ବଙ୍ଗାୟା ।

**କୁମାରୀ ରୂପାଲି ହେମ୍ବ୍ରମ୍**
ଅଷ୍ଟମ ଶ୍ରେଣୀ
ରାସଗୋବିନ୍ଦପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ
ମାଣିଦା, ମୟୂରଭଞ୍ଜ

# ହସିବାର ମଜା

ରାଧୁଆ ବୋଲି ଗୋଟିଏ ପିଲା ଥିଲା । ସେ ନବମ ଶ୍ରେଣୀରେ ପଢ଼େ । ସେ ବହୁତ ବୋକା ଓ ପାଠଜମା ପାରେ ନାହିଁ । ଦିନେ ଶ୍ରେଣୀ ଗୃହରେ ଶିକ୍ଷୟିତ୍ରୀ ରାଧୁଆକୁ କହିଲେ; ରାଧୁଆ ତୁ କାଲି ଚାରୋଟି ଶବ୍ଦ ଲେଖିକି ମୁଖସ୍ତ କରି ଆସିବୁ । ଯଦି ନକରି ଆସିଥିବୁ ତା' ହେଲେ ତୋତେ ମୁଁ ଶ୍ରେଣୀରୁ ବାହାର କରିଦେବି । ରାଧୁଆ ମୁଖସ୍ତ କରି ଆସିବ କହିଲା । ସ୍କୁଲ ଛୁଟି ହେଲା । ରାଧୁଆ ମନରେ ଗୋଟିଏ ଚିନ୍ତା କାଲି ସେ କିପରି ଚାରୋଟି ୱାର୍ଡ ମୁଖସ୍ତ କରିଯିବା । ଘରେ ପହଞ୍ଚିଲା । ରାଧୁଆ ତା' ନାନୀ ପାଖକୁ ପଚାରିବା ପାଇଁ ଗଲା । ତା' ନାନୀ ରାଗରେ ବସିଥିଲା । ରାଧୁଆ ଯାଇ ପଚାରିଲା; ନାନୀ ମୋତେ ଗୋଟେ ୱାର୍ଡ କହିଦିଅନା ? ତା' ନାନୀ ରାଗରେ ଚିଡ଼ିଯାଇ କହିଲେ, ହ୍ୱାଟ୍ ନନ୍‌ସେନ୍‌ସ୍,ପଳାଯାଏଠୁ । ରାଧୁଆ ଭାବିଲା ମୋ ନାନୀ ବୋଧେ ମୋତେ ଗୋଟେ ୱାର୍ଡ କହିଦେଲେ । ରାଧୁଆ ତା' ଖାତାରେ ହ୍ୱାଟ୍ ନନ୍‌ସେନ୍‌ସ ଲେଖିଦେଲା ।

ଗୋଟିଏ ୱାର୍ଡ ହେଲା । ତା'ପରେ ରାଧୁଆ ତା' ଭାଇ ପାଖକୁ ଗଲା । ତା' ଭାଇ ଟେପ୍ ବଜାଇ ନାଚୁଥିଲା । ରାଧୁଆ ତା' ଭାଇ ପାଖକୁ ଯାଇ କହିଲା; ଭାଇ ମୋତେ ଗୋଟେ ୱାର୍ଡ କହିଦିଅନା ? ତା' ଭାଇ କିଛି ଶୁଣି ନାହାନ୍ତି । ତା' ଭାଇ ଟେପ୍‌କୁ ବନ୍ଦ କରି ଗୀତ ଗାଇଲେ; ଆଇଏମ୍ ଏ ଡିସ୍କୋ ଡ୍ୟାନ୍‌ସର । ରାଧୁଆ ଭାବିଲା ମୋ ଭାଇ ବୋଧେ ମୋତେ ଗୋଟେ ୱାର୍ଡ କହିଦେଲେ । ସେ ତା' ଖାତାରେ ଆଇଏମ୍‌ଏ ଡିସ୍କୋ ଡ୍ୟାନ୍‌ସର ଲେଖିଦେଲା । ଦୁଇଟି ୱାର୍ଡ ହେଲା । ତା' ପରେ ରାଧୁଆ ତା' ବାପାଙ୍କ ପାଖକୁ ଗଲା । ସେଠାରେ ତା' ବାପା ଓ ତା' ମା ଝଗଡ଼ା ଲାଗୁଥିଲେ । ରାଧୁଆ ତା' ବାପାଙ୍କୁ ପଚାରିଲେ ବାପା ମୋତେ ଗୋଟେ ୱାର୍ଡ କହିଦିଅନା ? ତା' ବାପା, ମାଁ କିଛି ଶୁଣିନାହାନ୍ତି । ସେମାନେ ଝଗଡ଼ାରେ ବ୍ୟସ୍ତ ଥିଲେ । ତା' ମାଁ ତା' ବାପାଙ୍କୁ କହୁଛନ୍ତି; କାଲି ତୁମେ ସିନେମା ଦେଖିବାକୁ ନେଇଯିବ କହିଥିଲ କାହିଁ ନେଲ ନାହିଁ ତ ? ତା' ବାପା ତା' ମାଁଙ୍କୁ କହିଲେ, ଆଜ୍‌ନେହିଁ ଡାରଲିଂ କଲ୍ ଚଲେଙ୍ଗେ । ରାଧୁଆ ଭାବିଲା ମୋ ବାପା ବୋଧେ ମୋତେ ଗୋଟେ ୱାର୍ଡ କହିଦେଲେ । ସେ ତା' ଖାତାରେ ଆଜ୍ ନେହିଁ ଡାରଲିଂ କଲ୍ ଚଲେଙ୍ଗେ ଲେଖିଦେଲା । ତିନୋଟି ୱାର୍ଡ ହେଲା । ସେ ସେହି ତିନୋଟି ୱାର୍ଡକୁ ବାରମ୍ବାର ପଢ଼ିଲା ଏବଂ ଲେଖିଲା । ଆଉ ଗୋଟିଏ ୱାର୍ଡ କେମିତି ଲେଖିବ ? ସକାଳ ହେଲା । ସେ ମନେ ମନେ ଭାବୁଥାଏ ଆଉ ଗୋଟିଏ ୱାର୍ଡ କେମିତି ଲେଖିବି । ସ୍କୁଲ ଯିବା ସମୟ ହୋଇଗଲା । ସ୍କୁଲକୁ ଗଲା । ରାସ୍ତାରେ ଯିବା ବାଟରେ ଦେଖିଲା ସର୍କସ ହେଉଛି । ଲୋକଟି ସର୍କସରେ କହୁଥାଏ ଏ ତ ଦେଖ୍‌ନାକା ଚିଜ୍ ହେ ଦେଖ ଦେଖ । ରାଧୁଆ ଭାବିଲା ଏଇଟା ବୋଧେ ଗୋଟିଏ ୱାର୍ଡ । ସେ ସାଙ୍ଗେ ସାଙ୍ଗେ ତା' ଖାତାରେ ଏତ ଦେଖ୍‌ନାକା ଚିଜ୍ ହେ ଦେଖ ଦେଖ ଲେଖିଦେଲା । ଚାରୋଟି ୱାର୍ଡ ହେଲା । ସେଇଟା ସିଏ କହି କହି ଚାଲିଲା । ସ୍କୁଲରେ ପହଁଞ୍ଚିଲା । ଶ୍ରେଣୀକୁ ଶିକ୍ଷୟତ୍ରୀ ଆସିଲେ । ଶିକ୍ଷୟତ୍ରୀ ରାଧୁଆକୁ ପଚାରିଲେ; ତୁ ଚାରୋଟି ୱାର୍ଡ ମଖସ୍ତ କରି ଆସିଛୁ ? ରାଧୁଆ କହିଲା; ହଁ ଦିଦି ପୂରା ଲେଖିକି ମୁଖସ୍ତ କରି ଆସିଛି । ଶିକ୍ଷୟତ୍ରୀ କହିଲେ, ହଉ କହ । ରାଧୁଆ ତା'ର ପ୍ରଥମ ୱାର୍ଡ କହିଲା; ହ୍ୱାଟ୍ ନନ୍‌ସେନ୍‌ସ୍ । ଶିକ୍ଷୟତ୍ରୀ ରାଗିଯାଇ କହିଲେ, ତୁ ମନେ ମନେ କ'ଣ ଭାବୁଛୁ କି ? ରାଧୁଆ ତା'ର ଦ୍ୱିତୀୟ ୱାର୍ଡ କହିଲା; ଆଇଏମ୍ ଏ ଡିସ୍କୋ ଡ୍ୟାନ୍‌ସର୍ । ଶିକ୍ଷୟତ୍ରୀ କହିଲେ ପ୍ରିନ୍‌ସପାଲ ପାଖକୁ ଯିବୁ କି ? ରାଧୁଆ ତା'ର ତୃତୀୟ ୱାର୍ଡ କହିଲା; ଆଜ୍ ନେହିଁ ଡାରଲିଂ କଲ୍ ଚଲେଙ୍ଗେ । ଶିକ୍ଷୟତ୍ରୀ ପୂରା ରାଗିଯାଇ କହିଲେ; ଦେଖିବୁ ! ରାଧୁଆ ତା'ର ଚତୁର୍ଥ ୱାର୍ଡ କହିଲା; ଏତୋ ଦେଖ୍‌ନାକା ଚିଜ୍ ହେ ଦେଖ ଦେଖ । ଶିକ୍ଷୟତ୍ରୀ ରାଗରେ ଶ୍ରେଣୀରୁ ବାହାରି ଚାଲିଗଲେ ଏବଂ ସବୁ ପିଲା ରାଧୁଆର ଏ ପ୍ରକାର କଥା ଶୁଣି ହସିଲେ ।

କୁମାରୀ ମଧୁମିତା ସିଂ
ନବମ ଶ୍ରେଣୀ
କୁଜିଡିହି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

# ଦୁଃଖୀ ପରିବାର

ଜରାପୁଟ ନାଁ ବଲ୍‌ବାଟା ଗୋଟେକ୍ ଜିଲ୍ଲା ରେଲା । ଉଇ ଟା'ନର୍ ବରିଗୁମା ବଲକ୍‌ର ନୂଆ ଗାଁ ବଲ୍‌ବାଟା ଗୋଟେକ୍ ଗାଁ ରେଲା । ଉଇଁ ଗାଁ ଟାନେ ମଙ୍ଗଲୁ ନାଁଅ ବୋଲିକରି ଗୋଟେକ୍ ଲୋକ୍ ରେଲାଏ । ଆରି ମଙ୍ଗୁଲର ମାଇଁଜି ରେଲା ଟା'ର ନାଁଅ ରେବତୀ ଆରି ଟା'ର ଦୁଇଟା ଟକି ରେଲାଏଁ । ଟାକର ନାଁ ହେଲା ଗୁର୍‌ବାରି ଆରି ସାନଟାର୍ ନାଁ ସନ୍‌ବାରି । ଏନ୍ତି ଦୁଇ ବରଷ ହେଲା ପଛେ ଅଦ୍‌କି ଦାୟ ଶନ୍‌ବାରି ଆରି ଗୁର୍‌ବାରିର୍ ବୁଆ ମରିଗଲା । ଶମ୍‌ବାରି ଆରି ଗୁର୍‌ବାରିର୍ ଆଇଦାଦା ମିସା ରେଲାଏଁ । ମାଟର ଦୁଇ ତିନ୍ ବରଷ ଗଲା ପଛେ ଶମ୍‌ବାରି ଆଇ ଦାଦା ଅଧିକ ଅଧିକ ରିସା ହେଲାଏଁ । ଗୁର୍‌ବାରି ମାକେ ମିସାର୍ ଅଧିକ ଦଣ୍ଡ ଦେଟେ ରେଲାଏଁ । ଗୋଟ୍‌ଦିନେ ଗୁର୍‌ବାରି ଆରି ଶନ୍‌ବାରିର୍ ଦାଦା ଆର ଅଲଗା ରେବାକାଜେ କୟଲାଏ । ଟା'ର ପଛେ ଶନ୍‌ବାରିର୍ ମାଁ ଆରି ଟା'ର୍ ବଡ୍ ବୟନି ଗୁର୍‌ବାରି ଇ ତିନ୍ ଲୋକ ମିଶୀକରି ରେଲାଏ । ଆଏଁ ଘରର୍ ସବୁ ବାଣ୍ଟିଯାଇରେଲା । ଆରି ଆଏଁ ଘରେ କାଇଟା ହେଲେ ନାଁ ରେଲା ପାଟିଲା ଘର । ଆଏ ଘରକେ ଶନ୍‌ବାରିର ମାଁ ଗାଁର ଦୁର୍ ତିନ୍ ଲୋକକେ ଡ଼ାକିଆନି କରି ଘର୍ କେ ପିରିସଙ୍ଗେ ଟାଇବା କାଜେ କହିଲାଏ । ଟାର୍ ପଛେ ଆଏ ଲୋକମନ୍ ଟାଇ ଦେଲାଏ । ଆଏ ଲୋକ ମନ୍‌କେ ପଚାଶ ଟଙ୍କା ଲାକା ଡାବୁ ଦେଲା । ଟା'ର୍ ପଛେ ଘରେ ରେଲାଏଁ । ଦୁର ତିନ୍ ବରଷ ଗଲା ପଛେ ଗୁର୍‌ବାରି କେ ଟାର୍ ଅବା ଘରେ ପାଠ, ପଢ଼ବା କାଜେ ପଠାଇ ଦେଲାଏ । ଆଏ ଗାଁର ନାଆ କୁଟିଆଗୁଡ଼ା । ଆଇଟି ଗୁର୍‌ବାରିକେ ଟା'ର୍ ଆଜା ଗାଁର୍ ଇସ୍‌କୁଲ ଟାନେ ଯାହେନ୍ କରିଦେଲାଏ । ଏକ୍ କିଲାସ୍ ଟାନେ ପଢ଼ିଲା । ପଛେ ଗୁର୍‌ବାରି ମାଁକେ ଆରି ଗୁର୍‌ବାରିକେ ଟା'ର୍ ଆଇ ଦାଦା ଅଧିକ୍ ଉଟ୍‌ହାଏ । ଆଏ ଗାଁ ଟାନୁ ଯିବା କାଜେ କହିଲାଏ । ମାରେ ନାଇ ଗଲାଏ ଆଇଟି ଆଜା ରେଲାଏ । ଉଇ ଦିନ୍‌ନେ ଟ ଗୁର୍‌ବାରିର୍ ମାଁ କେ ଅଧିକ୍ ଜର ହେଲା । ଗୁର୍‌ବାରିର୍ ଟା'ର୍ ଆଇ ଦାଦାକେ କହଲାଏ ମାଟର କଟା ନା ହେଲାଏ । ଗୁର୍‌ବାରିର୍ ସାନ୍‌ଦାଦା ରେଲା । ଟା'ର ସାନ୍ ଦାଦା ଗୁର୍‌ବାରିର୍ ମାଁର ଦୁଃଖକେ ସମାଲି ପାର୍‌ଲା ନାହିଁ । ଟା'ର ପଛେ ଡାକ୍ତରଖାନା ଥାନେ ନେଲା । ମାଟର ନିକୁ ହେଲା ନାଇ । ଶନ୍‌ବାରି ଟା'ର୍ ମାଁ କଷ୍ଟକେ ସହି ପାର୍‌ଲା ନାହିଁ । ଉଇ ଗାଁର ରଟ୍‌ନ୍ ବଲ୍‌ବା ଗୋଟେକ୍ ଲୋକ୍ ରେଲା । ଆଏ ଲୋକ ଶନ୍‌ବାରିର୍ ଅଜା ଆଇର ଗାଁ ଟାନେ ଯାଏଟେ ରେଲା । ଶନ୍‌ବାରି ଏ କଟାକେ ଶୁନି କରି ଆଏ ଲୋକକେ ଟା'ର୍ ଅଜା ଆଇ ଘରେ ଖବର ପଠାଇଲା । ଆଇ ଲୋକ ଟା'ର ଅଜା ଆର କେ କହିଦେଲାଏ । ଶନ୍‌ବାରିର୍ ଅଜା ଟାକର ଘରେ ଆସଲାଏ । ଶନ୍‌ବାରିକେ ଆରି ଟାର୍ ମାଁକେ ଟାକର ଘରେ ନେଲାଏ । ଉଇ ଗାଁ ଗଲା କେ ଟାର ମାମା ଗୁର୍‌ବାରି ମାଁ କେ ଡାକ୍ତରଖାନା ଥାନେ ଦେଲାଏ । ଏନ୍ତି ଅଧିକ୍ ଦିନ ହେଲା ପଛେ ଜ୍ୱର ଛାଡ଼ିଲା । ଶନ୍‌ବାରି, ଗୁର୍‌ବାରି, ଟା'ର ଆଟା, ମାମା, ଆରି ଟା'ର ଅଜା ଆଇ ଟା'ର ମାଁ ପଛେ ନିକ ହେଲା । ପଛେ ସବୁ ଲୋକ୍ ସର୍ଧା ହେଲାଏ । ଇ ଗାଁ ଟାନୁ ଆଏ ଗାଁ ଟାନେ ନାଇ ଗଲାଏ । ଇ ଗାଁ ଟାନେ ଆଜା ରଲାଏ । ସୁଖି ହୋଇ ସବୁ ରେଲାଏ ।


କୁମାରୀ ସୁମିତ୍ରା ଭକ୍ତ
ନବମ ଶ୍ରେଣୀ
ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଫିଙ୍ଗି,
ନବରଙ୍ଗପୁର

# ଫଳ

ହରିପୁର ଗ୍ରାମରେ ସୀତା ଓ ଗୀତା ନାମରେ ଦୁଇଟି ବାଳିକା ଥିଲେ । ସେମାନେ ବେଶି ସାଙ୍ଗ ହୁଅନ୍ତି । ଗୀତା ପ୍ରତି ଦିନ ସକାଳୁ ଉଠି ବ୍ୟାୟାମ କରେ କିନ୍ତୁ ସୀତା ବ୍ୟାୟାମ ନକରି ଘୁଙ୍ଗୁଡି ମାରି ଶୋଇଥାଏ । ସୀତା, ଗୀତାକୁ ବୁଝେଇ କୁହେ ଯେ ବ୍ୟାୟାମ କଲେ ସ୍ୱାସ୍ଥ୍ୟ ଭଲ ରହେ, ରୋଗ ହୁଏ ନାହିଁ, ଅଳସୁଆ ହୁଅନ୍ତି ନାହିଁ । କିନ୍ତୁ ସୀତା ସେଇ କଥାଟିକୁ ଗୋଟିଏ କାନରେ ପୁରେଇ ଅନ୍ୟ ସ୍ଥାନରେ ବାହାର କରିଦିଏ । ସୀତା ଓ ଗୀତା ଦଶମ ଶ୍ରେଣୀରେ ପଢ଼ନ୍ତି । ଗୀତା ମନ ଲଗାଇ ପାଠ ପଢ଼େ । ଶ୍ରେଣୀରେ ଗୁରୁଜୀ ଗୁରୁମାମାନେ ପାଠ ପଚାରିଲେ କହିପାରେ ନାହିଁ । କିନ୍ତୁ ଗୀତା ଚଟା ପଟ ଉଠି ଉତ୍ତର କହିଥାଏ । ଗୀତା ବ୍ୟାୟାମ କରେ ବୋଲି ସେ କେବେ ହେଲେ ରୋଗରେ ପଡ଼ିନାହିଁ ଓ ତା'ର ଶୀଘ୍ର ପାଠ ମନେ ରହେ । ସେ ଅଳସୁଆ ହୁଏ ନାହିଁ । ସୀତା ବ୍ୟାୟାମ କରେ ନାହିଁ । ତେଣୁ ସେ ବହୁତ ଅଳସୁଆ । ବହୁତ ଥର ରୋଗରେ ପଡେ ଓ ତାର ପାଠ ମନେ ରହେ ନାହିଁ । କ୍ରମେ ବୋର୍ଡ ପରୀକ୍ଷା ପାଖେଇ ଆସିଲା । ଗୀତା ବହିର ପାଠ ମନେ ରଖିଥାଏ । ପରୀକ୍ଷା ବେଳକୁ ଗୀତା ସବୁ ପ୍ରଶ୍ନର ସହଜ ଉତ୍ତର ଲେଖିଲା । ସୀତା କିଛି ନ ଲେଖି ସେଇ ପ୍ରଶ୍ନ ଖାତାରେ ଉତାରି ଖାତା ଦେଲା । ଗୀତା ଭଲ ଫଳ କଲା । ସୀତା ଫେଲ ହେଲା । ସୀତାକୁ ତାଙ୍କ ଘରେ ଗାଳି ଦେଲେ ତାକୁ ଘରୁ ବାହାର କରି ଦେଲେ । ଗୋଟିଏ ଗଛରେ ଫାସୀ ହେବା ପାଇଁ ପ୍ରସ୍ତୁତ ହୋଇଥିଲା । ଗୀତା ଦେଖି ତାକୁ ରକ୍ଷା କଲା । ଗୀତା ସୀତାକୁ ପଚାରିଲା କ'ଣ ପାଇଁ ତୁ ଘର ଛାଡ଼ି ଜଙ୍ଗଲକୁ ଆସିଛୁ ? ତା ମନକଥା କହିଲା । ଗୀତା କହିଲା ତୁ ପ୍ରତିଦିନ ବ୍ୟାୟାମ ନକରି ଥିବାରୁ ତାର ଏପରି ଅବସ୍ଥା ହୋଇଛି । ସୀତା ଏଥର ବୁଝିଲା । ସେଇଦିନ ଠାରୁ ସେ ବ୍ୟାୟାମ କଲା । ପଢ଼ାରେ ମନ ଦେଲା । ପରବର୍ତ୍ତୀ ପରୀକ୍ଷାରେ ପାଶ୍ କଲା ।

**କୁମାରୀ ଚମ୍ପାବତୀ ହାଁସଦାଃ**
ଦଶମ ଶ୍ରେଣୀ
କୁଜିଡିହି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

# ବକ୍‌ଡା ଓ ରାକ୍ଷାସ୍‌ଦୀର କାହାଣୀ

ଗୋଟେକ୍ ଗାଁ ଟାନେ ମାଁଇ ବେଟା ରେଲାୟ । ଆଏ ପିଲାର ନାଁ ଜଗୁନୀ । ଜଗୁନୀର ମାଁ ଗୋଟେକ୍ ଦିନ ହାଟ ଯାଇସି ଆରି ବକ୍‌ଡ଼ା ଗୋଟେକ୍ ଗେନି ଆନ୍‌ସି । ଆଏ ବକ୍‌ଡ଼ା ଜେଡେକ୍ ବଡ଼ ଏତେରେସି ଆଏ ଜଗୁନୀମିଶା ବଡ଼ ଏତେରେସି । ଏନ୍‌ତି କରି ଜଗୁନୀର ବିବା ହେବାର ବୟସ କେଟ୍‌ସି ଆରି ଟା'ର ମାଁ ଟା'ର କାଜେ କନ୍ୟା ଡଗରାୟସି । ଗୋଟେକ ଘରେ କନ୍ୟା ଠିକ ହେସି । ଜଗୁନୀର ବିବା ଦିନ କେଟ୍‌ସି ବିବାର ଗୋଟେକ୍ ଦିନ ଆଗେ ତାର ମାଁ ତାକେ କଇସି କାଲି ତୋର ବକ୍‌ଡା କେ ବିବା କାଜେ ମାର୍‌ବୁ ପିଲା ତାର୍ ମାଁ କେ କାୟଟା ନାଇଁ କୟେ ଅଗାୟ ଦିରେସି । ସବୁଲୋକ୍ ଶୋଇଲାଦାୟ ଜଗୁନୀ ଆଏ ବକ୍‌ଡା ଲଗେ ଯାଇସି ଆରି କୟସି ତକେ କାଲି ବିବା କାଜେ କାଟ୍‌ବାୟ ବଲ୍‌ତେ ମାଁ କଏତେ ରେଲା । ମୁଁଇଁ ତକେ କାଟ୍‌ବାଟା ନାଇଁ ଦେଖ୍‌କେ ପାରେ ଆଇଟିର୍ ଗୁନେ ତୁଇ ରାତି ରାତି କନ୍‌ବାଟେ ପଲାୟ ଯା ନଏଲେ ତୁଇ ମର୍ ବୁସ୍ । ଆରି ମୁଁଇଁ କାୟଟା ନାଇଁ କର୍‌କେ ପାରେ । ତାର ପଛେ ଜଗୁନୀ ବକ୍‌ଡାର ଫାସିକେ ଡିଲିଦେସି ।

ବକ୍‌ଡା ରାତିର୍ ଦାୟ ଘର୍ ଟାନ୍‌ନୁ ନିକର୍‌ସି ଆରି କମନ୍ ବାଟେ ପଲାଏ ଯାଇସି । କମନ୍ ବିତ୍‌ରେ ଯାଏତେ ଯାଏତେ ସକାଲ୍ ପାଇସି । ସକାଲ୍ ପାଇବା ଦାୟ କମ୍‌ନର ଅଧିକ୍ ଭିତରେ ପଲାୟ ରେସି ହେଲେ ମିଶା ନାଇଁ ଡରି କରି ଆରି ବିତରେ ଯାଇସି । ଯାଏତେ ଯାଏତେ ଗୋଟେକ୍ ଡୁମୁରି ଗଚ୍ ତଲେ ବସି ଦେସି । ଆଏ ଗଚ୍ ଟାନେ ଗୋଟେକ୍ ମାକିଟି ଡୁମୁରି ଫଲ ଖାଏତେ ରେସି । ବକ୍‌ଡା କେ ବୁକ୍ ଲାଗ୍‌ତେ ରେସି ଆଏତିର ଗୁନେ ବକ୍‌ଡା ମାକିଡ଼ି କେ କୟସି । "ମକେ ବୁକ୍ ଲାଗ୍‌ଲା ନି ଗଟେକ୍ ଡୁମୁରି ଫଲ ଦେ"। ମାକିଡ଼ି କୟସି "ହଁ ଅଁ ତକେ ଦେବାୟ" । ବକ୍‌ଡା ଆରି କଇସି ଦେରେ ମାକିଟି ମକେ ଜବଡ୍ ବୁକ୍ ଲାଗ୍‌ଲାନି । ହେଲେ ମିଶା ମାକିଟି ନାଇଁ ଦେ । ତାର ପଚେ ବକ୍‌ଡା ମାକିଡି କେ କଇସି ରରେ ମାକିଡି ମକେ ନାଇଁ ଦେଲୁତେ କାୟ ଗର କଏତେ କଏତେ ଆରି କମ୍‌ନ ଭିତ୍‌ରେ ପଲାଇସି / ଯାଏତେ ଯାଏତେ ଗୋଟେକ୍ ବଡେ ଟା ଗର ଦେକ୍‌ସି ଆଏଗର ଗୋଟେକ୍ ରାକ୍ଷାସ୍‌ନିର ଗର । ଆଏ ଘର ବିତରେ ଓଲି ଦେସି । ଓଲେ ସରି ଦେକ୍‌ସି ଯେ ଗୋଟେକ୍ ବାସ୍ତା ଟାନେ ମଣ୍ଡିଆ ଆରି ଗୋଟେକ୍ ବାସ୍ତା ଟାନେ ଦାନ ରେସି । ଏନ୍‌ତି କେତେକ୍ ବଗନ୍ ଶାଗ୍ ଡାଲ୍ ବର୍‌ତି ହିରେସି । ଆୟ ଗର୍ ଟାନେ ଏଡିକି ବାୟ କେ ନାଇଁ ରେଚ୍ । ଆଏତିର୍ ଗୁନେକ୍ ବକ୍‌ଡା ଓଲ୍‌ସି ଆରି ମନ୍‌କରି ଖାଏତେ ରେସି । ଖାଏତେ ଖାଏତେ ସଞ୍ଜ ହେସି । ସଞ୍ଜ ହେଲେ ସରି ଆଏ ରାକ୍ଷାସ୍‌ନି ତାର ଗରେ ଆଏସି ତାର ଗର ଲଗେ କେଟ୍‌ସି ଆରି କଇସି

"ମାନେ ମାନେ ଗନ୍ଧ
ମାନେ ମାନେ ଗନ୍ଧ"
ଭିତର୍ ନୁଁ ବକ୍‌ଡା ଖାଏତେ ଖାଏତେ କଇସି -
"ମୁଇଁ ଗୋଟେକ୍ ବକ୍‌ଡା
ରାକ୍ଷାସ୍‌ନି କେ ଦେକ୍‌ଲେ
ସରି ଚୁଟିକେ କାଟ୍ ବି" ।

ହାଏ ରାକ୍ଷାସ୍‌ନି ବକ୍‌ଡା କେ କେବେ ନାଇଁ ଦେକ୍‌ଲାର୍ କି କମନ୍ ଟାନେ ରେବା ପଶୁ ପକ୍ଷୀ ମନେ ମିଶା କେବେ ନାଇଁ ଦେକିରେଚ୍ । ରାକ୍ଷାସ୍‌ନି ଆଏ ଡରର କାଜେ କାନ୍ଦତେ କାନ୍ଦତେ ପଲାଇସି । ଯାଏତେ ଯାଏତେ ଗୋଟେକ୍ ହାତୀ କେ ଭେଟ୍‌ଗାଟ୍ ହେସି । ଆରି ଟୀର୍ କଥା କାନ୍ଦତେ କାନ୍ଦତେ କୟସି । ହାତୀ ତାର କଥା ସୁନି କରି ହାତୀ ମିଶା ତାର୍ ଗର ଲଗେ ଯାଇସି । ରାକ୍ଷାସ୍‌ନି କଇଲା ପରା ଆଏ ମିଶା କଏସେ ।

"ମାନେ ମାନେ ଗନ୍ଧ
ମାନେ ମାନେ ଗନ୍ଧ

ବକ୍ତା ଖାଏତେ ଖାଏତେ କଇସି ମୋର ନା ବକ୍ତା ହାତୀକେ ଦେକ୍ଲେ ସରି ଶୁଣ୍ଡ୍ କେ କାଟବି । ହାଏଟା ହାତୀ ସୁନ୍ସି ଆରି ଜମନ୍ ଭିତରେ ପଲାୟ୍ ଯାଇସି । ହାଏ ରାକ୍ଷାସ୍ନି ଆରି କାନ୍ଦତେ କାନ୍ଦତେ କମନ୍ ଭିତରେ ଯାଇସି । ଯିବା ଦାୟ୍ ଗୋଟେକ୍ ଭାଲୁ କେ ଦେକ୍ସି ଆରି କାନ୍ଦତେ କାନ୍ଦତେ ତାର କଥା ଭାଲୁ ଲଗେ କଇସି । ମାତର୍ ଭାଲୁକେ ଜବଡ଼୍ କାମ ରେସି ଆଏତିର୍ ଗୁନେ ରାକ୍ଷାସ୍ନିକେ କଇସି ମୁଇଁ ଯାଏକେ ନାଇଁ ପାରେ । ରାକ୍ଷାସ୍ନି ଆରି କାନ୍ଦସି ହେଲେ ଭାଲୁ ତାର୍ କାନ୍ଦବାଟା ଦେକ୍ସି ଆରି କଇସି ଆଲେ ଆଲେକୁ ଟର୍ ଗର ବାଟେ । ରାକ୍ଷାସ୍ନି ତାକେ ଶିକାଇ ଦି ରେସି ଯେ ଗର ଲଗେ କେଟ୍ଲେ ସରି କଇବୁସ୍

ମାନେ ମାନେ ଗନ୍ଧ
ମାନେ ମାନେ ଗନ୍ଧ
ଗର ଲଗେ କେଟ୍ ବାଏ । ଗର ଲଗେ କେଟ୍ଲେ ସରି ଭାଲୁ କଇସି
"ମାନେ ମାନେ ଗନ୍ଧ
ମାନେ ମାନେ ଗନ୍ଧ"

ଆଏ ବକ୍ତା ଖାଏତେ ଖାଏତେ କଇସି ମୋର ନା ବକ୍ତା ଭାଲୁ କେ ଦେକ୍ଲେ ସରି ନାକ୍‌କେ କାଟ୍‌ବି । ହାଏଟା ଶୁନି କରି କାଏଟା ହାଲେଗେ ରେସିଟା ଦବଡ୍‌ତେ ପଲାଇସି କମନ୍ ଭିତରେ । ତା'ର ପଛେ ରାକ୍ଷାସ୍ନି ଆରି ଯାଇସି ଯିବା ଦାଏ ହାଏ ବକ୍ତା ଗୁଡ୍ ଠେଲା ଧରସି ଆରି ଖାଏତେ ଖାଏତେ ହାଏ ଡୁମୁରି ଗଚ୍ ଲଗେ ଆଇସି ଆରି ବସି ଦେସି । ଉପରନୁ ମାକିଡି ଦେକ୍ସି ଆରି ତାର ଲଗେ ଆଇସି । ଆସି କରି ତାର ଲଗେ ଗୁଡ୍ ମାଗ୍ସି । ମାତର୍ ବକ୍ତା ନାଇଁ ଦେ । ଆରି ଏନ୍‌ତି ମାକିଡି ମାଗ୍ସି ମାତର ବକ୍ତା ନାଇଁ ଦେ ତାର ପଟେ ମାକଡି ପଚାରସି ଇ ଗୁଡ୍‌ଠେଲା କନ୍‌ଲଗନୁ ଆନ୍‌ଲୁସ୍ ମକେ ଟନେକ୍ କଇ ଦେ ମୁଁ ଇଁ ମିଶା ଆନ୍‌ବି । ତାର ପଟେ ବକ୍ତା କଇସି ମୁଁଇଁ ଯାଇଟା ତକେ କଇବି ହାଏଟା କଇବୁସ୍ । ତାର ପଟେ ଶିଖେଇ ଦେସି

"ମୋର ନା ବକ୍ତା
ରାକ୍ଷାସ୍ନିକେ ଦେକ୍ଲେ
ସରି ଚୁଟିକେ କାଟ୍‌ବି"।

ତାର ପଟେ ମାକିଟି ହାଏ ରାକ୍ଷାସ୍ନି ଗର ଲଗେ ଯାଇସି । ମାତର୍ ହାଏ ଗରେ କେ ନାଇଁ ରେଟ । ମନ ଇଚ୍ଛା କାଏବାଟା ଖାଇସି । କାଏତେ କାଏତେ ସଞ୍ଜ ହେସି । ସଞ୍ଜ ହେଲେ ସରି ରାକ୍ଷାସ୍ନି କାନ୍ଦତେ କାନ୍ଦତେ ଆଇସି ଆରି କଇସି

"ମାନେ ମାନେ ଗନ୍ଧ
ମାନେ ମାନେ ଗନ୍ଧ"

ମାତର୍ ମାକିଟି ବକ୍ତା କଇ ରେବା କଥା ପାସିରି ଯାଇସି । ମାକିଟି କଇସି ମୋର ନା ମାକିଡି ତକେ ମାରିବି ଟାପିଡି ତାର ପଟେ ରାକ୍ଷାସ୍ନି କଇସି ଇମାକିଡି କେସେ ଡର୍‌ବି ଚେ ରାକ୍ଷାସନି ଭିତରେ ଓଲ୍ସି ଆରି ମାକିଡି କେ ମାରି ଦେସି ।

**କୁମାରୀ ଲକ୍ଷ୍ମୀ ପ୍ରିୟା ନାଏକ**
ନବମ ଶ୍ରେଣୀ
ଏକଲବ୍ୟ ଆଦର୍ଶ ଆବସିକ ବିଦ୍ୟାଳୟ, ହିର୍ଲି,
ନବରଂଗପୁର

# ଭବିଷ୍ୟତ

ଝିପି ଝିପି ବର୍ଷା ପଡୁଥାଏ କାର୍ମି ଓ ଉର୍ମି ନୂଆ ସ୍କୁଲକୁ ଆସି ଥାଆନ୍ତି । ଜଙ୍ଗଲ ରାସ୍ତାରେ ଚାଲିଚାଲି ଆସି ଦୁହେଁ ହାଲିଆ ହୋଇ ପଡ଼ିଥାନ୍ତି । କାନ୍ଦ ଲାଗୁଥାଏ । ପୁଣି ଖୁସି ମଧ୍ୟ ଲାଗୁଥାଏ । ସ୍କୁଲର ଛାତ ଘର, ବିଜୁଳି ଆଲୁଅ, ଫେନ୍ ଦେଖି ଦୁଇ ବନ୍ଧୁ କାବା ।

ପଢ଼ା ଆରମ୍ଭ ହେଲା । ପିରିୟଡ଼ ପରେ ପିରିୟଡ଼ ନିଦ ଲାଗୁଥାଏ । ଢୁଳାଇ ଢୁଳାଇ କାର୍ମି ଉର୍ମିକୁ କହିଲା ଭଉଣୀ ଚାଲ ଘରକୁ ଚାଲିଯିବା । ଛତୁ ଗୋଟାଇବା, କୁସୁମ କୋଳି ଖାଇବା ଏଠି ପଢ଼ି କ'ଣ ଲାଭ ।

ସେଦିନ କାର୍ମି ବିଦ୍ୟାଳୟ ପାଚେରୀ ଡେ଼ଇଁ ଘରକୁ ପଳାଇଲା । ଦିଦି, ସାର୍‌ଙ୍କ କଥା ଶୁଣିଲା ନାହିଁ । ବଣ ମୂଲକ ତାକୁ ଭଲ ଲାଗେ । ସେ ବଣର ମୟୂରୀ ।

ଉର୍ମି କିନ୍ତୁ ସଫା ସୁତୁରା କୁର୍ତ୍ତା ପିନ୍ଧା ଆଦିବାସୀ ଝିଅଙ୍କ ସଙ୍ଗେ ମିଶି ଏକାଠି ରହିଲା । ବହୁତ କଷ୍ଟ କରି ପାଠ ମୁଖସ୍ଥ କଲା ଓ ଶ୍ରେଣୀ ପରେ ଶ୍ରେଣୀ ପାସ୍ କଲା ।

କିଛି ବର୍ଷ ପରେ ଦିନେ ଉର୍ମି ସାଇକେଲରେ ଯାଉଥାଏ ହଠାତ୍ କାହାର ଡ଼ାକ ଶୁଣି ଠିଆ ହେଲା କାର୍ମି ଦଉଡ଼ି ଆସି ଉର୍ମିକୁ କୁଣ୍ଢାଇ ଧରିଲା । ନୁଖୁରା ବାଳ, ମଇଳା ଶାଢ଼ୀ, ରାସ୍ତା କଡ଼ରେ କାର୍ମି ହାଣ୍ଡିଆ ବିକେ ଓ ଘର ଚଳାଏ । ଉର୍ମିର ମନ ଦୁଃଖ ହେଲା କହିଲା । ପାଠ ଛାଡ଼ି କ'ଣ ଭଲ କଲୁ । ଆପଣା ଭବିଷ୍ୟତରେ କୁରାଢ଼ୀ ମାରିଲୁ । କାର୍ମି ଆଖିରେ ଲୁହ ଭରିଗଲା ସମୟ କିନ୍ତୁ ହାତରୁ ଖସି ଯାଇଥିଲା ।

**ଆଲବତୀ ହାଁସଦା**
ସପ୍ତମ ଶ୍ରେଣୀ
କୁଜିଡିହି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

# କାହାଣୀ

ଗୋଟେକ୍ ଗାଆ ତାନେ ଗୋଟେକ ଡକରି ରେତେ ରେଲା ଆୟଲଗର ଗୋଟେକ୍ ଡଙ୍ଗର ତଳେ ଘର ଗୋଟେକ୍ ବାନ୍ଧି କରି ରେତେ ରେଲା । ଆହେ ଡଙ୍ଗରି ଉପରେ ଗୋଟେକ୍ ବାଘ୍ ରେତେ ରେଲା । ଡକରି ଡଙ୍ଗରି ତଳେ ମୂଳା ବାଡି କରି ରେଲା । ଆୟ ମୂଳା ବାଡି ତାନେ ବାଘ ଦିନକେ ଆସବାର । ଆସିକରି ମୂଳାମନକେ ନାଖାଇ କରି ଜିକି ଜିକି କରି ପିଙ୍ଗି ଦେତେ ରେସି । ଗୋଟେକ୍ ଦିନ ଡକରି ମୂଳା ବାଡି ବାଟେ ବୁଲକେ ଯାଇସି । ଆୟ ମୂଳା ବାଡି ତାନେ ବାଘ ରେସି ଆରି ଡକରି ମୂଳା ବାଡିତି କେଟସି । ବାଘ ନାହିକି ମୂଳାମନ କେ ଜିକି କରି ଫିଙ୍ଗି ଦେତେ ରେସି । ମୂଳା ନାଖାଇ କରି ଫିଙ୍ଗି ଦେତେ ରେସି ଗୁନକ ଡକରି ରିସା ହେସି । ଆରି ଗୋଟେକ କଥା ଭାବସି । ଏ ବାଘ କେନତା ହେଲା ଗୁନକ ମୂଳା ମନକେ ନା ଖାଇକରି ପିଙ୍ଗି ଦେସି ଆଛେ । କନତା କଲେ ବାଘ ମୂଳା ବାଡି ନା ଆସେ । ଆରି ଗୋଟେକ୍ ଦିନ ଯାଇ କରି ବାଘକେ କହିସି । ଏ ନାତି କେନତା ହେଲା ତୁଇ ମୂଳା ମନକେ ନା ଖାଇ କରି ପିଙ୍ଗି ଦେବି ଆସ । ଇ ମୂଳାତ ସୁଆଦ ଟା ନୁଯାୟ । ତୁଇ ନାତ ଖାଇସି କାୟ କାଜେ ପିଙ୍ଗିବି ଆସ ।

ଡକରି- ସଞ୍ଜକେ ତୁଇ ମୋର ଘରେ ଆସିବି । ତର କଜେ ମାଣ୍ଡିଆ ପେଜ ରାନ୍ଧି ଦେଇ ରେବି ।

ବାଘ- ସତେ କି ଆଇ ମାଁ ।

ଡକରି- ତୁଇ ଆସତ ନାତି, ତକେ ନା ଦେଲେ କାକେ ମୁହିଁ ଦେବିରେ ।

ବାଘ- ଆର ମାଆ ଏନତା ଆଲେ ସଞ୍ଜକେ ଆସିବି ।

ପଛେ ଡକରି ଘରେ ଯାୟସି । ଯାଇ କରି କୋଇଲା ଚୁଲି ତାନେ ଦାୟ ଧରାଇକରି ତାର ବାଡି ବାଟେ ସଙ୍ଗାଇ ରେସି । ଆରି ନକି ତାନେ ନକେକେ ପାଣି ଥାନେ ମରିଚ ଗୁଣ୍ଡ ଗଲି ଦେଇ ରେସି । ଆରି ଖଦରି ବୁଟା ତାନେ ଆୟ ଧଳା ଧଳା ଲୁଙ୍ଗିକେ ସୁଖାଇ ଦେସି, ଆରି ରାନ୍ଧା ଘରେ ଯାଇ କରି ଶୋଇ ଦେଇ ରେସି । ସଞ୍ଜ ହେଲା ବଲେ ବାଘ ଆୟସି । ଆରି ଆଇ ମାଆ ବଲତେ ଡାକସି । ଡକରି ଶୁଣି କରି ବାହାରି ଆୟସି ଆରି କହେସି ଆୟଲିସିକି ନାତି ଆଇଲି ଆଇ ମାଆ । ହେନତା ହେଲେ ମକେ ଅଧିକ ଶୀତ ଲାଗସି ଆଛେ, ଆୟ ବାଡି ବାଟେ ଚୁଲି ଆଛେ ଆୟ ଚୁଲି କେ ଚନକ ଆନଦେ । ବାଘ ବାଡି ବାଟେ ଯାଇ କରି ଚୁଲି କେ ଆନସି । ଜୟ ନା ଧରେ ଜେ, ଏନତା ଆଲେ ଫୁକି ଦେସ୍ ଚନକ । ବାଘ ପଛେ ଫୁକସି, ପଛେ ତ ଚୁଲିର କୋଇଲା ଜାୟ ବାଘର ଆଖି ତାନେ ଜୟ ଧରସି । ପଛେ ବାଘ ଡକରି କେ କହସି । ଆଇ ମାଆ ମୋର ଆଖି ତାନେ ଜୟ ଦୟ ଧରାନି, କେନତା କରବି ଆଇ ମାଥା ।

ଡକ୍ର : ଆୟ ନକି ତାନେ ପାଣି ଆଛେ ଯାଇ କରି ମୁହଁ ଧଇ ଦେସ୍ ।

ବାଘ ଯାଇ କରି ଆୟ ମରିଚ ଗୁଣ୍ଡ ପାନିକେ ମୁହଁ ଦୋଇସି । ପଛେ ତ ତାର ଆଖି ଅଧିକ ଜଲସି । ପଛେ ଡକରି କେ ବାଘ କହସି । ଆଇ ମାଆ ଅଧିକ ଜଲାଇଲାନି କେନତା କରବି ଜେ । ଡକରି କହିସି । ଆୟ ବାଡି ବାଟେ ଲୁଙ୍ଗି ଶୁଖାଇଲି ଆଛେ ପଚି ଦେସ୍ । ବାଗ ଯାଇ କରି ମୁହଁକେ ପଚି ହେସି । ତାର ଆଖି ତାନେ ତ ଖଦରୀ କାଟା ଗନ ବୁସି ହେସି । ପଛେ ତାର ଆଖି ତାନଲେ ରକ୍ତ ବାହାରସି ପଛେ ଆୟ ଡକରି ଉପରେ ପଲାଇ ଯାଇ ସି; ଆୟ ଦିନତାନଲେ ବାଘପନ ମୂଳା ବାଡିଠାନେ ନାଁ ଆସେ । ପଛେ ବାଘ ନିକ କରି ରେସି; ଡକରି ମିଶା ନିକ କରି ରେସି ।

**କୁମାରୀ ରମାମଣି ନାୟକ**
ସପ୍ତମ ଶ୍ରେଣୀ
ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ହିର୍ଲି,
ନବରଂଗପୁର

# ତିନି ଚୋର

ହରିପୁର ନାମକ ଗୋଟିଏ ଗାଁ । ସେ ଗାଁରେ ତିନି ଚୋର ଥିଲେ । ନାଁ ରାଧୁ, ସାଧୁ ଓ ମଧୁ । ସେମାନେ ରୋଜଗାର କରିବାକୁ ଯାଆନ୍ତି ନାହିଁ । ଏମିତି ଚୋରି କରି ଯାହା ଆଣନ୍ତି ପେଟ ପୋଷନ୍ତି ।

ସେ ପାଖ ଗାଁ ନା ମଧୁପୁର । ସେଠାରେ ଜଣେ ମାଛ ବିକାଳି ଥାଏ । ମାଛ ବିକ୍ରି କରି ଯାହା ଟଙ୍କା ରୋଜଗାର ହୁଏ ସେ ବ୍ୟାଙ୍କ୍‌ରେ ଜମା ରଖେ । ଦିନେ ଟଙ୍କା ଜମା କରିବାକୁ ଗଲା ବାଟରେ ଜଣେ ବନ୍ଧୁ ସହିତ କଥା ହେଲା ଏବଂ କଥା ହେଉ ହେଉ ତିନି ଚୋର ପକେଟରୁ ଟଙ୍କା ନେଇ ଦୌଡ଼ିଲେ । ଲୋକଟି ଖୋଜିଲା କିନ୍ତୁ ପାଇଲା ନାହିଁ । ମନ ଦୁଃଖରେ ଘରକୁ ଫେରିଲା । ମଧୁ ଭାବିଲା । ସେହି ଟଙ୍କାରେ ଆମ୍ବ କିଣି ଯାହା ରୋଜଗାର କରିବ । କିନ୍ତୁ ରାଧୁ ଓ ସାଧୁ ସେମିତି ଚୋରି କଲେ । ମଧୁ ରୋଜଗାର କରି କରି ଗୋଟିଏ ଦୋକାନ ଖୋଲିଲା ଏବଂ ସେ ଗାଁର ଜଣେ ଭଦ୍ରବ୍ୟକ୍ତି ହେଲା । ଖବର କାଗଜର ମଧ ତା'କଥା ବାହାରିଲା । ସେ ଗାଁର ଜଣେ ଖବର କାଗଜ ବିକାଳୀ ରାସ୍ତାରେ ବିକ୍ରି କରୁଥାଏ । ରାଧୁ ଓ ସାଧୁ ଗୋଟିଏ କାଗଜ କିଣିଲେ ଏବଂ ପଢ଼ିଲେ ଯେ ସେ ଗାଁର ଭଦ୍ର ବ୍ୟକ୍ତି ହୋଇଛି । ରାଧୁ ଓ ସାଧୁ ମଧୁର ଘରକୁ ଆସିଲେ । ମଧୁ ସେମାନଙ୍କ ବୁଝାଇଲା । ୧୦୦୦ଟଙ୍କା ଲେଖା ଦେଲା ଏବଂ ସେମାନେ ବେପାର କରିଲେ । ମୋ ଗପଟି ସଇଲା, ଫୁଲ ଗଛଟି ମଲା ।

**କୁମାରୀ ଗୁରୁବାରୀ ସିଂ**
ସପ୍ତମ ଶ୍ରେଣୀ
କୁଜିଡିହି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

# ଅନ୍ୟକୁ ସାହାଯ୍ୟ କଲେ ନିଜେ ସାହାଯ୍ୟ ପାଇହୁଏ

ଅନେକ ବର୍ଷ ତଳର କଥା, ଗୋଟିଏ ଗାଁରେ ଗୋପାଳ ବୋଲି ପିଲାଟିଏ ବାସ କରୁଥିଲା । ସେ ଚାଲାକ୍ ଓ ବୁଦ୍ଧିମାନ୍ ଥିଲା । ଗୋପାଳ ପ୍ରତ୍ୟେକ ଦିନ ଜଙ୍ଗଲରୁ ଗାଈ ଚରାଇବାକୁ ଯାଏ ଏବଂ ସନ୍ଧ୍ୟା ପୂର୍ବରୁ ଘରକୁ ଫେରେ । ତା'ର ଏହା ନିତିଦିନିଆ କାର୍ଯ୍ୟ ଥିଲା । ଦିନେ ଗୋପାଳ ଗାଈ ନେଇ ଜଙ୍ଗଲକୁ ଯାଉଥାଏ । ନଦୀକୂଳରେ ଗୋଟିଏ ମାଛ ମାଟି ଉପରେ ଛଟପଟ ନେଉଥାଏ । ମାଛ, ଗୋପାଳ ଯାଉଥିବାର ଦେଖି କହିଲା, ମୋତେ ଦୟାକରି ପାଣିରେ ନେଇ ଛାଡିଦିଅ । ଗୋପାଳ ତା'ର କଥା ଶୁଣି ମାଛ ପାଖକୁ ଧାଇଁଲା ଏବଂ ମାଛକୁ ନେଇ ନଦୀ ପାଣିରେ ଛାଡିଦେଲା । ମାଛ ନଦୀ ପାଣିରେ ଥାଇ କହିଲା ଧନ୍ୟବାଦ, ମୁଁ ତୁମକୁ ଦିନେନା ଦିନେ ସାହାଯ୍ୟ କରିବି । ଏକଥା କହି ମାଛ ନଦୀ ପାଣିରେ ବୁଡିଗଲା । ଗୋପାଳ ଗୋରୁ ନେଇ ଜଙ୍ଗଲକୁ ଗଲା ଏବଂ ସବୁଦିନ ପରି ସନ୍ଧ୍ୟା ପୂର୍ବରୁ ଘରକୁ ଫେରିଲା । ଗୋଟିଏ ଦିନ ଗୋପାଳ ଜଙ୍ଗଲକୁ ଯାଉଥାଏ । ହଠାତ୍ ତା' କାନରେ ବାଜିଲା ପିମ୍ପୁଡ଼ିର ଡାକ ! ପିମ୍ପୁଡ଼ି ଆତୁର ହୋଇ ଡାକୁଛି । ଗୋପାଳ ପିମ୍ପୁଡି ପାଖକୁ ଗଲା । ପିମ୍ପୁଡି କହିଲା ଗୋପାଳ ଭାଇ ମୋତେ ମୋ ଘର ପାଖକୁ ଟିକେ ନେଇଦିଅ, ମୁଁ ଥକିଯାଇଛି । ଏକଥା ଶୁଣି ଗୋପାଳ, ପିମ୍ପୁଡ଼ିକୁ ତା'ର ଘର ପାଖକୁ ନେଇଦେଲା । ପିମ୍ପୁଡି ମଧ୍ୟ ମାଛ ପରି ଗୋଟିଏ କଥା କହିଲା, ଗୋପାଳ ମୋତେ ତୁମେ ସାହାଯ୍ୟ କରିଛ ମୁଁ ମଧ୍ୟ ତୁମକୁ କେବେ ମଧ୍ୟ ସାହାଯ୍ୟ କରିବି । ଏକଥା ଶୁଣି ଗୋପାଳ ଘରକୁ ଫେରିଲା । ତା' ପରଦିନ ରାଜା ଗୋଟିଏ ସଭା କରିଥିଲେ । ସେହି ସଭାରେ ପ୍ରତ୍ୟେକ ଗାଁର ପ୍ରତ୍ୟେକ ଘରୁ ଲୋକ ଆସିଥିଲେ । ରାଜା ପ୍ରତ୍ୟେକ ଗାଁର ବୁଦ୍ଧିମାନ ବ୍ୟକ୍ତିମାନଙ୍କୁ ରାଜସଭାରେ ଏକତ୍ରିତ କରିବା ପାଇଁ ଏହି ସଭାର ଆୟୋଜନ କରିଥିଲେ । ପ୍ରତ୍ୟେକ ଗାଁ ପାଇଁ ଗାଁର ଲୋକ ବୁଦ୍ଧିମାନ ବ୍ୟକ୍ତି ବାଛିଥିଲେ, କିନ୍ତୁ ଗୋପାଳ ଗାଁର ବୁଦ୍ଧିମାନ ବ୍ୟକ୍ତି ବଛାଯାଇ ନଥାଏ । ଲୋକେ ରାଜାଙ୍କର କଥାଶୁଣି ଗୋପାଳକୁ ତାଙ୍କ ଗାଁର ବୁଦ୍ଧିମାନ ବ୍ୟକ୍ତି ରୂପେ ବାଛି ନେଲେ । ଗୋପାଳ ରାଜାଙ୍କୁ ଯାଇ ନମସ୍କାର କଲା । ସଭା ଶେଷ ହେବା ପରେ ରାଜା ବୁଦ୍ଧିମାନ ଲୋକମାନଙ୍କୁ ନେଇ ରାଜଦରବାରରେ ପହଞ୍ଚିଲେ । ତା' ପରଦିନ ଗୋଟିଏ ପରୀକ୍ଷା ପାଇଁ ସ୍ଥିର କଲେ । ସେ ପରୀକ୍ଷାଟି ଥିଲା ଯେ ନଦୀ ଭିତରେ ଗୋଟିଏ ଚାବିକାଠି ଛାଡି ଦିଆଯିବ ଏବଂ ସକାଳ ଛଅଟା ପୂର୍ବରୁ ସେହି କାଠଟିକୁ ରାଜାଙ୍କ ପାଖରେ ପହଞ୍ଚାଇବାକୁ ହେବ । ଏ କଥା ଶୁଣି ଅନେକ ଲୋକ ପାଣିରେ ଡେଇଁ ମଲେ କିନ୍ତୁ ଚାବି ପାଇଲେ ନାହିଁ । ଗୋପାଳ ଚୁପ୍ ରହି ରାତି ବେଳେ ନଦୀ କୂଳରେ ଯାଇ ମାଛକୁ ଡାକିଲା । ମାଛ ଗୋପାଳର କଥା ଶୁଣି ନଦୀ କୂଳକୁ ଆସିଲା ଏବଂ ପଚାରିଲା କ'ଣ ହେଲା ? ଗୋପାଳ ରାଜା କହିଥିବା ସବୁକଥା କହିଲା । ମାଛ ପାଣିରେ ବୁଡି ଖୋଜିଲା ଏବଂ ଚାବି ପାଇ ଗୋପାଳକୁ ଆଣିଦେଲା । ଗୋପାଳ ମନ ଖୁସିରେ ରାଜାଙ୍କୁ ନେଇ ଚାବିଟା ଦେଖାଇଲା । ରାଜା ତାଙ୍କ ଉପରେ ଖୁସି ହୋଇ କହି ଉଠିଲେ ଗୋପଳ ହିଁ ଆମ ମନ୍ତ୍ରୀମଣ୍ଡଳର ସେନାପତି ଯୋଗ୍ୟ । ଏକଥା ଶୁଣି ସେଠାରେ ଥିବା ସେନାପତି ରାଗରେ ଜଳିଉଠିଲା ତା' ପରଦିନ ଆଉ ଗୋଟିଏ ପରୀକ୍ଷା ହେଲା । ଗୋଟିଏ ଜମିରେ ମାଣ୍ଡିଆ ବୁଣି ଦିଆଗଲା ଏବଂ ରାଜା କହିଲେ ଯେ ଏଥିରେ ଯେତିକି ମାଣ୍ଡିଆ ବୁଣାଯାଇଛି କାଲିକୁ ଯିଏ ସବୁ ମାଣ୍ଡିଆ ବାହାର କରି ପାରିଥବ, ସେ ବଡ଼ ଝିଅକୁ ବିବାହ କରିବ ଏବଂ ମୋର ରାଜ୍ୟରେ ସେନାପତି କାମ କରିବ । ରାଜାର କଥାଶୁଣି ପୁରୁଣା ସେନାପତି ଏହି କାମରେ ଯୋଗ ଦେଲେ କିନ୍ତୁ କେହି ମଧ୍ୟ ସବୁ ମାଣ୍ଡିଆକୁ ବାହାର କରିପାରିଲେ ନାହିଁ । ଗୋପାଳ ମଧ୍ୟ ବାହାର କରି ପାରିଲା ନାହିଁ ଓ ରାତିରେ ମନ ଦୁଃଖରେ ବସି ପିମ୍ପୁଡ଼ିକୁ ମନେ ପକାଇଲା । ସେ ସଙ୍ଗେ ସଙ୍ଗେ ଉଠିଆସି ପିମ୍ପୁଡ଼ିକୁ ଡାକିଲା । ପିମ୍ପୁଡ଼ି ତାର ଡାକ ଶୁଣି ପାଖକୁ ଆସିଲା । ଗୋପାଳ ରାଜା କହିଥିବା ସବୁକଥା ଶୁଣାଇଲା । ପିମ୍ପୁଡି ତା'ର ସାଙ୍ଗମାନଙ୍କୁ ଡାକିଲା ଏବଂ ସବୁ ମିଶି ମାଣ୍ଡିଆକୁ ଜମିରୁ ବାହାର କରିଦେଲେ । ଗୋପାଳ ରାଜାଙ୍କୁ ମାଣ୍ଡିଆ ଦେଖାଇଲା । ରାଜା ଖୁସିରେ ତାଙ୍କ ଝିଅକୁ ବାହା ଦେଲେ ଏବଂ ଗୋପାଳ ସେହିଦିନଠୁ ସେନାପତି ନିଯୁକ୍ତି ହୋଇ କାର୍ଯ୍ୟ ତୁଲାଇଲା ।

**ଦାସରାଜ ଗୋଣ୍ଡ**, ସପ୍ତମ ଶ୍ରେଣୀ
ଏକଲବ୍ୟ ଆଦର୍ଶ ଆବାସିକା ବିଦ୍ୟାଳୟ, ହିର୍ଲି, ନବରଂଗପୁର

# ନିର୍ବୁଦ୍ଧିଆର ବୁଦ୍ଧି

ମେଦିନୀପୁର ନାମରେ ଗୋଟିଏ ଗାଁ ଥିଲା । ସେଇ ଗାଁରେ ରଘୁ ନାମକ ଜଣେ ଯୁବକ ଥିଲା । ତାର ପରିବାର କହିଲେ ତା' ବାପା ଆଉ ସେ । ରଘୁ ବହୁତ ନିର୍ବୁଦ୍ଧିଆ ଥିଲା ସେ ପାଣିରେ ଘଣ୍ଟାଘଣ୍ଟା ଧରି ବୁଡ଼ି  ରହି ପାରୁଥିଲା । ଏହି ବିଦ୍ୟା ତାକୁ ଜଣାଥିଲା । ତାର ନିର୍ବୁଦ୍ଧିଆ ଗୁଣ ଯୋଗୁଁ ବିବାହ ହୋଇ ପାରୁନଥିଲା । ତା'ର ବାପା ସେଥିପାଇଁ ବହୁତ ଚିନ୍ତିତ ଥିଲେ । ଦିନକର ଘଟଣା ଅନ୍ୟ ଏକ ଗାଁରୁ ଗୋଟିଏ ବିବାହ ପ୍ରସ୍ତାବ ତାଙ୍କ ଘରକୁ ଆସିଲା । ରଘୁର ବାପା ତାକୁ ଦେଖିବା ପାଇଁ ଯିବା ପୂର୍ବରୁ ସଚେତନ କରାଇ ଦେଲେ ଯେ'ତୁ ଝିଅ ଘରକୁ ଯାଇ ପ୍ରଥମେ ତୋର ଚପଲ ଦ୍ୱାର ମୁହଁରେ ରଖିବୁ ତା'ପରେ ତୁ ଯାଇ ଚୌକିରେ ବସିବୁ । ଯାହା ତୋତେ ପଚାରିବେ ଠିକ୍ ଠିକ୍ ଉତ୍ତର ଦେବୁ । ରଘୁ ସବୁ ବୁଝିଲା ପରି ହଁ ହାଁ କହି ଚାଲିଗଲା । ରଘୁ ରାସ୍ତାରେ ଯାଉଥିବା ସମୟରେ ତା ବାପାଙ୍କ ଆଦେଶ କହି କହି ଯାଉଥାଏ । କହୁ କହୁ ଓଲଟ ପାଲଟ କରି ଦେଲା । ଲଘୁ ସେଠାରେ ପହଞ୍ଚି ପ୍ରଥମେ ତା'ର ଚପଲକୁ ଚୌକି ଉପରେ ରଖି ଦେଇ ନିଜେ ଯାଇ ଦ୍ୱାର ମୁହଁରେ ବସିଲା । ତାର ନିର୍ବୁଦ୍ଧିଆ ଗୁଣକୁ ଜାଣି ପାରିଲେ ଓ ଝିଅ ଦେଖାଇବା ପାଇଁ ମନା କରିଦେଲେ  ସେ ନିରାଶରେ ଘରକୁ ଫେରି ଆସିଲା । ସେତେବେଳେ ତାର ବାପା ଜାଣିପାରିଲେ ତାର ନିର୍ବୁଦ୍ଧିଆ ଗୁଣ ଯୋଗୁଁ ବାହାଘର ପ୍ରସ୍ତାବ ଭାଙ୍ଗିଗଲା । ରଘୁର ବାପା ରୁଷ୍ଟ ହୋଇ ତାକୁ ଘରୁ ବାହାରି ଯିବାକୁ ଆଦେଶ ଦେଲେ ଆଉ କହିଲେ ଯେଉଁ ଦିନକୁ ରାକ୍ଷସ ଝିଅକୁ ବିବାହ କରିବୁ ସେଦିନ ତୁ ସୁଧୁରିବୁ । ବିଚରା ରଘୁ ଘରୁ ବାହାରି ଯାଇ ରାକ୍ଷସ ଝିଅକୁ ଖୋଜିବାରେ ଲାଗିଲା ଖୋଜୁ ଖୋଜୁ ଗୋଟିଏ ଗୁମ୍ଫା ପାଖରେ ପହଞ୍ଚିଲା ଓ ସେହି ଗୁମ୍ଫା ଭିତରକୁ ଦେଖିଲା ଜଣେ ଅସୁରୁଣୀ ନିଘୋଡ଼ ନିଦରେ ଶୋଇଛି । ରଘୁ ଅସୁରୁଣୀ ପାଖକୁ ଯାଇ ତା'ର କାନକୁ ମୋଡି ଜୋର୍‌ରେ ଚିତ୍କାର କରି କହିଲା ଅସୁରୁଣୀ ତୁ ମୋତେ ବିବାହ କରିବୁ ନା ନାହିଁ । ମୁଁ ତୋତେ ବିବାହ କରିବି । ଅସୁରୁଣୀ ଏକଥା ଶୁଣି ଉଠିପଡି ବିବାହ କରିବି ବୋଲି କହିଲା କାରଣ ଅସୁରୁଣୀର ରୂପ ବହୁତ କୁତ୍ସିତ ଥିଲା । ତେଣୁ ତା ପ୍ରସ୍ତାବରେ ରାଜି ହୋଇଗଲା । ରଘୁ ଅସୁରୁଣୀକୁ କହିଲା ବିବାହ ପୂର୍ବରୁ ପୁଅମାନଙ୍କୁ ରନି ଥାଳି ଦିଆଯାଏ, ଏହା ଶୁଣି ଅସୁରୁଣୀ ଶୀଘ୍ର ଯାଇ ରନି ଥାଳି ଆଣି ରଘୁକୁ ଦେଲା । ରଘୁ ଥାଳି ଧରି କହିଲା ସ୍ନାନ କରି ବିବାହ କରିବା ଉଚିତ୍ । ଅସୁରୁଣୀ ଓ ରଘୁ ଦୁହେଁ ପୋଖରୀକୁ ଗଲେ, ତା'ପରେ ରଘୁ ଥାଳି ଧରି ପାଣି ଭିତରେ ରହିଲା, ରଘୁ ଶୀଘ୍ର ନବାହାରିବାରୁ ଅସୁରୁଣୀ ଭାବିଲା ସେ ପାଣିରେ ବୁଡ଼ି ମରିଗଲା । ତେଣୁ ସେ ରାଗରେ ଗୁମ୍ଫାକୁ ଫେରିଗଲା । ଅସୁରୁଣୀ ଚାଲିଯିବାର ଜାଣିପାରି ରଘୁ ପାଣି ଭିତରୁ ଉଠି ଥାଳି ଧରି ଘରକୁ ଫେରି ଆସିଲା ତାର ବାପା ତାକୁ ଦେଖି ବହୁତ ଖୁସି ହେଲେ ଏବଂ ରଘୁ ବିବାହ କରି ସୁଖରେ ଜୀବନ ଯାପନ କଲା ।

**କୁମାରୀ ଲକ୍ଷ୍ମୀପ୍ରିୟା ନାଏକ**
ଦଶମ ଶ୍ରେଣୀ
କୁଜିଡିହି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

# ବାଘର ଗର୍ବ ଭାଙ୍ଗିଲା

ଜଙ୍ଗଲରେ ବାଘଟିଏ ରହୁଥିଲା । ସେ ନିଜକୁ ପୃଥିବୀର ସବୁଠାରୁ ବଳୁଆ ବୋଲି ମନେ କରୁଥିଲା । ସେଥିପାଇଁ ତା'ର ମନରେ ଖୁବ ଗର୍ବ ଓ ଅହଂକାର ଥିଲା ।

ଦିନକର କଥା । ବାଘ ଗୋଟିଏ ଗଛ ମୂଳରେ ବିଶ୍ରାମ ନେଇ ଥାଏ । ଏତିକିବେଳେ ହଠାତ ତାକୁ କେହି ଡାକୁଥିବାର ସେ ଶୁଣିବାକୁ ପାଇଲା । ସେ ଏପଟ ସେପଟ ଚାହିଁ ଦେଖିଲା କେହି କୁଆଡ଼େ ନାହିଁ । ଆଉ ଥରେ ସେହି ଡାକ ଶୁଣି ଉପରକୁ ଚାହିଁଲା । ଦେଖିଲା ଗଛ ଡାଳରେ କାଉଟିଏ ବସିଛି । ବାଘ ତା' ଆଡକୁ ଚାହିଁବା କ୍ଷଣି ସେ କହିଲା "ଆରେ ବାଘ! ତୁ ନିଜକୁ ସବୁଠାରୁ ବେଶୀ ବଳବାନ୍ ଭାବୁଛୁ ନା ?" ହେଲେ ତୋର ଏ ଭାବନା ସମ୍ପୂର୍ଣ୍ଣ ଭୁଲ । ତୋ ଠାରୁ ଆହୁରି ବଳୁଆ ପ୍ରାଣୀ ବି ଅଛନ୍ତି । କାଉ ଠାରୁ ଏ କଥା ଶୁଣି ବାଘ ରାଗରେ ନିଆଁ ବାଣ । ଗର୍ଜନ କରି ଆଗ ଗୋଡ଼ ଦୁଇଟିକୁ ଉପରେ ଉଠାଇ କହିଲା, କ'ଣ ହେଲା ? ମୋ ଠାରୁ ବଳୁଆ ପୁଣି କିଏରେ ? ବାଘ ରାଗରେ କହିଲା; କହିଲୁ ଦେଖି ମୋ ଠାରୁ ବଳୁଆ କିଏ ? ଏହା ଶୁଣି କାଉ କହିଲା, "କିଏ ଆଉ ହେବ । ସେ ହେଉଛି ମଣିଷ । ଏତିକି କହି କାଉ ଫୁର୍ କିନା ଉଡ଼ିଗଲା । ବାଘ ଆଗରୁ କେବେ ମଣିଷ ଦେଖି ନଥିଲା । ତେଣୁ ମଣିଷକୁ ଦେଖିବା ପାଇଁ ତା'ର ବହୁତ ଇଚ୍ଛା ହେଲା । କେବଳ ମଣିଷ କଥା ଚିନ୍ତା କରି କରି ଆଉ ବସିବ କ'ଣ । ବାହାରିଲା ମଣିଷ ଖୋଜିବା ପାଇଁ । କିଛି ଦୂର ଯିବାପରେ ବାଟରେ ସେ ଗୋଟିଏ ଗଧିଆକୁ ଭେଟିଲା । ତାକୁ ଦେଖି ପଚାରିଲା ଆର ହେ ତୁ ମଣିଷ କି ? ବାଘର ଏପ୍ରଶ୍ନ ଶୁଣି ଗଧିଆ କହିଲା ନା.......ନା....... ମୁଁ କାହିଁକି ମଣିଷ ହେବି । ହେଲେ ତୁମେ ମଣିଷକୁ କାହିଁକି ଖୋଜୁଛ । ବାଘ କହିଲା, ମଣିଷ ଦେଖିବାକୁ କିପରି ମୁଁ ଟିକେ ଜାଣିବାକୁ ଚାହେଁ । ବାଘର ଏକଥା ଶୁଣି ଗଧିଆ କହିଲା, 'ତୁମେ କେତେ ବୋକା ମ । ମଣିଷମାନେ ତୁମ ଠାରୁ ବହୁତ ବଳୁଆ । ଗଧିଆଠାରୁ ଏକଥା ଶୁଣି ବାଘଜୋର୍‌ରେ ହସି ଉଠିଲା । ହସି ହସି ପୁଣି ଆଗକୁ ଚାଲିଲା । କିଛି ବାଟ ଯିବାପରେ ସେ ଗୋଟିଏ ବଡ଼ ଚଉଶିଙ୍ଗା ହରିଣକୁ ଭେଟିଲା । ତା' ମନରେ ତ ମଣିଷକୁ ଦେଖିବାର ପ୍ରବଳ ଇଚ୍ଛା ଥାଏ । ତେଣୁ ସେ ହରିଣକୁ ଦେଖି ପଚାରିଲା ଆରେ ହେ, ତୁ ଗୋଟିଏ ମଣିଷ କି ? ହରିଣ ବାଘର କଥା ଶୁଣି କହିଲା, 'ବାଘ ମାମୁଁ ତୁମକୁ କ'ଣ ଦେଖାଯାଉ ନାହିଁ କି ?' ମୁଁ ପରା ଗୋଟିଏ ହରିଣ, ମୁଁ କାହିଁକି ମଣିଷ ହେବି ? ହେଲେ ବାଘ ମାମୁଁ ତୁମେ ମଣିଷକୁ ଖୋଜୁଛ କାହିଁକି ? ବାଘ ସେଇଠୁ କହିଲା, ମୁଁ ଟିକିଏ ମଣିଷର ରୂପ ଦେଖିବାକୁ ଚାହେଁ । ହରିଣ ମଧ ବାଘର କଥା ଶୁଣି ସେହିପରି କହିଲା, ମଣିଷତ ତୁମକୁ ଦେଖିଲେ ମାରି ଦେବେ । କାରଣ ସେ ତୁମ ଅପେକ୍ଷା ବହୁତ ବଳୁଆ । ଆଉ ତୁମେ ତାକୁ ଦେଖିବା କଥା କ'ଣ କହୁଛ ।

ଏକଥା ଶୁଣି ବାଘ ହରିଣ କଥାକୁ ମଧ ହସରେ ଉଡ଼ାଇ ଦେଇ ପୁଣି ଆଗକୁ ଚାଲିଲା । କିଛି ବାଟ ଯିବା ପରେ ସେ ରାସ୍ତାରେ ଭେଟିଲା ଗୋଟିଏ ଛୋଟ ହରିଣକୁ । ତାକୁ ଦେଖି ବାଘ ପଚାରିଲା, 'ହଇରେ ହେ, ତୁ ଗୋଟିଏ ମଣିଷ କି ? ବାଘର ଏ ପ୍ରକାର ଅଜବ ପ୍ରଶ୍ନ ଶୁଣି ହରିଣ କହିଲା କିହୋ ମାମୁଁ ତୁମ ମୁଣ୍ଡ କ'ଣ ଖରାପ ହୋଇଯାଇଛ କି ? ତା' ହେଲେ ତୁମେ ମଣିଷକୁ ଏମିତି ଖୋଜୁଥାନ୍ତ । ମଣିଷ ତ ତୁମ ଠାରୁ ବହୁତ ବେଶୀ ବଳୁଆ । ଖାଲି ସେତିକି ନୁହେଁ ମଣିଷ ତୁମକୁ ଦେଖିଲା ମାତ୍ରେ ହିଁ ମାରିବ ।

ବାଘ ହରିଣର ଏକଥାକୁ ବିଶ୍ୱାସ କଲା ନାହିଁ । ଗଧିଆ, ଚଉଶିଙ୍ଗା ହରିଣ, ଛୁଆ ହରିଣର କଥାକୁ ମଧ ହସରେ ଉଡ଼ାଇ ଦେଲା । ପୁଣି ଚାଲିଲା ଆଗକୁ । କିଛି ଦୂର ଯିବା ପରେ ଦୁଇ ଗୋଡ଼ରେ ଠିଆ ହୋଇ ଗଛକୁ ହାଣୁଥିବାର ଏକ ଜୀବକୁ ସେ ଦେଖିଲା । ସେ ତ ଆଗରୁ କେବେ ମଣିଷକୁ ଦେଖି ନଥିଲା । ତେଣୁ ସେ ବା କେମିତି ଜାଣନ୍ତା । ସେ ଗୋଟିଏ ମଣିଷ ବୋଲି ? କିଛି ଦୂରରେ ଠିଆ ହୋଇ ସେ ତା'ର କାମକୁ ଖାଲି ନିରୀକ୍ଷଣ କଲା ।

ହଠାତ୍ ଗଛ କାଟୁଥିବା ମଣିଷଟି କାହିଁକି କେଜାଣି ପଛକୁବୁଲି ପଡ଼ି ଥିବାରୁ ବାଘକୁ ଦେଖିଲା । ବାଘକୁ ଦେଖି ସେ ପଚାରିଲା । ତୁମେ ଏଠାରେ କାହିଁକି ଛିଡ଼ା ହୋଇଛ ତୁମେ କାହାକୁ ଖୋଜୁଛ ? ସେଠୁ ବାଘ କହିଲା, ମୁଁ ମଣିଷକୁ ଦେଖିବାକୁ ଚାହେଁ । ସେ କୁଆଡ଼େ ମୋ ଠାରୁ ବେଶୀ ବଳୁଆ । ତୁ ମଣିଷକୁ ଦେଖିଛୁ କି ? ବାଘର କଥା ଶୁଣି ମଣିଷ ମନେ ମନେ ହସି କହିଲା, ବଳୁଆ ବୋଲି ? ତାକୁ ଦେଖା କଲେ ସେ କ'ଣ ତୋତେ ଛାଡ଼ିବ ।

କିନ୍ତୁ ବାଘ ତା'ର ଏକଥାକୁ ମଧ୍ୟ ବିଶ୍ୱାସ କଲାନାହିଁ । ସେଠୁ ସେ ଆଗକୁ ଯିବାକୁ ବାହାରିଛି ମଣିଷ ତାକୁ ପଛରୁ ଡାକିଲା । ମଣିଷର କଥା ଶୁଣି ସେ ତା ନିକଟକୁ ଆସିଲା । ମଣିଷ ତାକୁ କହିଲା,'ତୁ ମଣିଷକୁ ନିଶ୍ଚୟ ଦେଖିବୁ ନା ? ବାଘ କହିଲା, ଖାଲି ଦେଖିବି ନୁହେଁ, ତା'ର ବଳ କେତେ ସେ କଥା ମଧ୍ୟ ଜାଣିବାକୁ ଚାହେଁ । ମଣିଷ ବାଘର ଏ ବୋକାମୀ ଦେଖି ତାକୁ ଭଲ କରି ପାନେ ଦେବାପାଇଁ ମନେ ମନେ ସ୍ଥିର କରି କହିଲା, ଆଚ୍ଛା ଠିକ୍ ଅଛି ତୁ ଯଦି ମୋ କଥାରେ ରାଜି ହେବୁ ତେବେ ମୁଁ ତୋତେ ମଣିଷର ବଳ କେତେ ଜଣାଇ ଦେବି । ବାଘ ରାଜି ହୋଇଗଲା । ମଣିଷ କହିଲା, ମୁଁ ତୋତେ ଏହି ଗଛରେ ବାନ୍ଧି ଦେଉଛି ଏହାଦ୍ୱାରା ତୋର ଇଚ୍ଛା ପୂରଣ ହୋଇ ପାରିବ ମାନେ ତୁ ଦେଖିପାରିବୁ ଓ ତା'ର ବଳ କେତେ ମଧ୍ୟ ଜାଣିପାରିବୁ ।

ବାଘ ତ ମଣିଷ ଦେଖିବାକୁ ଓ ତା'ର ବଳ ପରୀକ୍ଷା କରିବାକୁ ଖୁବ୍ ବ୍ୟାକୁଳ ହେଉଥିଲା । ତେଣୁ ସେ ଆଗ ପଛ କିଛି ବିଚାର ନ କରି ମଣିଷ କଥାରେ ଖୁବ୍ ସହଜରେ ରାଜି ହୋଇଗଲା । ସାଙ୍ଗରେ ଆଣିଥିବା ଶକ୍ତ ଦଉଡ଼ି ସାହାଯ୍ୟରେ ବାଘକୁ ସେ ଗୋଟିଏ ଗଛର ଗଣ୍ଡିରେ ଭଲ ଭାବରେ ବାନ୍ଧିଦେଲା । ଟିକିଏ ଦୂରକୁ ଯାଇ ରଖିଥିବା ବନ୍ଧୁକ ଆଣିଲା ଏବଂ ଏମିତି କରି ଗୋଟିଏ ଗୁଳି ମାରିଲା ଯେ, ବାଘର ଗୋଟିଏ ପାଖ କାନରେ ବାଜି କାନ ଉଡ଼ିଗଲା ।

ବାଘର ଗୋଟିଏ କାନ ଚିଣ୍ଡିଯିବାରୁ ସେ ଯନ୍ତ୍ରଣାରେ ଚିତ୍କାର କରି ଉଠିଲା । ଚିତ୍କାର କରି କହିଲା, "ମୁଁ ଏବେ ଜାଣିଲି ତୁ ମଣିଷ । ଆଉ ଏକଥା ଜାଣିଲି ତୁ ମୋଠାରୁ ବହୁତ ବେଶୀ ବଳୁଆ । ଦୟା କରି ମୋତେ ଛାଡ଼ିଦେ, ମୁଁ ଏଠାରୁ ଚାଲିଯିବି । ଆଉ କେବେ ଆସିବି ନାହିଁ ।

ବାଘର ଏମିତି ବିକଳ ହେବା ଦେଖି ମଣିଷ କହିଲା,' ଏବେ ଦେଖିଲୁ ତ ମଣିଷ କିଏ ଆଉ ତା'ର ବଳ କେତେ ? ତାକୁ ବାନ୍ଧି ଥିବା ଦଉଡ଼ିକୁ ଖୋଲି ଦେଇ ସେ ପୁଣି କହିଲା, 'ଯଦି ଭଲ ଦଶା ଅଛି ଏବଂ ଯଦି ବଞ୍ଚିବାକୁ ଚାହୁଁ ତେବେ ସିଧାସିଧା ଜଙ୍ଗଲ ଭିତରକୁ ପଳେଇଯା । ଆଉ ମନେ ରଖି, କେବେ ବି ମଣିଷକୁ ଖୋଜିବା ପାଇଁ ଚେଷ୍ଟା କରିବୁ ନାହିଁ ।

ବାଘକୁ ଖୋଲି ଦେଲା କ୍ଷଣି ସେ ଏକ ମୁହାଁ ହୋଇ ଜୀବନ ବିକଳରେ ଜଙ୍ଗଲ ଭିତରକୁ ଧାଇଁଲା ।

**ଦେବରାଜ ଭତ୍ରା**
**ସପ୍ତମ ଶ୍ରେଣୀ**
**ଏକଲବ୍ୟ ଆଦର୍ଶ ଆବାସିକା ବିଦ୍ୟାଳୟ, ହିର୍ଲି,**
**ନବରଂଗପୁର**

# ଗରିବରୁ ରାଜା

ଗୋଟିଏ ଗାଁ ଥିଲା । ଗାଁଟିର ନାମ ଥିଲା ନଦୀ ଗାଁ । ସେହି ଗାଁରେ ବଙ୍କୁ ବୋଲି ପିଲାଟିଏ ଥିଲା । ପିଲା ବେଳୁ ବାପା ମାଆଙ୍କୁ ହରାଇଥିଲା । ସେ ଗୋଟିଏ ଛୋଟ ଘରେ ରହୁଥିଲା । ପିଙ୍କୁ ଲୋକମାନଙ୍କ ଘରେ କାମ କରି ଟଙ୍କା କମାଉ ଥିଲା । ତା'ର ବୟସ ଥିଲା ୧୫ ବର୍ଷ । ଯେତେ ବେଳେ ତା'ର ୨୫ ବର୍ଷ ହେଲା । ସେତେ ବେଳେ ଗାଁ ଲୋକମାନେ ମିଶି ପିଙ୍କୁକୁ ବାହା କରାଇଲେ । ତା' ବୋହୂ ତାକୁ ଗୋଟିଏ ଉପହାର ଦେଲା । ହେଲେ ତା' ପାଖରେ ଟଙ୍କା ନାହିଁ । ମାତ୍ର ପାଞ୍ଚ ଟଙ୍କା ଗୋଟିଏ ଗଛ ମୂଳରେ ପୋତି କି ରଖିଥିଲା । ସେ ଆଉ କ'ଣ କରିବ ? ସେହି ଟଙ୍କାକୁ ଆଣିବା ପାଇଁ ଦୌଡ଼ିଲା ୧୧ କି.ମି. ଦୂରରେ ସେହି ଗଛ ତଳେ ଟଙ୍କା ପୋତି ଦେଇଛି । ଗାଁ ପାଖକୁ ଗୋଟିଏ ରାଜ୍ୟ ଲାଗିଛି । ସେ ଦୌଡ଼ୁ ଦୌଡ଼ୁ ସେହି ରାଜ୍ୟକୁ ପହଞ୍ଚିଲା । ସେହି ରାଜ୍ୟରେ ଗୋଟିଏ ରାଜା ଥିଲେ । ସେ ବୃଦ୍ଧ ହୋଇ ଯିବାରୁ ଆଉ ଗୋଟିଏ ରାଜା ବାଛିବା ପାଇଁ ମନସ୍ଥ କଲେ । ସେ ରାଜା ଦିନେ ଦୌଡ଼ ପ୍ରତିଯୋଗିତା କଲେ । ବହୁ ଲୋକ ଆସିଥାନ୍ତି । ସେହି ରାଜ୍ୟର ରାଜା ହେବ ପାଇଁ । ଦୌଡ଼ିବା ଆରମ୍ଭ ହେଲା । ସେତିକି ବେଳେ ପିଙ୍କୁ ତା ସ୍ତ୍ରୀକୁ ସେହି ଗଛ ତଳେ ପୋତି ଥିବା ପାଞ୍ଚ ଟଙ୍କା ଉପହାର ଦେବା ପାଇଁ ଆଣିବାକୁ ଦୌଡ଼ିଛି ବହୁ ଦ୍ରୁତ ଗତିରେ । ରାଜା ଦୌଡ଼ ପ୍ରତିଯୋଗିତା ଆରମ୍ଭ କଲେ । ସମସ୍ତେ ଦୌଡ଼ିଲେ ଏବଂ ଥକି ପଡ଼ିଲେ । ରାଜା ମୁହଁ ତଳକୁ କରିଦେଲେ । ହଠାତ୍ ରାଜା ଡାହାଣ ପଟକୁ ଚାହିଁଲେ । ଦେଖିଲେ ଗୋଟିଏ ଲୋକଟି ଖୁବ୍ ଦ୍ରୁତ ଗତିରେ ଦୌଡ଼ୁଛି । ସେ ଲୋକଟି ଥିଲା ପିଙ୍କୁ । ପିଙ୍କୁ ଫେରିଲା ବେଳେ ସେହି ରାଜ୍ୟର ରାଜା ଅଟକେଇଲେ । ପିଙ୍କୁ ରାଜାକୁ ପ୍ରଣାମ କରି କହିଲା ମହାଶୟ ମୁଁ ଶିଘ୍ର ଯିବାକୁ ଚାହୁଁଛି । ରାଜା ପଚାରିଲେ କ'ଣ ପାଇଁ ? ପିଙ୍କୁ ଉତ୍ତର ଦେଲା ମୋ ସ୍ତ୍ରୀ ମୋ ଅପେକ୍ଷାରେ ନିଶ୍ଚୟ ରହିଥିବ କାରଣ ମୁଁ ତା ପାଇଁ ଗୋଟିଏ ଉପହାର ନେଉଛି । ରାଜା ସେହି ଉପହାରଟିକୁ ଦେଖିଲେ ଯେ ପାଞ୍ଚ ଟଙ୍କା ଟିଏ । ରାଜା ଟିକିଏ ଚିନ୍ତିତ ହେଲେ ଲୋକଟି ପାଞ୍ଚ ଟଙ୍କା ପାଇଁ ଏତେ ଦ୍ରୁତ ଗତିରେ ଦୌଡ଼ୁଛି । ରାଜା ବହୁତ ଖୁସି ହେଲେ । ଖୁସିରେ ରାଜା ତାଙ୍କ ନିଜ ମୁଣ୍ଡରୁ ମୁକୁଟ ଖୋଲି ପିଙ୍କୁର ମୁଣ୍ଡରେ ବସାଇଲେ ଏବଂ ପିଙ୍କୁକୁ କହିଲେ ତୋର ପରିଶ୍ରମ ଯୋଗୁଁ ତୋତେ ମୁଁ ଏ ରାଜ୍ୟ ଦାନ କଲି । ତା'ପରେ ପିଙ୍କୁ ରାଜ୍ୟ ଗ୍ରହଣ କଲେ ଏବଂ ସେହି ରାଜ୍ୟରେ ରାଜା ହେଲେ ।

**କୁମାରୀ ସବିତା ମାଝୀ**
ଅଷ୍ଟମ ଶ୍ରେଣୀ
କୁଜିଡିହି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

# ନଡ଼ିଆ ଭିତରେ ମଲ୍ଲୀଫୁଲ

ପୂର୍ଣ୍ଣଗୁଡ଼ା ବୋଲି ଗାଁ ଟିଏ । ଗାଁ ମୁଣ୍ଡରେ ଆସି ମାଇନର ସ୍କୁଲ୍ । ଶନିବାର ଦିନ ଛୁଟି ପରେ ପିଲାମାନେ ଘରକୁ ସାଙ୍ଗ ହୋଇ ଫେରୁଥାନ୍ତି । ସମୟ ପ୍ରାୟ ଦିନ ତିନିଟା ହେବ । ପିଲାମାନେ ଗାଁ ଦାଣ୍ଡରେ ଦେଖିଲେ ଭାରି ଗହଳି । ସେଠାରେ ବହୁତ ଲୋକ ଗୁଣ୍ଡ ହୋଇଥାନ୍ତି । କଥା କ'ଣ କି ଜଣେ ଯାଦୁକର ଯାଦୁ ଦେଖାଉଥାନ୍ତି । ମାଟି ଉପରେ ଧଳା ଚଦର ଟିଏ ପଡ଼ିଥାଏ । ଧୂପ, ଦୀପ, ଝୁଣାଧୂଆଁ ସାଙ୍ଗକୁ କେତୋଟି ମନ୍ଦାର ଫୁଲ ଓ ଲାଲ ବାଡ଼ି । ଏ ଦୃଶ୍ୟ ପିଲାମାନଙ୍କ ମଧ୍ୟରେ ଅପୂର୍ବ ଶିହରଣ ସୃଷ୍ଟି କଲା । ଟାହୁଁ ଟାହୁଁ ମୁଣ୍ଡରେ ଲାଲ ପଗଡ଼ି ବାନ୍ଧି ଥିବା ଯାଦୁକରଟି ଆରମ୍ଭ କଲା ଯାଦୁଖେଳ ।

ପ୍ରଥମେ ଯାଦୁକରଟି ଦୁଇଟି ବଳ ଦେଖାଇ କହିଲା, "ଦେଖ୍ ! ପିଲାମାନେ ଏହି ବଳ ଭିତରେ କିଛି ନାହିଁ ।" ବଳ ଦୁଇଟିକୁ ଏପଟ ସେପଟ କରି ଚଦର ଉପରେ ରଖିଦେଲା । କିଛି ସମୟ ପରେ ବଳ ଭିତରେ ହାତ ପୂରାଇ ଗୋଟିଏ ରଙ୍ଗ ବେରଙ୍ଗର କାଗଜ ଫୁଲର ହାର ବାହାର କରି ପିଲାମାନଙ୍କ ଉପରକୁ ପକାଇଦେଲା । ଶୂନ୍ୟରେ ହାତ ବୁଲାଇ ଆଣି ଆଗରେ ଥିବା ଦୁଇଟି ପିଲାଙ୍କୁ ଲଡୁ ଖାଇବାକୁ ଦେଲା । ଏମିତି କେତେ ସୁନ୍ଦର ଖେଳ ଯାଦୁକର ପିଲାମାନଙ୍କୁ ଦେଖାଉଥାଏ । ପିଲାମାନେ ଯାଦୁକରର ଏ ଆଲୌକିକ ଖେଳଗୁଡ଼ିକ ଦେଖି ମଝିରେ ମଝିରେ ତାଳି ମାରୁଥାନ୍ତି ।

ସନ୍ଧ୍ୟା ପ୍ରାୟ ହୋଇ ଆସୁଥାଏ । ଏଥର ଶେଷ ଖେଳ ଆରମ୍ଭ କଲା ଯାଦୁକର । ମୁଣି ଭିତରୁ ନଡ଼ିଆଟିଏ ଓ ଛୋଟ ପଥରଟିଏ ବାହାର କରି ଧଳା ଚଦର ଉପରେ ରଖିଲା । ଆଗରେ ମଦନ ନାମକ ଏକ ପିଲା ଛିଡ଼ା ହୋଇଥାଏ । ଯାଦୁକର ନଡ଼ିଆଟିକୁ ସମସ୍ତଙ୍କୁ ଦେଖାଇବା ପାଇଁ ତାକୁ ଡାକିଲା । ମଦନ ନଡ଼ିଆଟିକୁ ଭଲ ଭାବରେ ଦେଖିଲା ଓ ହାତ ଟେକି ପିଲାମାନଙ୍କୁ ଦେଖାଇଲା । ଯାଦୁକର ନଡ଼ିଆ ଉପରେ ସିନ୍ଦୁର ଟିକେ ଲଗାଇ ମନ୍ଦାର ଫୁଲଟିଏ ଥୋଇ ଦେଲା । ଚଦର ଉପରେ ଥୁଆ ହୋଇଥିବା ଲାଲ ବାଡ଼ିଟିକୁ ହାତରେ ଧରି ହ୍ଲିଂ କ୍ଲିଂ କହି ନଡ଼ିଆ ଉପରେ ଦୁଇ ଚାରିଥର ବୁଲାଇ ଆଣିଲା । ନଡ଼ିଆଟିକୁ ଛୋଟ ପଥରରେ ପିଟି ଦେବାପାଇଁ ମଦନକୁ କହିଲା । ମଦନ ପାଖରେ ଥୁଆ ହୋଇଥିବା ପଥର ଖଣ୍ଡ ଉପରେ ଯେପରି ନଡ଼ିଆଟିକୁ ପିଟି ଦେଇଛି ତାହା ଭାଙ୍ଗି ଦୁଇଫାଳ ହୋଇଗଲା । ନଡ଼ିଆ ଭିତର ମିଠାପାଣି ସହ କିଛି ମଲ୍ଲୀଫୁଲ ଛିଟିକି ତଳେ ବିଛାଇ ହୋଇ ପଡ଼ିଲା । ପିଲାମାନେ ଆନନ୍ଦରେ ତାଳି ମାରି ନାଚି ଉଠିଲେ । ଏ ଆଲୌକିକ ଘଟଣାରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ନଡ଼ିଆ ଭିତରୁ କିପରି ମଲ୍ଲୀଫୁଲ ବାହାରିଲା ? କିଏ କହିଲା ଯାଦୁକର ମନ୍ତ୍ର ବଳରେ ନଡ଼ିଆ ଭିତରୁ ମଲ୍ଲୀଫୁଲ ବାହାର କଲା ତ ଆଉ କିଏ କହିଲା ଯାଦୁକରର ଚକ୍ଷୁବନ୍ଧନ । ସମିତି କେତେ କଥା ପିଲାମାନଙ୍କ ମନକୁ ଛୁଇଁଲା । ଖେଳ ସରିଲା । ସମସ୍ତେ ନିଜ ନିଜ ଘରକୁ ଗଲେ ସମସ୍ତଙ୍କ ମନରେ ଅସୁମାରି ପ୍ରଶ୍ନ ।

ମଦନର ବାପା ରାମହରି ବାବୁ ଜଣେ ବିଜ୍ଞାନ ଶିକ୍ଷକ । ସେ ପାଖ ଗାଁ ସ୍କୁଲରେ ଚାକିରି କରନ୍ତି । ସେଦିନ ସେ ଛୁଟିରେ ଘରକୁ ଯାଇଥିଲେ । ଘରେ ପହଞ୍ଚି ମଦନ କହିଲା, "ବାପା ! ଆଜି ଆମ ଗାଁ ଦାଣ୍ଡରେ ଜଣେ ଯାଦୁକର ବହୁତ ସୁନ୍ଦର ସୁନ୍ଦର ଖେଳ ସବୁ ଦେଖାଇଲେ । ତାଙ୍କର ଶେଷ ଖେଳଟି ଖୁବ୍ ମନମୁଗ୍ଧକର ଥିଲା । ସେ ମୋ ହାତରେ ଗୋଟିଏ ନଡ଼ିଆ ଧରାଇ ଦେଇ ଖଣ୍ଡେ ପଥର ଉପରେ ପିଟିବାକୁ କହିଲେ । ମୁଁ ନଡ଼ିଆଟିକୁ ପଥର ଉପରେ ପିଟିବାରୁ ତାହା ତଳେ ଭାଙ୍ଗି ଦୁଇଫାଳ ହୋଇଗଲା । ସେଥିରୁ ପାଣିସହିତ କେତୋଟି ଫୁଟନ୍ତା ମଲ୍ଲୀଫୁଲ ତଳେ ବିଛାଡ଼ି ହୋଇ ପଡ଼ିଲା । ନଡ଼ିଆ ଭିତରୁ ମଲ୍ଲୀଫୁଲ ବାହାରିଲା କେମିତି ? ଯାଦୁକରଙ୍କର ଏହି ଆଲୌକିକ ଖେଳଟି ଆମ ସମସ୍ତଙ୍କୁ ମୁଗ୍ଧ କରିଦେଲା । ସମସ୍ତେ କହିଲେ ଯାଦୁକର ମନ୍ତ୍ର ବଳରେ ନଡ଼ିଆ ଭିତରୁ ମଲ୍ଲୀଫୁଲ ବାହାର କଲେ ।" ରାମହରିବାବୁ ମଦନର କଥାଶୁଣି ମୁରୁକି ମୁରୁକି ହସି କହିଲେ, "ଏ ସପ୍ତାହ ଛାଡ଼ି ଆସନ୍ତା ରବିବାର ସନ୍ଧ୍ୟାବେଳକୁ ତୋର ସାଙ୍ଗମାନଙ୍କୁ ଡ଼ାକି ଆଣିବୁ । ମୁଁ ନଡ଼ିଆ ଭିତରୁ ମଲ୍ଲୀଫୁଲ ବାହାର କରି ତୁମମାନଙ୍କୁ ଦେଖାଇ

ଦେବି ।" ମଦନ ବାପାଙ୍କ କଥାଶୁଣି ଆଶ୍ଚର୍ଯ୍ୟ ହୋଇଗଲା । ଭାବିଲା ବାପା ତ ଗୁଣିଗାରେଡ଼ି ଜାଣି ନାହାନ୍ତି । ନଡ଼ିଆ ଭିତରୁ ମଲ୍ଲୀଫୁଲ ବାହାର କରିବେ କିପରି ? ବୋକାଙ୍କ ବୋଲି ବାପାଙ୍କ ମୁହଁକୁ ଚାହିଁମେ ଘର ଭିତରକୁ ଚାଲିଗଲା ।

ସେଦିନ ରବିବାର, ରାମହରିବାବୁ ବହିଟିଏ ଧରି ପଢୁଥାନ୍ତି । ଏହି ସମୟରେ ମଦନ ତା'ର ସାଙ୍ଗମାନଙ୍କ ସହିତ ଆସି ସେଠାରେ ପହଞ୍ଚିଗଲା । ରାମହରି ବାବୁ ପିଲାମାନଙ୍କୁ ବସିବାକୁ କହି ପାଖରେ ଥିବା ନଡ଼ିଆଟିକୁ ଟେବୁଲ ଉପରେ ରଖିଲା । ନଡ଼ିଆଟିକୁ ହାତରେ ଧରି ଦେଖିବାପାଇଁ ସେ ପ୍ରତ୍ୟେକ ପିଲାକୁ କହିଲେ । ପିଲାମାନେ ନଡ଼ିଆଟିକୁ ହାତରେ ଧରି ଦେଖିବାପାଇଁ ସେ ପ୍ରତ୍ୟେକ ପିଲାକୁ କହିଲେ । ପିଲାମାନେ ନଡ଼ିଆଟିକୁ ଦେଖିସାରିବା ପରେ ସେ କହିଲେ, "ପିଲାମାନେ ! ନଡ଼ିଆ ଭିତରୁ କିପରି ମଲ୍ଲୀଫୁଲ ବାହାରିବ ?" ସମସ୍ତେ ରାମହରି ବାବୁଙ୍କୁ ଚାହିଁ ରହିଥାନ୍ତି ।

ରାମହରି ବାବୁ ପିଲାଙ୍କ ସମ୍ମୁଖରେ ନଡ଼ିଆଟିକୁ ଧରି ପଥର ଖଣ୍ଡ ଉପରେ ପିଟି ହେବାରୁ ନଡ଼ିଆଟି ଦୁଇଫାଳ ହୋଇଗଲା । ନଡ଼ିଆ ପାଣି ସହିତ କିଛି ମଲ୍ଲୀଫୁଲ ତଳେ ବିଛାଡ଼ି ହୋଇ ପଡ଼ିଲା । ପିଲାମାନେ ଆଶ୍ଚର୍ଯ୍ୟରେ ପରସ୍ପର ମୁହଁକୁ ଚାହିଁଲେ ।

ମଦନ ଉଠି କହିଲା, "ବାପା ! ତୁମେତ ଯାଦୁକର ଭଳି କୌଣସି ମନ୍ତ୍ର ତନ୍ତ୍ର ଜାଣି ନାହିଁ । ନଡ଼ିଆ ଭିତରୁ ମଲ୍ଲୀଫୁଲ ବାହାର କଲ କିପରି ?

ପିଲାମାନେ ! ନଡ଼ିଆ ଭିତରୁ ମଲ୍ଲୀଫୁଲ ବାହାରିବା ପଛରେ କୌଣସି ମନ୍ତ୍ରତନ୍ତ୍ର ନାହିଁ । ଏହା ପଛରେ ବିଜ୍ଞାନ ସମ୍ମତ କାରଣ ଅଛି । ତୁମେ ଚାହିଁଲେ ଏପରୀକ୍ଷାଟିକୁ ସୁନ୍ଦର ଭାବେ କରିପାରିବ । ଏଥିପାଇଁ ବିଶେଷ କିଛି ଜିନିଷର ଆବଶ୍ୟକତା ନାହିଁ । କେବଳ କତା ଛଡ଼ା ହୋଇଥିବା ଗୋଟିଏ ନଡ଼ିଆ, ଗୋଟିଏ ଫୋଡ଼ଣୀ, କିଛି ମଲ୍ଲୀକଢ଼ ଓ ଅଳ୍ପ ପରିମାଣରେ ମହମ ଆବଶ୍ୟକ । ତୁମେ ମାନେ ଜାଣିଛ ଯେ, ନଡ଼ିଆର ଆଗରେ ଥିବା ଚୂଳ ଭିତରେ ତିନୋଟି ଆଖିଅଛି । ସାବଧାନତାର ସହିତ ଫୋଡ଼ଣୀ ସାହାଯ୍ୟରେ ନଡ଼ିଆର ଗୋଟିଏ ଆଖିକୁ ଏକ ଗାତ କରିଦିଅ । ସେହି ଗାତ ଭିତରେ କିଛି ମଲ୍ଲୀକଢ଼ ନଡ଼ିଆ ଭିତରକୁ ପକାଇ ଦିଅ । ମହମକୁ ତରଳାଇ ନଡ଼ିଆ ଆଖିରେ ହୋଇଥିବା ଗାତଟିକୁ ବନ୍ଦ କରିଦିଅ । ନଡ଼ିଆର ଚୂଳକୁ ଟାଣ ଅଠାଦେଇ ଏପରି ଭାବେ ସଜାଡ଼ି ଦିଅ ଯେ, ଯେପରି କୌଣସି ଆଖି ପଦାକୁ ଦେଖାଯିବ ନାହିଁ । ଏପରି ଭାବେ ନଡ଼ିଆଟିକୁ ଗୋଟିଏ ଦିନ ରଖିଦିଅ । ତହିଁ ପରଦିନ ନଡ଼ିଆଟିକୁ ଏକ ପଥରଖଣ୍ଡ ଉପରେ ପିଟି ଦୁଇ ଫାଳ କରିଦିଅ । ନଡ଼ିଆ ପାଣି ସହିତ ଫୁଟନ୍ତା ମଲ୍ଲୀକଢ଼ ଗୁଡ଼ିକ ବିଛାଡ଼ି ହୋଇ ପଡ଼ିବାର ଦେଖିବ । ତୁମେମାନେ ଚେଷ୍ଟାକର, ଏ ପରୀକ୍ଷାଟିକୁ ନିଜେ କରିବା ପାଇଁ - ରାମହରି ବାବୁ କହିଲେ ।

ପିଲାମାନେ ଅସଲ କଥାଟି ଜାଣିବା ପରେ ପରସ୍ପରର ମୁହଁକୁ ଦେଖି ମୁରୁକି ମୁରୁକି ହସିଲେ ।

**ଉମେଶ ପୁଜାରୀ**
ସପ୍ତମ ଶ୍ରେଣୀ
ଏକଲବ୍ୟ ଆଦର୍ଶ ଆବସିକା ବିଦ୍ୟାଳୟ, ହିର୍ଲି,
ନବରଂଗପୁର

# ଆସ ଜାଣିବା ପକ୍ଷୀଙ୍କ ନାଁ

| | | |
|---|---|---|
| ମଇନା | - | କରେ ବାହାନା । |
| ମୟୁର | - | ପୁଚ୍ଛ ସୁନ୍ଦର । |
| କୋଇଲି | - | ଡ଼ାକେ କୁ ବୋଲି । |
| ସାରୀ | - | ଭାରି ସୁନ୍ଦରୀ |
| ଶୁଆ | - | କହେ ପାଖେ ଆ । |
| କପୋତୀ | - | ଉଠରେ ପୁଚ |
| କୋପଟୀ | - | କରେ ମିନତୀ |
| କୁମ୍ଭାଟୁଆ | - | ବଡ଼ ହାଟୁଆ |
| ଘଟକ | - | ଜଳ ଭକତ |
| ବଣି | - | ଦେଖାଏ ଠାଣି |
| ହଳଦୀବସନ୍ତ | - | ବୃକ୍ଷର ମିତ |
| ବଗ | - | ଆଇଁଶ ସୁଆଗ |
| ସାରସ | - | ଛୁଏଁ ଦୂର ଆକାଶ |
| ଗୁଣ୍ଡୁରୀ | - | ପିଠା ଏଣ୍ଡୁରୀ |
| ଗୋବରା | - | ବଡ଼ ଛୋପରା |
| ଚଟିଆ | - | କିଚିର୍ କରୁଥା |
| ମାଛରଙ୍କା | - | ଚହାଣି ବଙ୍କା |
| କାଉ | - | କରେ ରାଉ ରାଉ |
| ଫୁଟୁକି | - | ମଧୁଖାଏ ଶୋଷି |
| ପାଣିକୁଆ | - | ଜାଣିବା ପକ୍ଷୀ ନାଆ । |

**କୁମାରୀ ଗୀତାଞ୍ଜଳି**
**ଗଡାୟତ**
ଦଶମ ଶ୍ରେଣୀ
କୁଜିଡିହି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

# ରାଜକୁମାର କାହାଣୀ

ଗୋଟିଏ ରାଜ୍ୟରେ ଜଣେ ରାଜା ଥିଲେ । ସେ ତାଙ୍କର ପ୍ରଜାମାନଙ୍କୁ ଭଲ ପାଉଥିଲେ । ରାଜାଙ୍କର ପୁଅଟିଏ ଏବଂ ଝିଅଟିଏ ଥିଲେ । ପୁଅ ନାମ ରଘୁନାଥ ଓ ଝିଅର ନାମ ପଦ୍ମାବତୀ । ଦିନେ ରାଜାଙ୍କର ହଠାତ୍ ମୃତ୍ୟୁ ହେଲା । ରାଜାଙ୍କର ମୃତ୍ୟୁ ହେବାରୁ ରାଣୀ ମଧ ଝୁରି ଝୁରି ମୃତ୍ୟୁ ବରଣ କଲେ ।

କେତେ ଦିନ ଗଲା ପରେ ଭାଇଭଉଣୀ ଦୁହେଁ ତାଙ୍କ ରାଜ୍ୟ ଛାଡି ଚାଲିଗଲେ । ଦିନ ପରେ ଦିନ, ସପ୍ତାହ ପରେ ସପ୍ତାହ ଓ ମାସ ପରେ ମାସ, ଭାଇ ଭଉଣୀ ବଣ ଜଙ୍ଗଲ ଓ ମରୁଭୂମି ମଧ ଦେଇ ଯାତ୍ରାରେ ଚାଲିଲେ । ଶେଷରେ ସେମାନେ ଅନ୍ୟ ଏକ ରାଜ୍ୟରେ ପହଞ୍ଚିଲେ । ସେହି ରାଜ୍ୟରେ ଜଣେ ଅସୁରକୁ ଭେଟିଲେ । ଅସୁର ସେମାନଙ୍କୁ ସବୁ ବିପଦ ଆପଦରୁ ସାହାଯ୍ୟ କରିବାକୁ କଥା ଦେଇଥିଲା ।

ରଘୁନାଥ, ପଦ୍ମାବତୀ ଓ ଅସୁର ସେହି ରାଜ୍ୟର ଗୋଟିଏ ପୋଖରୀ ହୁଡାରେ ଗୋଟିଏ କୁଡିଆ ତିଆରି କରି ରହିଲେ ।

ଦିନେ ସେହି ରାଜ୍ୟର ରାଜା ସେମାନଙ୍କର ଖବର ପାଇ ତା'ର ସେନାପତିକୁ ସେମାନଙ୍କର କୁଡିଆକୁ ପଠାଇଲେ । ସେନାପତି ଆସି ପଦ୍ମାବତୀ ରହୁଥିବା କୁଡିଆରେ ପହଞ୍ଚିଲା । ସେହି ସମୟରେ ରାଜକୁମାରୀର ଭାଇ କୁଡିଆରେ ନଥିଲା । ତେଣୁ ସେନାପତିକୁ ସବୁ ଠିକଣା ନେବାକୁ ସୁଯୋଗ ହେଲା । ସେ ରାଜକୁମାରୀକୁ ଠିକଣା ପଚାରିଲେ ଏବଂ ତାଙ୍କ ରାଜା ସହିତ ବିବାହ କରିବାକୁ କହିଲେ । ବିବାହ କଥା ଶୁଣି ପଦ୍ମାବତୀର ମନ ଉଛୁଳି ଗଲା । କିନ୍ତୁ, ତାର ଭାଇର ଆଦେଶ ନ ଥିଲେ ବିବାହ ହୋଇ ପାରିବ ନାହିଁ । ସେନାପତି ପଦ୍ମାବତୀର ସବୁ କଥା ରାଜାଙ୍କ ଆଗରେ କହିଲା । ଏକଥା ଶୁଣି ରାଜା ପଦ୍ମାବତୀର ଭାଇକୁ କୌଶଳରେ ମାରି ଦେବାକୁ ଉପାୟ ପାଞ୍ଚିଲେ । ତାଙ୍କ ରାଜ୍ୟରେ ଗୋଟିଏ ବିରାଟ ପୋଖରୀ ନିର୍ମାଣ କରିଥିଲେ । ସେହି ପୋଖରୀରେ ଅନେକ ଗୁଡ଼ିଏ  କୁମ୍ଭୀର ରହୁଥିଲେ । ତେଣୁ ରାଜକୁମାରକୁ ସେ ପୋଖରୀକୁ ପଦ୍ମଫୁଲ ପାଇଁ ପଠାଇବାକୁ ସ୍ଥିର କଲେ । ସେଠାରେ ଥିବା କୁମ୍ଭୀରମାନେ ତାକୁ ଖାଇଦେବେ । ଏକଥା ସେମାନଙ୍କ ମନକୁ ପାଇଲା । ସକାଳ ହେବାରୁ ସେନାପତି ଯାଇ ପଦ୍ମାବତୀକୁ କହିଲା "କାଲି, ରଘୁନାଥକୁ କହିଦେବ ସେ ଯାଇ ସୁବର୍ଣ୍ଣ ପୋଖରୀରୁ ପଦ୍ମଫୁଲ ଆଣି ରାଜାଙ୍କୁ ଦେବ । ନଆଣିଲେ ତାର ମୁଣ୍ଡ କଟାଯିବ । ଏକଥା ଶୁଣୀ ପଦ୍ମାବତୀ ଡରିଗଲା । ସେ ଭାଇକୁ ପଦ୍ମଫୁଲ ପାଇଁ ସୁବର୍ଣ୍ଣ ପୋଖରୀକୁ ପଠାଇଲା । ରଘୁନାଥ ଫୁଲପାଇଁ ଯିବା ପୂର୍ବରୁ ସେ ଅସୁରକୁ ଡାକିଲା ଅସୁର ସାଙ୍ଗେ ହାଜର ହେଲା । ଅସୁରକୁ କହିଲା "ଆରେ ଅସୁର ମୋତେ ପଦ୍ମାବତୀ ସୁବର୍ଣ୍ଣ ପୋଖରୀକୁ ପଦ୍ମଫୁଲ ପାଇଁ ପଠେଇଛି । ଏଥିରେ କିଛି ବିପଦ ଅଛି କି  ?" ଅସୁର କହିଲା, ସେଥିରେ ବିରାଟ ବଡ ବିପଦ ଅଛି । ତୁ ଯଦି ଯିବୁ ତା ହେଲେ କୁମ୍ଭୀରମାନେ ଖାଇଯିବେ । ସେ କାମ୍ ମୋ ଉପରେ ଛାଡି ଦେ । ମୁଁ ଯାଇଁ ସୁବର୍ଣ୍ଣ ପୋଖରୀକୁ ପଦ୍ମଫୁଲ ଆଣିଦେବି । ରଘୁନାଥ ଠିକ୍ ଅଛି ବୋଲି କହିଲା । ଅସୁର ସୁବର୍ଣ୍ଣ ପୋଖରୀକୁ ଯାଇ ପୋଖରୀ ପାଣିରେ ଡିଆଁ ମାରିଲା । ସେଠାରେ ଥିବା କୁମ୍ଭୀରମାନେ ଖାଦ୍ୟ ଆସିଗଲା ବୋଲି ଅସୁର ଚାରି ପାଖରେ ଘେରିଗଲେ । ଅସୁର କୁମ୍ଭୀରମାନଙ୍କୁ ମାରି ଫୁଲ ତୋଳି ଆଣିଲା ଏବଂ ରଘୁନାଥକୁ ଦେଲା । ଏକାମ କରିଥିବାରୁ ରଘୁନାଥ ଅସୁରକୁ ପ୍ରଶଂସା କଲା ।

ରଘୁନାଥ ପଦ୍ମଫୁଲକୁ ନେଇ ରାଜଦରବାରକୁ ଗଲା । ସେଠାରେ ରାଜାଙ୍କୁ ପଦ୍ମଫୁଲକୁ ଦେଲା । ରଘୁନାଥ ପଦ୍ମଫୁଲ ଆଣିଥିବାର ଦେଖି ରାଜା ଆଶ୍ଚର୍ଯ୍ୟ ହୋଇଗଲେ ।

କେତେ ଦିନ ଗଲା ପରେ ପୁଣି ତାକୁ ମାରିବାକୁ ଯାଇ ତାଙ୍କ ରାଜ୍ୟରେ ଥିବା ଗୋଟିଏ ବିରାଟ ବଡ ତେନ୍ତୁଳି ଗଛକୁ ପଠାଇ ଦିଆଗଲା । ତେନ୍ତୁଳି ଗଛରେ ଗୋଟିଏ ଭୟଙ୍କର ରାକ୍ଷସ ବାସ କରୁଥିଲା । ତେନ୍ତୁଳି ଗଛ ତଳକୁ ଯିଏ ଯାଉଥିଲା ରାକ୍ଷାସ ଖାଇ ଦେଉଥିଲା । ରାଜକୁମାର ତେନ୍ତୁଳି ପାଇଁ ଯିବା ଆଗରୁ ଅସୁରକୁ ଡାକିଲା । ଅସୁରକୁ ପଚାରିଲା ଗଛରେ କିଛି ବିପଦ ଅଛି କି ? ଅସୁର କହିଲା ଏ ଗଛରେ ଗୋଟିଏ ବିରାଟ ବଡ ରାକ୍ଷାସ ବାସ କରୁଛି । ତାର ଛାଇ ଯିଏ ମାଡିବ ତାର ମୃତ୍ୟୁ ନିଶ୍ଚୟ । ତେଣୁ ମୁଁ ନିଜେ ଯିବି ବୋଲି ଅସୁର କହିଲା । ଅସୁର ତେନ୍ତୁଳି ଗଛ ପାଖରେ ହାଜରେ ହେଲା । ରାକ୍ଷାସ ତାକୁ ଦେଖି କହିଲା ତୁ କିଏ

ରେ ? ରଘୁନାଥର ସାଙ୍ଗ ଅସୁର କହିଲା, ମୁଁ ତେନ୍ତୁଳି ନେବାକୁ ଆସିଛି । ପରିଚୟ ଦେବାକୁ ନୁହେଁ, ଏକଥା ଶୁଣି ଗଛରେ ରହୁଥିବା ରାକ୍ଷାସ କହିଲା; କେତେ ତୋର ସାହାସ ମୋତେ ଜବାବ ଦେଉଛୁ । ମୁଁ ତୋତେ ଟିକେ ବି ତେନ୍ତୁଳି ଦେବି ନାହିଁ । ପରେ ଦୁହିଁଙ୍କ ମଧ୍ୟରେ ଯୁଦ୍ଧ ହେଲା । ଶେଷରେ ଗଛରେ ଥିବା ଅସୁର ପରାସ୍ତ ହେଲା । ରାକ୍ଷାସ ତେନ୍ତୁଳି ଆଣି ରାଜ କୁମାର ହାତରେ ଦେଲା । ରାଜକୁମାର ତେନ୍ତୁଳି ନେଇ ରାଜାଙ୍କୁ ଦେଲା । ଏଥର ମଧ୍ୟ ରାଜା ଆଶ୍ଚର୍ଯ୍ୟ ହୋଇ ତାକୁ ଡରି ଗଲେ ।

ଦିନେ ଅସୁର ଓ ରାଜକୁମାର ପଦ୍ମାବତୀକୁ ଛାଡିଦେଇ ସହରକୁ ଯାଇଥିଲେ । ଏହି ସମୟରେ ଅନ୍ୟ ଏକ ରାଜ୍ୟର ରାଜା ପଦ୍ମାବତୀକୁ ଅପହରଣ କରି ନେଇଗଲା । ଅସୁର ଓ ରାଜକୁମାର ଘରକୁ ଆସି ପଦ୍ମାବତୀକୁ ନ ପାଇ ଦୁଃଖୀ ହେଲେ ।

ରଘୁନାଥ(ରାଜକୁମାର) ନିଜର ପେଟ ପୋଷିବା ପାଇଁ ଚିନ୍ତା କଲା ସେ ଅସୁରକୁ କହିଲା, ତୁ ଏ ସହରର ଗୋଟିଏ ଅଶୀନବେ ବର୍ଷର ଗୋଟିଏ ବୃଦ୍ଧକୁ ଖାଇବୁ ଆଉତାର ଚମଡା ଆଣିବୁ ଅସୁର ସହରକୁ ଗଲା ସେହି ସହରରେ ଗୋଟିଏ କୁଡ଼ିଆରେ ଜଣେ ନବେ ବର୍ଷର ବୁଢ଼ାକୁ ଖାଇ ତାର ଚମଡାକୁ ଆଣିଲା । ସେହି ଚମଡାକୁ ରାଜକୁମାର ପିନ୍ଧିଲା ହାତରେ ବାଡିଟିଏ ଧରି ସହର ଆଡକୁ ଆଗେଇଲା । ଦ୍ୱାର ଦ୍ୱାର ବୁଲି ଭିକ୍ ମାଗିଲା । ପରେ ସେ ଗୋଟିଏ ସାଧୁବୁଢ଼ା ଘରେ ଆଶ୍ରୟ ନେବାକୁ କହିଲା । ସାଧୁବୁଢ଼ା ଦୁଃଖୀ ବୁଢ଼ାକୁ ଦେଖି ଆଶ୍ରୟ ଦେବାକୁ କହିଲେ । କିନ୍ତୁ ତାଙ୍କ ପରିବାରର ଲୋକେ ରାଜି ହେଉ ନଥିଲେ । ସେମାନେ କହୁଥିଲେ ଓ ବୁଢ଼ା କେତେ ଦିନ୍ ପରେ ମରିଯିବା ପରା ଲାଗୁଛି ବୋଲି କହିଲେ । କିନ୍ତୁ ସାଧୁବୁଢ଼ା ସେମାନଙ୍କୁ ସାନ୍ତ୍ୱନା ଦେଇ କହିଲା । ଏହିପରି ଦୁଃଖୀ ବୁଢ଼ାମାନଙ୍କୁ ଆଶ୍ରୟ ଦେଲେ ଆମର ଧର୍ମ ହେବ । ସାଧୁବୁଢ଼ା କଥାରେ ଛଦ୍ମବେଶୀ ରାଜକୁମାର ସାଧୁବୁଢ଼ାର ଗୋଟିଏ କୁଡିଆରେ ଆଶ୍ରୟ ନେଲା ।

ସେହି ରାଜ୍ୟରେ ରାଜା ଥିଲେ ରାଣା ପ୍ରତାପ । ତାଙ୍କର ତିନୋଟି ଝିଅ ଥିଲେ । ଦିନେ ରାଜା ତାଙ୍କର ତିନି ଝିଅଙ୍କୁ ପ୍ରଶ୍ନ ପଚାରିବାକୁ ଡ଼ାକିଲେ ପ୍ରଥମେ ବଡ଼ ଝିଅକୁ ଡାକିଲେ କହିଲେ ତୁ କାହାର ଭାଗ୍ୟରେ ରାଜଜେମା ହୋଇ ପାରିଛୁ । ବଡ଼ ରାଜକୁମାରୀ କହିଲା ମୁଁ ତୁମ ଭାଗ୍ୟରେ ରାଜଜେମା ହୋଇ ପାରିବି । ମଝିଆଣିକୁ ରାଜା ପଚାରିଲେ ସେ ମଧ୍ୟ ସେହି ଉତ୍ତର ଦେଲା । ପରେ ସବା ସାନ ଝିଅକୁ ପଚାରିଲେ । ସେ କହିଲା ମୁଁ ନିଜ ଭାଗ୍ୟରେ ନିଜେ ରାଣୀ ହୋଇ ପାରିବି । ଏକଥା ଶୁଣି ରାଜା ରାଗିଗଲେ । ସଙ୍ଗେ ସଙ୍ଗେ ସେନାପତିଙ୍କୁ ଡାକି କହିଲେ । ୟାକୁ ଗୋଟିଏ ଅଶୀ ନବେ ବର୍ଷର ବୁଢ଼ା ସାଙ୍ଗରେ ବିବାହ କରିଦିଆଯିବ । ଦେଖିବା କେମିତି ତା ଭାଗ୍ୟରେ ରାଣୀ ହୋଇପାରୁଛି । ରାଜା ସେନାପତିଙ୍କୁ ରାୟ ଦେଲେ କାଲି ଗୋଟିଏ ଆଶୀ ନବେ ବର୍ଷର ବୁଢ଼ାକୁ ଏଠାକୁ ଆଣିବ ୟାକୁ ତା ସହିତ ବିବାହ କରିଦେବା । ରାଜାଙ୍କ ରାୟ ଶୁଣି ରାଜ କର୍ମଚାରୀମାନେ ବୁଢ଼ା ଖୋଜି ବୁଲିଲେ । ସେମାନେ ଖୋଜି ଖୋଜି ବୁଲିଲେ । କିନ୍ତୁ ପାଇଲେ ନାହିଁ । ଶେଷରେ ସେମାନେ ସାଧୁବୁଢ଼ା ପାଖରେ ଗୋଟିଏ ଅଶୀନବେ ବର୍ଷର ଗୋଟିଏ ବୁଢ଼ା ଅଛି ଜାଣି ଛଦ୍ମବେଶୀ ରାଜକୁମାରକୁ ନେଇ ଗଲେ । ରାଜାଙ୍କ ଆଗରେ ବୁଢ଼ାକୁ ଠିଆ କରେଇଲେ । ସେଠାରେ ଛଦ୍ମବେଶୀ ରାଜକୁମାର ଓ ରାଜକୁମାରୀକୁ ବିବାହ କରି ଦେଲେ । ରାଜକୁମାରୀ କାନ୍ଦି କାନ୍ଦି ଥାଏ । ସେମାନଙ୍କୁ ପୁଣି ଆଣି ସାଧୁ ବୁଢ଼ା ଘରେ ଛାଡ଼ି ଦେଲେ । ରାଜକୁମାରୀକୁ ତା'ର ସାଙ୍ଗ ସାଥିମାନେ ଥଟ୍ଟା କରୁଥିଲେ । ଦିନେ ରାଜକୁମାରୀର ବାପା ଗୋଟିଏ ବିରାଟ ଯଜ୍ଞର ଆୟୋଜନ କରିଥିଲେ । ସେଥିରେ ସମସ୍ତଙ୍କୁ ନିମନ୍ତ୍ରଣ କରାଗଲା । କିନ୍ତୁ ଛଦ୍ମବେଶୀ ରାଜକୁମାର ଓ ରାଜକୁମାରୀକୁ ନିମନ୍ତ୍ରଣ କରାଗଲା ନାହିଁ । ରାଜା ଯଜ୍ଞରେ ନାଟକର ଆୟୋଜନ ମଧ୍ୟ କରିଥିଲେ । ଯଜ୍ଞ ଦିନ ରାଜ ଦରବାରରେ ନାଟକ ଦେଖିବାକୁ ଗଲା । ରାତି ହେବାରୁ ଛଦ୍ମବେଶୀ ରାଜକୁମାର ନିଜର ବୁଢ଼ା ଛାଲକୁ କାଢ଼ିଦେଇ ନିଜର ରୂପରେ ସେ ସଜହେଲା ଏବଂ ରାଜକୁମାରୀର ସନ୍ଧାନ କରିବାକୁ ବାହାରିଲା । ସାଧୁବୁଢ଼ା ଛଦ୍ମବେଶୀ ବୁଢ଼ାକୁ ଦେଖି ଆବାକ୍ ହୋଇଗଲା । ସେ ଭାବିଲା ସତରେ ଇଏ ଜଣେ ରାଜକୁମାର / ରାଜକୁମାରୀ ବାଛି କରି ଏହି ଛଦ୍ମବେଶୀ ବୁଢ଼ାକୁ ବର ରୂପେ ବରଣ କରିଛି । ରାଜକୁମାର ରାଜଦରବାରରେ ନାଟକ ହେଉଥିବାରୁ ସେ ମଧ୍ୟ ଦେଖିବାକୁ ଗଲା । ସେଠାରେ ରାଜକୁମାରୀର ପଛେ ପଛେ ବୁଲୁଥିଲା । ଯେତେବେଳେ ରାଜକୁମାରୀ ଘରକୁ ଆସିବାକୁ ତାର ସାଙ୍ଗସାଥିମାନଙ୍କ କହିଲା । ସଙ୍ଗେ ସଙ୍ଗେ ଦୌଡ଼ିଆ ଆସି ରାଜକୁମାର ଘରକୁ ଆସି ସେହି ବୁଢ଼ା ଛାଲକୁ ପିନ୍ଧି ଶୋଇ ଦେଇଥିଲା । ରାଜକୁମାରୀ ଆସି ଦେଖିଲା ବେଳକୁ ବୁଢ଼ା ଶୋଉଛି । ରାଜକୁମାରୀ ପ୍ରତିଦିନ ନାଟକ ଦେଖିବାକୁ ଯାଇଥିଲା ବୁଢ଼ା ମଧ୍ୟ ତା ପଛେ ପଛେ ଟିକେ ଦୂରେ ଦୂରେ ସବୁଦିନ ବୁଲୁଥିଲା । ସାଧୁବୁଢ଼ା ଏ ପ୍ରକାର ଦୃଶ୍ୟ ଦେଖି ଦିନେ ରାଜକୁମାରୀକୁ କହିଲା । ଆରେ ଝିଅ ତୁ ଯେଉଁ ବୁଢ଼ାକୁ ବର ରୂପେ ବରଣ କରିଛୁ; ସେ ବୁଢ଼ା ନୁହେଁ । ସେ ଜଣେ ରାଜକୁମାର /

ରାଜକୁମାରୀ ସାଧୁବୁଢ଼ାର କଥାକୁ ଥଟ୍ଟା କରୁଛି ବୋଲି ଭାବିଲା । ସାଧୁବୁଢ଼ା କହିଲା ଥଟ୍ଟା କରୁଛି ହେଲେ ଆଜି ତୁ ନିଜେ ଦେଖିବୁ । ରାଜକୁମାରୀ କହିଲା କିପରି ? ମୁଁ ତୋତେ ସୂତ୍ର ବତାଇ ଦେଉଛି । ତୁଇ କାଲିକୁ ବୁଢ଼ାକୁ ନାଟକ ଦେଖିବାକୁ ଯାଉଛି ବୋଲି କହି ଆସି ମୋ ପାଖରେ ଥିବୁ । ଦେଖିବୁ ସେ ଜଣେ ରାଜକୁମାର / ରାଜକୁମାରୀ ସେହିପରି କଲା । ଆର ଦିନେ ବୁଢ଼ା ଅଧା ରାତିରେ ନାଟକ ଦେଖିବାକୁ ଗଲା । ସାଧୁବୁଢ଼ା କହିଲା ତୁ କବାଟ କୋଣରେ ଉଣ୍ଡିଥିବୁ ସେ ଯେତେବେଳେ ଆସିବ ତୁ ସାଙ୍ଗେ ସାଙ୍ଗେ ତା'ର ଗୋଡ଼କୁ ଧରି ପକାଇବୁ ଆଉ ତାକୁ ଶପଥ କରେଇବୁ । ସେ ବୁଢ଼ା ଛାଲ ନ ପିନ୍ଧୁ ରାଜକୁମାରୀ ସେହିପରି କଲା । ରାଜକୁମାର ଯେତେବେଳେ ନାଟକ ଦେଖି ଘରକୁ ଫେରିଲା ଘରେ ବସିବା ସମୟରେ ରାଜକୁମାରୀ ସାଙ୍ଗେ ସାଙ୍ଗେ ତା ଗୋଡକୁ ଧରି ପକେଇଲା । ରାଜକୁମାର ଯେତେ ଛଡେଇଲା ବି ଛଡ଼େଇ ପାରିଲା ନାହିଁ । ରାଜକୁମାରୀ କହିଲା ତୁମେ ବୁଢ଼ା ଛାଲ ପିନ୍ଧ ନାହିଁ । ରାଜକୁମାର ଶପଥ କରି କହିଲା । ମୁଁ ଆଜି ଦିନଠାରୁ ବୁଢ଼ା ଛାଲ ପିନ୍ଧିବ ନାହିଁ । ରାଜକୁମାରୀ ସେତେବେଳେ ଛାଡିଦେଲା ସକାଳ ହେଲା । ରାଜକୁମାରୀ ହସି ହସି ସବୁକାମ କରୁଥାଏ । ତାର ସାଙ୍ଗ ସାଥିମାନେ ପଚାରିଲେ । କ'ଣ ହେଇଛି କିଲୋ ଆଜି ହସ ହସ ମୁହଁରେ କାମ କରୁଛୁ । ଆଉ ଜଣେ କହିଲା, ଆଜି ବୁଢ଼ା ଉଠିନି କି ? ରାଜକୁମାରୀ ରାଗରେ ଗର ଗର ହୋଇ କହିଲା; କୋଉ ବୁଢ଼ା କଥା କହୁଛୁ । ତା'ର ସାଙ୍ଗ କହିଲା, ତୋର ସ୍ୱାମୀ । ରାଜକୁମାରୀ ଆହୁରି ରାଗି ଗଲା କହିଲା, ତୋର ସ୍ୱାମୀ ବୁଢ଼ା ହୋଇଥିବ । ଏମିତି ତାଙ୍କ ଭିତରେ କଳି କଜିଆ ଲାଗିଲା । ରାଜକୁମାର ଘରୁ ବାହାରକୁ ବାହାରୁ ନଥାଏ । ପଡ଼ୋଶୀ ଘର ଲୋକ ଭାବିଲେ ଆଜି ବୁଢ଼ା ମରିଯାଇଥିବ ତେଣୁ ବାହାରୁ ନାହିଁ । ରାଜକୁମାରକୁ ଲାଜ ଲାଗୁଥାଏ । ରାଜକୁମାରୀ କହିଲା ଉଠ ବାହାରେ ଯାଇ ଦାନ୍ତ ଘଷ କିନ୍ତୁ ରାଜକୁମାର ବାହାରିଲା ନାହିଁ । ପଡୋଶୀ ଲୋକମାନେ ସମସ୍ତେ ଦେଖିବାକୁ ଆସିଲେ । ରାଜକୁମାର ଲାଜରେ ମୁଣ୍ଡ ତଳକୁ କରି ବସିଥିଲେ । ସେହିଦିନ ରାଜାଙ୍କର ନବମୀ ଯଜ୍ଞ ହେଉଥାଏ । ରଘୁନାଥ ଓ ରାଜଜେମା ରାଜାଙ୍କ ଦରବାରକୁ ଯଜ୍ଞ ଦେଖିବାକୁ ଗଲେ । ରଘୁନାଥ ଗୋଟିଏ ଖୁଣ୍ଟ ପାଖରେ ବସିଥିଲା । ରାଜକୁମାରୀ ରାଜାଙ୍କର ଘରକୁ ଯାଇ ରାଜାଙ୍କୁ ସାକ୍ଷାତ କରିଲା । ରାଜକୁମାରୀକୁ ଦେଖି ସମସ୍ତେ ବୁଢ଼ା ଆସିଛିକି ବୋଲି ପଚାରିଲେ । ସେ ରାଗ ଗର ଗର ହୋଇ କହୁଥାଏ । କୋଉ ବୁଢ଼ା କହୁଛ । ତୋର ସ୍ୱାମୀ ବୋଲି ସେମାନେ କହିଲେ । ରାଜକୁମାରୀ କହିଲା ମୋର ସ୍ୱାମୀ କେତେ ସୁନ୍ଦର ଯୁବକ ଅଛି ତୁମ୍ଭେ ମାନେ ବୁଢ଼ା ବୋଲି କହୁଛି । ସେମାନେ କହିଲେ, ତୁ ଅଲଗା ଯୁବକ ସହିତ ବିବାହ କରିଥିବୁ । ସେ କହିଲା, ମୋର ସ୍ୱାମୀ ଥାଇ ଅନ୍ୟକୁ ବିବାହ କରିବି ? ରାଜକୁମାରୀର ବଡ଼ ଦୁଇ ଭଉଣୀ ତାକୁ ନେଇ ରାଜାଙ୍କ ପାଖକୁ ନେଇ ଗଲେ ଆଉ କହିଲେ । ବାପା ଏ ଅନ୍ୟ ପୁରୁଷ ସହିତ ବିବାହ କରି ଫୁଟାଣି କାଢୁଛି । ରାଜକୁମାରୀ ରାଜାଙ୍କୁ କହିଲା ତୁମେ ମୋତେ ଯାହାକୁ ବାହା ଦେଇଛ ସେ ରାଜକୁମାର । ରାଜକୁମାରକୁ ଦେଖିବାକୁ ରାଜା ରାଜକୁମାରୀକୁ ପଠେଇଲେ । ରାଜକୁମାରୀ ରଘୁନାଥକୁ ଧରି ଆଣିଲା । ରାଜକୁମାରକୁ ରାଜା ବିଶ୍ୱାସ କରୁନଥିଲେ । ତେଣୁ ରାଜକୁମାର ବୁଢ଼ା ଛାଲକୁ ଆଣି ପୁଣି ଥରେ ପିନ୍ଧିବାକୁ ଆଦେଶ ଦେଲେ । ରାଜକୁମାର ବୁଢ଼ା ଛାଲକୁ ପିନ୍ଧିବାରୁ ଅଶୀ ନିବେ ବର୍ଷ ବୁଢ଼ାଭଳି ଦେଖାଦେଲା । ତେଣୁ ରାଜା ସାଙ୍ଗେ ସାଙ୍ଗେ କାଢ଼ିବାକୁ ଆଦେଶ ଦେଲା । ରାଜାଙ୍କର ଅନ୍ୟ ଦୁଇ ଜ୍ୱାଇଁ ଅପେକ୍ଷା ସାନ ଜ୍ୱାଇଁ ସୁନ୍ଦର ଓ ବୁଦ୍ଧିମାନ ଥିଲେ । ଦିନେ ରାଜା ଗୋଟିଏ ସଭା ଡାକିଲେ ସେହି ସଭାରେ ଭୋଜିର ମଧ୍ୟ ଆୟୋଜନ ଥିଲା । ରାଜା ତାଙ୍କ ଜ୍ୱାଇଁମାନଙ୍କୁ ଜଙ୍ଗଲକୁ ବାରହା ଆଣିବାକୁ ପଠାଇଲେ । ରାତି ହେଲାରୁ ସମସ୍ତେ ଶୋଇଲେ । ବଡ଼ ଜ୍ୱାଇଁ ଦୁଇ ଜଣ ସାନ ଜ୍ୱାଇଁକୁ ଛାଡ଼ି ଦେଇ ସେମାନେ ଜଙ୍ଗଲକୁ ବାରହା ଆଣିବାକୁ ଧନୁଶର ଧରି ଚାଲିଲେ । କିନ୍ତୁ ସାନ ଜ୍ୱାଇଁ ନଅଟା ପର୍ଯ୍ୟନ୍ତ ଶୋଇ ରହିଥିଲା । ରାଜକୁମାରୀ ତାକୁ ଉଠେଇ କହିଲା । ସେମାନେ ଦୁଇ ଜଣ ବଢ଼ି ଭୋରରୁ ଜଙ୍ଗଲକୁ ଗଲେଣି, ତୁମେ ଶୋଇଥିଲା । ତେଣୁ ବାରହା ନ ଆଣିଲେ, ରାଜା ତୁମକୁ ପ୍ରଶଂସା କରିବେ ନାହିଁ । ଏକଥା ଶୁଣି ସାନ ଜ୍ୱାଇଁ ତାର ଅସୁରକୁ ଡାକି କହିଲା । "ଆରେ ଅସୁର ତୁ ଏବେ ସାଙ୍ଗେ ସାଙ୍ଗେ ଯାଇ ଜଙ୍ଗଲର ସମସ୍ତ ଜୀବଜନ୍ତୁକୁ ଗୋଟିଏ ବିରାଟ ବଡ ଘର ତିଆରି କରି ସମସ୍ତ କୀଟ ପତଙ୍ଗ ବାଘ ଭାଲୁ ପଶୁପକ୍ଷୀ ଏପରିକି ଗୋଟିଏ ଚୂଟିଆ ମୂଷାକୁ ମଧ୍ୟ ଛାଡିବୁ ନାହିଁ । ଅସୁର ଜଙ୍ଗଲକୁ ଗଲା ଗୋଟିଏ ବିରାଟ ବାରଣ୍ଡା ତିଆରି କରି ସେଠାରେ ଜଙ୍ଗଲର ସମସ୍ତ ଜୀବମାନଙ୍କୁ ରଖିଲା ଆଉ ଜଗିଥିଲା । ସେଇ ଦୁହେଁ ବୁଲି ବୁଲି ଗୋଟିଏ ହେଲେ ଜୀବ ପାଇଲେ ନାହିଁ । ଏପଟେ ପରେ ସାନ ଜ୍ୱାଇଁ ଦଶଟା ପର୍ଯ୍ୟନ୍ତ ଶୋଇ ରହି ଏଗାରିଟାରେ ଅସୁର ପଶୁପକ୍ଷୀକୁ ରଖିଥିବା ଜାଗାକୁ ଗଲା । ପଶୁ ପକ୍ଷୀକୁ ଘର କରି ରଖିଥିବା ଜାଗାରେ ସାନ ଜ୍ୱାଇଁ ବାବାଜୀ ବେଶ ଧରି ସେଠାରେ ନିଆଁ ରଖିଥିଲା । ଦୁଇ ଜୋଇଁ ଖୋଜି ଖୋଜି ସାନ ଜ୍ୱାଇଁ ବାବାଜୀ ହୋଇ ବସିଥିବା ଜାଗାରେ ପହଞ୍ଚିଲେ । ସେହି ବାବାଜୀକୁ ସେମାନେ ପଚାରିଲେ ବାବା ଏଠାରେ ସମ୍ବର ମିଳିବକି । ଛଦ୍ମବେଶୀ ରାଜକୁମାର କହିଲା ନିଶ୍ଚୟ ମିଳିବ । ସେମାନେ କହିଲେ ତେବେ ଆମକୁ ଗୋଟିଏ

ସମ୍ବର ଦରକାର । ବାବାଜୀ କହିଲା ସମ୍ବର ନେବା ଆଗରୁ ତୁମ୍ଭେମାନେ ଏହି ଗରମ ଲୁହାର ଦାଗ ନେବାକୁ ପଡ଼ିବ । ସେମାନେ ଡରି ଯାଇ ଚୁପ୍ ହୋଇ ଗଲେ । ବାବାଜୀ କହିଲା ନେବାର ଇଚ୍ଛା ଅଛି ତ ଆସ ଏହି ଲୁହାରୁ ଟିକେ ଟିକେ ଦାଗ ନେଇଯାଇଁ ଗୋଟିଏ ସମ୍ବର ନେଇଯାଅ । ରାଜାର ବଡ ଜ୍ୱାଇଁ କହିଲା ସାତ ଭାଇ ଏ ଦାଗ ନେବାକୁ ପଡ଼ିବ । ନହେଲେ ରାଜା ଆମକୁ ପ୍ରଶଂସା କରିବେ ନାହିଁ । ରାଜା ସାନ ଜ୍ୱାଇଁକୁ ଭଲ କହୁଛନ୍ତି । ସେ ତ ଶୋଇଛି । ଆମେ ଏତେ ବଣ ଜଙ୍ଗଲ ପାର ହୋଇ ଗୋଟିଏ ହେଲେ ଜୀବ ପାରିପାରିନୁ । ସେ କୁଆଡୁ ସମ୍ବର ପାଇବ, ତେଣୁ ଆମେ ଏଠାରେ ଟିକେ ଟିକେ ଦାଗ ନେଇ ଗୋଟିଏ ସମ୍ବର ମାଗିବା । ଏପରି ସେମାନେ ଭାବି ଦାଗ ନେବାକୁ ରାଜି ହେଲେ । ଛଦ୍ମବେଶୀ ବାବାଜୀ କହିଲା ତୁମର ପିଚ୍ଛ ଦେଖାଅ । ସେମାନେ ଡରି ଡରି ଆସି ସେମାନଙ୍କର ପିଚ୍ଛକୁ ଦେଖେଇଲେ । ଛଦ୍ମବେଶୀ ରାଜକୁମାର ଗରମ ଲୁହା ଛଡରେ ସେମାନଙ୍କ ପିଚ୍ଛରେ ଗୋଟିଏ ଦାଗ ଦେଲା । ପ୍ରଥମେ ରାଜାଙ୍କର ବଡ ଜ୍ୱାଇଁ ଆସି ପିଚ୍ଛ ଦେଖେଇଲା । ଛଦ୍ମବେଶୀ ରାଜକୁମାର ତାକୁ ଗୋଟିଏ ଦାଗ ଦର୍ଶାଇ ଦେଲା । ବଡ ଜ୍ୱାଇଁ ଗରମ ଲୁହାର ଦାଗ ଖାଇ ଦୌଡ଼ି ବୁଲିଲା । ସେ ମଝିଆ ଜ୍ୱାଇଁ ପାଖକୁ ଯାଇ କହିଲା ସାନଭାଇ ଟିକେ ସମୟ ବଥା ହେବ ଆଉ ହେବ ନାହିଁ ବୋଲି ତାକୁ କହିଲା । ମଝିଆ ଜ୍ୱାଇଁ ମଧ ବାବାଜୀ ପାଖେ ଯାଇ ପିଚ୍ଛ ଦେଖେଇଲା । ଛଦ୍ମବେଶୀ ରାଜକୁମାର ତାକୁ ମଧ ସେହିପରି ଗୋଟିଏ ଦାଗ ଦର୍ଶାଇ ଦେଲା । ଦୁଇଯାକ ଭାଇ ଗରମ ଚେଙ୍କଖାଇ ରୋଗୀଣା ସମ୍ବରକୁ ଧରି ରାଜ ଦରବାରକୁ ଚାଲିଲେ । ଛଦ୍ମବେଶୀ ରାଜକୁମାର ନିଜ ରୂପରେ ସେ ଅସୁରକୁ ଡାକି କହିଲା ଅସୁର ଏବେ ତୁ ଦୁଇଟି ସୁସ୍ଥ ଶବଳ ସମ୍ବର ଆଣି ଆମ ଘର ଦ୍ୱାର ଆଗରେ ବାନ୍ଧି ଦେଇଥିବୁ । ଛଦ୍ମବେଶୀ ରାଜକୁମାର ଘରକୁ ଗଲା । ଅସୁର ଦୁଇଟି ହୃଷ୍ଟପୁଷ୍ଟ ସମ୍ବର ନେଇ ତାଙ୍କ ଦ୍ୱାର ଆଗରେ ବାନ୍ଧି ଦେଲା । ଆର ଦିନ ରାଜା ତିନି ଜ୍ୱାଇଁଙ୍କର ସମ୍ବର ମାଂସ ରନ୍ଧା ଗଲା । ସାନ ଜ୍ୱାଇଁଙ୍କର ସମ୍ବର ମାଂସ ଅଲଗା ଜାଗାରେ ରୋଷେଇ କରାଗଲା । ରାଜାଙ୍କ ଦରବାରରେ ଆସିଥିବା ସମସ୍ତଙ୍କର ପାଇଁ ଭୋଜନର ଆୟୋଜନ କରାଯାଇଥିଲା । ଯଜ୍ଞ ସ୍ଥାନକୁ ଆସିଥିବା ସମସ୍ତ ଲୋକମାନେ ଖାଇବାକୁ ବସିଲେ । ସେମାନଙ୍କୁ ଭାତ ବାଣ୍ଟି ଦିଆଗଲା । ରାଜାଙ୍କର ଜ୍ୱାଇଁମାନଙ୍କର ସମ୍ବର ମାଂସ ଅଣାଗଲା । ପରେ ରାଜାଙ୍କର ସାନ ଜ୍ୱାଇଁଙ୍କର ମାଂସ ଅଣାଗଲା ଏବଂ ଲୋକମାନଙ୍କୁ ମାଂସ ବାଣ୍ଟି ଦିଆଗଲା । ସମସ୍ତେ ଖାଇଲେ ଖାଇସାରିବା ପରେ ରାଜା ପ୍ରଜାମାନଙ୍କୁ ପଚାରିଲେ । କେଉଁ ଜ୍ୱାଇଁଙ୍କ ମାଂସ ଭଲ ଲାଗିଲା । ପ୍ରଜାମାନେ ଉତ୍ତର ଦେଲେ ସାନ ଜ୍ୱାଇଁଙ୍କର ମାଂସ ଭଲ ଲାଗିଲା ବୋଲି କହିଲେ । ରାଜା ତିନି ଜ୍ୱାଇଁଙ୍କୁ ଡାକିଲେ କାହିଲେ । ତୁମ ତିନି ଜଣଙ୍କ ମଧ୍ୟରେ ସାନ ଜ୍ୱାଇଁଙ୍କୁ ପ୍ରଜାମାନେ ପ୍ରଶଂସା କରୁଛନ୍ତି । ତେଣୁ ସେ ଏ ରାଜ୍ୟର ରାଜା ହେବେ । ସାନ ଜ୍ୱାଇଁ କହିଲା ଏମାନେ ମୋର ଶିଷ୍ୟ । ଦୁଇ ଭାଇ ରାଗିଗଲେ । କହିଲେ କେତେବେଳେ ଆମେ ତୋର ଶିଷ୍ୟ ହୋଇଛୁ । ସାନ ଜ୍ୱାଇଁ କହିଲା ରାଜା ଏମାନଙ୍କର ପିଚ୍ଛରେ ମୁଁ ସେମାନଙ୍କୁ ଗରମ ଲୁହାରେ ଗୋଟିଏ ଗୋଟିଏ ଦାଗ୍ ଦେଇ ଗୋଟିଏ ବୁଢ଼ା ସମ୍ବରକୁ ଦେଇଥିଲି ତେଣୁ ସେମାନେ ବୁଢ଼ା ସମ୍ବରଟିଏ ପାଇ ପାରିଲେ ? ନ ହେଲେ ଏମାନେ ଗୋଟିଏ ଚୂଟିଆମୂଷା ମଧ ଆଣି ପାରି ନଥାନ୍ତେ । ରାଜା ସେମାନଙ୍କର ପିଚ୍ଛକୁ ଦେଖେଇବାକୁ ଆଦେଶ ଦେଲେ । ସେମାନେ ପିଚ୍ଛକୁ ଦେଖେଇ ଲାଜରେ ମୁଣ୍ଡ ତଳକୁ କରି ରାଜ ଦରବାରରୁ ବାହାରି ଗଲେ । ରାଜା ତାର ସାନ ଜ୍ୱାଇଁଙ୍କୁ ରାଜା କଲେ । ଶେଷରେ ରାଜା ତାଙ୍କର ସାନ ଝିଅକୁ ଡାକି କହିଲେ ସତରେ ତୁ ତୋର ନିଜ ଭାଗ୍ୟରେ ନିଜେ ରାଣୀ ହୋଇଛୁ । ତେଣୁ ତୁମକୁ ମୋର ସମସ୍ତ ରାଜ୍ୟ ସମ୍ପତ୍ତି ପ୍ରଦାନ କଲି ବୋଲି ରାଜା ରାଜସଭାରେ କହିଲେ । ସେହିଦିନଠାରୁ ରାଜକୁମାର ଏବଂ ରାଜକୁମାରୀ ମନ ଖୁସୀରେ ସେହି ରାଜ୍ୟରେ ରାଜାରାଣୀ ହୋଇ ରହିଲେ । ଚମ୍ପା ଗଛେ ଫୁଲଫୁଟିଲା ମୋ ଗପଟି ସରିଲା ।

**କଳେଶ୍ୱର ମାଝୀ**
ସପ୍ତମ ଶ୍ରେଣୀ
ଏକଲବ୍ୟ ଆଦର୍ଶ ଆବସିକା ବିଦ୍ୟାଳୟ, ହିର୍ଲି,
ନବରଂଗପୁର

# ଫୁଲ ନୁହେଁ ଦେବତା

ଗୋଟିଏ ଗାଁରେ ଧନୀ ଜଣେ ଲାଲ ମୋହନ ଓ ଗରିବ ଜଣେ ମଙ୍ଗଲ ଥିଲେ । ଲାଲ ମୋହନର ଝିଅର ନାଁ ପୂଜା ଓ ମଙ୍ଗଳର ଝିଅ ନାଁ ଫୁଲ । ଲାଲ ମୋହନ ଧନୀ ବୋଲି ବହୁତ ଗର୍ବ କରେ । ତା ଝିଅ ପୂଜା ବି ବହୁତ ଗର୍ବ କରେ । ପୂଜା ସବୁ ଦିନ ନୂଆ ନୂଆ ଡ୍ରେସ୍ ପିନ୍ଧିକି ସ୍କୁଲକୁ ଯାଏ । ହେଲେ ମଙ୍ଗଲର ଝିଅ ଫୁଲ ସେ ସବୁଦିନ ପୁରୁଣା ଡ୍ରେସ୍ ପିନ୍ଧିକି ସ୍କୁଲକୁ ଯାଏ । ପୂଜା ଫୁଲକୁ ସ୍କୁଲରେ ବହୁତ ଥଟ୍ଟା ମଜା କରେ । ହେଲେ ଫୁଲ କିଛି କହେ ନାହିଁ । ଫୁଲର ବାପା ମାଆ ବହୁତ କଷ୍ଟରେ ଟଙ୍କା ଆଣି ଫୁଲକୁ ପାଠ ପଢ଼ାନ୍ତି । ଫୁଲ ବହୁତ ଭଲ ପାଠ ପଢ଼େ । ଲାଲ ମୋହନ ସ୍ତ୍ରୀ କହିଲେ । ମୁଁ ଏତେ ବଡ଼ଘରର କାମ କରି ପାରିବି ନାହିଁ । ମୋତେ ଗୋଟିଏ ଚାକରାଣୀ ଆଣିଦିଅ । ଲାଲ ମୋହନ କହିଲେ ହଉ ତା ହେଲେ । ମଙ୍ଗଲର ଝିଅ ଫୁଲ ଆମ ଘରେ ଚାକର ରହିବ । ତା ପରଦିନ ଲାଲ ମୋହନ ମଙ୍ଗଲର ଘରକୁ ଗଲା ଓ ମଙ୍ଗଲକୁ ସବୁ କଥା କହିଲା । ମଙ୍ଗଲର କହିଲା ନା..... ନା....... ମୋ ଝିଅକୁ ତୋ ଘର କାମ କରିବାକୁ ପଠାଇବି ନାହିଁ । ଲାଲ ମୋହନ କହିଲା, ତୁମେ ବହୁତ ଗରିବ ଲୋକ । ଫୁଲର ପାଠ ପଢ଼ାରେ ବହୁତ ଟଙ୍କା ଲାଗିବ । ଫୁଲକୁ ପାଠ ପଢ଼ାଇ ପାରିବୁ ନାହିଁ । ମୋ ଘରେ ଚାକର ରହିଲେ ତୁମ ସଂସାର ବହୁତ ସୁଖରେ ଚଳିବ । ମଙ୍ଗଲ କହିଲା ନା ଯେତେ କଷ୍ଟ ହେଲେ ବି ମୁଁ ମୋ ଝିଅକୁ ନିଶ୍ଚୟ ପାଠ ପଢ଼େଇବି । ଲାଲ ମୋହନ କହିଲା ମୁଁ ଯଦି ଇଚ୍ଛା କରେ ତୋ ଝିଅକୁ ପାଠ ପଢ଼େଇ ପାରିବୁ ନାହିଁ । ଏମିତି କହି ଲାଲ ମୋହନ ସେଠାରୁ ଚାଲିଗଲେ । ଫୁଲର ବାପା ମାଆ ବହୁତ କାନ୍ଦିଲେ । ଫୁଲ ସ୍କୁଲରୁ ଘରକୁ ଫେରି ଦେଖିଲା ବାପା, ମା ଦୁଇ ଜଣ ବସିକି କାନ୍ଦୁଛନ୍ତି । ଫୁଲ ବାପାମାକୁ ପଚାରିଲା, ବାପା ମାଆ ଫୁଲକୁ କିଛି କହିଲେ ନାହିଁ । ଫୁଲ କିଛି ବୁଝି ପାରିଲା ନାହିଁ । ତା ପରଦିନ ଗାଁରେ ଫୁଲ ବିଷୟରେ ଗୋଟିଏ ଖରାପ କଥା ଶୁଣାଗଲା । ଫୁଲ ସେହି କଥା ଶୁଣି ବହୁତ କନ୍ଦିଲା ଓ ଲାଜରେ ସ୍କୁଲକୁ ଗଲା ନାହିଁ କି, ଘରୁ ବାହାରିଲା ନାହିଁ । ଫୁଲର ବାପା ମାଆ ଫୁଲକୁ ବୁଝାଇ ସ୍କୁଲକୁ ପଠାଇଲେ । ଫୁଲର ବାପା ମା ଦୁଇ ଜଣ ଭାବିଲେ । ଘରେ ଫୁଲକୁ ପାଠ ପଢ଼ାଇ ପାରିବା ନାହିଁ । ତାକୁ ହଷ୍ଟେଲରେ ରଖିବା । ତା ପରଦିନ ଫୁଲକୁ ହଷ୍ଟେଲ୍‌କୁ ନେଇ ଛାଡ଼ିଲେ । ଲାଲ ମୋହନ କହିଲା ଫୁଲ ନାଁରେ ଏତେ ଖରାପ କଥା ଗାଁରେ କହିଲି ହେଲେ ଫୁଲର ପାଠ ପଢ଼ିବାକୁ ଛାଡ଼ିଲେ ନାହିଁ । ଲାଲ ରାଗିଲା ଓ ଫୁଲର ବାପା ମାକୁ ବହୁତ କଷ୍ଟ ଦେଲା । ହେଲେ ବି ଫୁଲ କୁ ପାଠ ପଢ଼ାଇଲେ । ଫୁଲର ବାପା ମାଆକୁ ଅସୁବିଧାରେ ପକାଇବାରୁ ଲାଲ କୁଷ୍ଠ ରୋଗରେ ପଡିଲା । ଗାଁ ଲୋକ ଜାଣିପାରି ଗାଁରୁ ଲାଲକୁ ତଡ଼ିଦେଲେ । ଲାଲ ଗୋଟିଏ ନଦୀ କୂଳରେ ଘର କରି ରହିଲା । ଫୁଲ ସେତେବେଳେ ପାଠପଢ଼ା ସାରି ଡାକ୍ତରୀ ଚାକିରୀ କରିଛି । ସେ ଘରକୁ ଆସିବା କଥା ବାପା ମାଙ୍କୁ ଆଗରୁ ଚିଠିରେ ଜଣାଇ ଦେଇଥିଲା ଫୁଲର ବାପା ମା ବହୁତ ଖୁସି ହେଉଛନ୍ତି । ଫୁଲ ଆସୁ ଥିବା ସମୟରେ ନଦୀ କୂଳରେ ଗୋଟିଏ ଘର ଦେଖିଲା ସେ ଭାବିଲା ସେ ଘରକୁ ଯାଇ ପାଣି ପିଇବି । ଫୁଲ ସେହି ଘରକୁ ଗଲା ଓ ପାଣି ମାଗିଲା ସେହି ଘରୁ ଗୋଟିଏ ବୁଢ଼ା ବାହାରିଲା ସେଇ ବୁଢ଼ାଟି ହେଉଛି ଲାଲ । ଲାଲ କହିଲା ତୁମେ କିଏ ? ଫୁଲ କହିଲା ମୁଁ ଫୁଲ । ଲାଲ ଆଶ୍ଚର୍ଯ୍ୟ ହେଇ ରହିଲା । ଫୁଲ କହିଲା ମଉସା ପାଣି ଦିଅ । ତା ପରେ ଲାଲ କହିଲା ଫୁଲ ମୋତେ ଚିହ୍ନି ପାରୁନୁ ବୋଲି କହିଲା ଫୁଲ କହିଲା ନା ମୁଁ ତୁମକୁ ଚିହ୍ନି ପାରୁନି । ଲାଲ କହିଲା ମୁଁ ତୋ ବଡ଼ ବାପା । ଫୁଲ ଲାଲକୁ ଦେଖି ବହୁତ କାନ୍ଦିଲା । ଫୁଲ କହିଲା ବଡ଼ ବାପା ତୁମେ କାହିଁକି ଏଇ ନଦୀ କୂଳରେ ଘର କରି ରହୁଛ । ଲାଲ କହିଲା ମୋତେ କୁଷ୍ଠ ରୋଗ ହୋଇଛି ଫୁଲ କହିଲା ତୁମେ

କ'ଣ ଔଷଧ ଖାଉନ । ଲାଲ କହିଲା ହଁ ଖାଉଛି ହେଲେ ଭଲ ହେଉ ନାହିଁ । ଫୁଲ କହିଲା ମୁଁ ତୁମକୁ ଡାକ୍ତର ପାଖକୁ ନେଇଯିବି । ଲାଲ କହିଲା ମୋ ପାଖକୁ କେହିବି ଦେଖା କରିବା ପାଇଁ ଆଶୁ ନାହାନ୍ତି । ବଡ଼ ବାପା ମୁଁ କାଲି ଆସିକି ଡାକ୍ତର ପାଖକୁ ନେଇ ଯିବି । କହି ସେଠାରୁ ଫୁଲ ପଳାଇଗଲା ଫୁଲ ଘରକୁ ଗଲା । ପହଞ୍ଚ ବାପା ମାଆଙ୍କୁ ସବୁ କଥା କହିଦେଲା । ଫୁଲର ବାପା କହିଲା ତୋତେ ଯିଏ ଗାଁରେ ବଦାନାମ କରିଛି, ତୁ ତାକୁ ଡାକ୍ତରଖାନାକୁ ନେବୁ। ଫୁଲ କହିଲା ହଁ ବାପା ମୁଁ ଜଣେ ଡାକ୍ତର ହୋଇଛି । ଆଉ ମୋର କର୍ତ୍ତବ୍ୟ ଏଇଟା ଫୁଲ ବାପା କହିଲା ତୋ ଇଚ୍ଛା ଯାହା କରିବୁ ମୁଁ ତୋତେ ଜମାରୁ ମନା କରିବି ନାହିଁ । ଟା ପରଦିନ ଫୁଲ ଟା ବଡ଼ ବାପା ପାଖକୁ ଗଲା ଓ ତାକୁ ଡାକ୍ତର ପାଖକୁ ନେଲ । କିଛି ଦିନ ପରେ ଲାଲ ନୂଆ ଜୀବନ ଫେରି ପାଇଲା । ଲାଲ କହିଲା ତୁ ଫୁଲ ନୁହେଁ ଦେବତା ।

**କୁମାରୀ ମନ୍ଦାକିନୀ ସୋରେନ୍**
ନବମ ଶ୍ରେଣୀ
କୁଜିଡିହି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

# ଚତୁର ଗୋପାଳ

ଗୋଟିଏ ଗାଁରେ ଦୁଇ ସଙ୍ଗାତ ଥିଲେ । ଜଣେ ଧୋବା ଆଉ ଜଣେ ବାରିକ । ଧୋବାର ନାମ ଥିଲା ହରି ଓ ବାରିକ ଜଣଙ୍କ ଗୋପାଳ । ଗୋପାଳ ଭଲ ଭାବରେ ତାର କାମ କରୁଥିଲେ । କିନ୍ତୁ ହରି ଅତି ଇର୍ଷା ପରାୟଣ ଲୋକ ଥିଲେ । ଗାଁର ମୁଖିଆମାନେ ଦିନେ ହରି ଓ ଗୋପାଳକୁ ଗାଁରୁ ତଡିଦେବା ପାଇଁ ସଭା କଲେ । ସଭା ସରିବାରୁ ଏହି ଦୁଇ ଜଣ ହରି ଓ ଗୋପାଳକୁ ଗାଁରୁ ତଡିଦିଆଗଲା । ଗାଁରୁ ଦୁଇଜଣ ବାହାରି ଦୁଇ ଦିଗକୁ ଚାଲିଗଲେ । ହରି ଯାଉଥିବା ବାଟରେ କୌଣସି ଜଙ୍ଗଲ ନଥିଲା । ସେ ଗାଁରୁ ତଡ଼ି ଦେବାରୁ ମନ ଦୁଃଖରେ ଯାଉଥିଲେ କିନ୍ତୁ ଗୋପାଳ ଯେଉଁ ରାସ୍ତାରେ ଯାଉଥିଲେ ସେହି ରାସ୍ତାରେ ଜଙ୍ଗଲ ବର୍ତ୍ତି ଥିଲା । ସେ ଗାଁରୁ ତଡ଼ିଦେବାରୁ ମନ ଦୁଃଖ କରିଯାଉଥିବା ବେଳେ ସେ ତାର ଦର୍ପଣ ପାନିଆ ଆଦି ସବୁ ଗୋପାଳ ଗୋଟିଏ ବ୍ୟାଗରେ ଧରିଥିଲେ । ସେ ସିଧା ବାଟ ଚାଲିଲା ବେଳେ ଗୋଟିଏ ବୁଦାରୁ ମହାବଳ ବାଘଟି ଆସି ତାକୁ ଖାଇବାକୁ ଚେଷ୍ଟା କଲା । ସେ ବାଘକୁ ଦେଖି ଥରିବାକୁ ଲାଗିଲା । ବାଘ ଗୋପାଳକୁ ଦେଖି ଖାଇବା ପାଇଁ ଖୁସି ହେଉଥିଲା । ଠିକ୍ ଏହି ସମୟରେ ଗୋପାଳଙ୍କ ମୁଣ୍ଡରେ ବୁଦ୍ଧି ଆସିଲା । ସେ ସାଙ୍ଗେ ସାଙ୍ଗେ କହିଲା "ରେ ବାଘ ତୁ ମୋତେ ଖାଇବୁ । ମୋତେ ଆମର ରାଜା ଧରିବାକୁ ପଠାଇଛନ୍ତି । ମୁଁ ଜଙ୍ଗଲ ସାରା ବୁଲି ବୁଲି ନଅ ଶହ ଅନେଶ୍ୱତଟି ତୋ ସାଙ୍ଗମାନଙ୍କ ଧରିଛି । ତୁ ଅଛୁ ସବୁଠୁ ଶେଷରେ ତତେ ଧରିଲେ ଏକତ୍ର ହେବ । ମୁଁ ଯଦି ଏକ ହଜାରଟି ବାଘ ନମାରି ବି ମୋତେ ପାଣି ହେବ । ତା କଥା ଶୁଣି ବାଘ ନଅଶହ ଅନେଶ୍ୱତ ବାଘକୁ ଦେଖାଇବାକୁ କହିଲା । ସେ ତା'ର ଦର୍ପଣ ବାହାର କରିଲା ଓ ତାହା ଆଗରେ ଠିଆ ହୋଇଥିବା ମହାବଳ ବାଘର ମୁହଁକୁ ଦର୍ପଣରେ ଦେଖାଇଲା । ସେହି ଦର୍ପଣକୁ ଦେଖି ମହାବଳ ବାଘ ଡରିଗଲା ଓ ଗୋପାଳକୁ କ୍ଷମା ମାଗିଲା । କିନ୍ତୁ ଗୋପାଳ ଛାଡ଼ିବା ଲୋକ ନୁହେଁ ସେ ବାଘକୁ କହିଲା "ତୋ ପାଖରେ ଯେତେ ଧନ, ସମ୍ପତ୍ତି ଅଛି ସବୁ ମୋତେ ଦେଇଦେ । ବାଘ ଭୟରେ ଜୀବନ ବଞ୍ଚାଇବାକୁ ଗୋପଳକୁ ସବୁ ସେହି ଦିନ ଆମ ଜଙ୍ଗଲ ଶେଷ ମୁଣ୍ଡରେ ଥିବା ବରଗଛ ତଳେ ଆସିବୁ । ସେଠାରେ ପଶୁମାନେ ସେମାନଙ୍କ ଧନ ସମ୍ପତ୍ତି ଯେତିକି ଅଛି ସବୁ ଧନ ସମ୍ପତିକୁ ଆଣି ସେଠାରେ ଗୁଣ୍ଡ କରିବେ । ସବୁ ଧନ ସମ୍ପତ୍ତି ଧରି ଘରକୁ ଯିବୁ । ଗୋପାଳ ମନ ଖୁସିରେ ଯାଉଥିବା ବେଳେ ବାଟରେ ଦେଖିଲା ହରି ଗୋଟିଏ ଗାଁରେ ମନ ଦୁଃଖରେ ବସି ଅଛି । ଖାଇବା ପାଇଁ କିଛି ପାଉନାହିଁ । ଗୋପାଳ ହରିକୁ ବାଘ ସାଙ୍ଗରେ ଘଟିଥିବା ଘଟଣା କହିଲେ ହରିର ଖୁସି କହିଲେ ନସରେ । ସେହିଦିନ ଆସିବାକୁ ହରି ଗୋଟିଏ ବଡ ଧଳ ବସ୍ତାଟିଏ ଧରି ଥାଏ । ସେମାନେ ଯାଇ ସେହି ବରଗଛରେ ଆଗରେ ଚଡିଯାଇ ଥିଲା । ଗୋପାଳ, ଭୟରେ ଗଛ ଉପରକୁ ଚଡିଗଲା । ହରି ବଡ଼ ଧଳାବସ୍ତାଟିଏ ଧରି ଗୋପାଳର ତଳକୁ ବସିଥାଏ । ସମୟ ହେଲାରୁ ବାଘ, ଭାଲୁ, ହରିଣ ଯେତିକି ବନ୍ୟ ଜନ୍ତୁ ସବୁ ନିଜ ନିଜର ଧନ ସମ୍ପତ୍ତିକୁ ଧରି ସଭାକୁ ଆସିଲେ । ସମସ୍ତଙ୍କର ଧନ ସମ୍ପତ୍ତି ଦେଖିହରି ଖୁସି ହେଉଥିଲା । ଠିକ୍ ସେତିକି ବେଳେ ମହାବଳବାଘ ଆସି ବସିଲା । ମହାବଳ ବାଘକୁ ହରି ଦେଖି ଭୟରେ ଥରିଗଲା । ସେ ଭୟରେ ଉପରକୁ ଚଢ଼ିବାକୁ ବିଚାର କଲା । ସେ ଉପରକୁ ଚଡିବା ବେଳେ ଧଳାବସ୍ତା ଭିତରୁ ଖସିଗଲା । ମହାବଳ ବାଘ ପାଖକୁ ଧଳା ବସ୍ତା ପଡିଲା ବେଳେ ସବୁ ବନ୍ୟ ଜନ୍ତୁ ଧନ ସମ୍ପତ୍ତିକୁ ଛାଡ଼ି ଭୂତ, ଭୂତ, ବୋଲି ଧାଇଁଲେ । ସେତିକି ବେଳେ ହରି ଓ ଗୋପାଳ ଗଛରୁ ହୋଇ ସେହି ସମ୍ପତ୍ତିକୁ ଧଳା ବସ୍ତାରେ ଭର୍ତ୍ତି କରି ଖୁସିରେ ଘରକୁ ଫେରିଲି । ବେଳେ ଅଧା ବାଟରୁ ନଗର ଆଡ଼କୁ ମୁହାଁଇଲେ । ସେହି ନଗରରେ ଗୋପାଳ ବାଳ କାଟିବା ପାଇଁ ଘରଟିଏ ତିଆରି କଲେ । ହରି ମଧ୍ୟ ଘର ଘର ବୁଲି ମଇଳା ଲୁଗା ପଟା ସଫା କରିବା ପାଇଁ ନେଉଥିଲା ସେ ଲୁଗା ପଟାକୁ ଚିରିବା ଯାଏଁ ଧୋଉଥିଲା ଓ ଗୋପାଳ ପାଖରେ ବାଳକାଟିବାକୁ ଗଲେ ଗୋପାଳ ଭଲ ଭାବରେ ବାଳ କାଟୁନଥିଲେ । ତେଣୁ ଏହି ଦୁଇ ଜଣକୁ

ରାଗିଯାଉଥିଲେ ସେହି ନଗରର ମୁଖିଆମାନେ ଗୋପାଳ ଓ ହରିକୁ ଡାକି ଏକ ସଭା କଲେ ଓ ସେମାନଙ୍କୁ ଭୁଲ କାମ କରୁଥିବାରୁ ନଗରରୁ ବେଢ଼ି ଦିଆଗଲା । ସେମାନେ ସେଠାରୁ ମଧ୍ୟ ବାହାରିଲେ । ଆଉ ଗୋଟିଏ ଗାଁରେ ହରି ଗୋଟିଏ ବ୍ରାହ୍ମଣ ଘରେ ରହି ନିତିଦିନ ଘୁଷୁରୀ ଚୋଇବାକୁ ଯାଉଥିଲା ଏ ଗୋପାଳର ଚତୁରତା ଦେଖି ସାହୁକାର ତାର ଝିଅକୁ ଗୋପାଳ ସହିତ ବିବାହ କରିଲେ । ଚଗୋପାଳ ସେହି ସାହୁକାର ଘରେ ତା'ର ବୁଦ୍ଧି ଯୋଗୁଁ ମାଲିକ ହୋଇ ରହିଲା । ସାହୁକାରର ଝିଅ ସୁନ୍ଦରୀ ଓ ବୁଦ୍ଧିମତୀ ଥିଲେ । କିନ୍ତୁ ଗୋପାଳର ସାଙ୍ଗ ତା'ର ବୁଦ୍ଧି ଯୋଗୁଁ ବ୍ରାହ୍ମଣ ଘରେ ରହି ଘୁଷୁରି ଚରାଇଲା ।

**ବଳରାମ ପୁଜାରୀ**
ସପ୍ତମ ଶ୍ରେଣୀ
ରୋଲ ନଂ- ୩୮
ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ,ଉର୍ଦ୍ଦି
ନବରଂପୁର

# ରାଜା ଓ ସାତ ରାଣୀ

ଗୋଟିଏ ଦେଶରେ ଜଣେ ରଜା ଥିଲେ । ତାଙ୍କ ନାଁ ଥିଲା ମଙ୍ଗଲୁ । ତା'ର ମା, ବାପା, କହିଲେ ପୁଅ ମଙ୍ଗୁଲୁ ଆମେ ବୁଢ଼ାବୁଢ଼ୀ ହେଲୁଣି ମରିଗଲେ କିଏ ତତେ ବାହା କରି ଦେବ । ତେଣୁ କରି ଆମେ ଥାଉ ଥାଉ ତତେ ବାହା କରି ବହୁଟିଏ ଅଣି ଦେବୁ । ସେ କଥାରେ ମଙ୍ଗଲୁ ରାଜି ହେଲା । ରାଜି ହେଲାରୁ ତା'ର ମା ବାପା ତା'ର ବିବାହ ପାଇଁ ସାମାନ ପତ୍ର ଯୋଗାଡ଼ କଲେ । ସବୁ ବିବାହ ଯୋଗାଡ଼ ସରିଯିବାରୁ ତାର ମା,ବାପା ମଙ୍ଗୁଲ ପାଇଁ ବହୁତ ଦୂରର ବହୁଟିଏ ଆଣିବା ପାଇଁ ଗଲେ । ଗାଁର ନାଁ ଥିଲା ଜଣ୍ଡାପଦର । ଜଣ୍ଡାପଦରରୁ ରାଣୀ ଶୁକ୍ ଦେଇ ସବୁଦିନ ପାଇଁ ମଙ୍ଗଲୁ ଘରେ ରହିଗଲା । ଏମିତି ରଜାମଙ୍ଗଲୁ ଘରେ ରହି ରାଣୀ ଶୁକ ଦେଇଙ୍କର ବହୁତ ଦିନ ବିତି ଗଲା । ଦୁଇ ବର୍ଷ ହେଲା କିନ୍ତୁ ରାଣୀ ଶୁକ୍‌ଦେଇକୁ ପୁଅ ଝିଅ ହେଲା ନାହିଁ । ପୁଅ ଝି ନ ହେଲାରୁ ମଙ୍ଗଲୁ କହିଲା ଆଉ ଗୋଟିଏ ରାଣୀକୁ ବାହା କଲେ ତା'ର ପୁଅ ଝିଅ ହେବ । ଏମିତି ଭାବନା କରି ମଙ୍ଗଲୁ ଘରେ ବସିଛି ।

ସେ ଗୋଟିଏ ଦେଶକୁ ଗଲା । ଆଉ ଗୋଟିଏ ରାଣୀକୁ ତା ସାଙ୍ଗରେ ଆଣିଲା । ସେ ରାଣୀର ମଧ ପୁଅ ଝିଅ ହେଲେ ନାହିଁ । ରାଜା ମଙ୍ଗଲୁ ସାତଟାରାଣୀ ବାହା କରୁକରୁ ବୁଢ଼ା ହେଲେଣି ଚିନ୍ତାକରି ଭାବୁଛି । ମୁଁ ମରିଗଲେ କିଏ ରଜା ହେବେ । ଆଉ ରାଜ୍ୟର କାର୍ଯ୍ୟ କିଏ ଚଳାଇବ । ସବୁବେଳେ ସେହିକଥା ହିଁ ଭାବୁଛନ୍ତି । ଆଉ ଗୋଟିଏ ଦେଶରେ ଜଣେ ଋଷି ଥିଲେ । ତାଙ୍କ ନାଁ ଥିଲା ଡ଼ମ୍ବୁରୁ । ସେହି ଋଷି ଶହେଟି ରଜା ପିଲାମାନଙ୍କର ମୁଣ୍ଡ କାଟିକି ରଖିଥିଲା । ଶହେଏକଟା ରଜା ପିଲାମାନଙ୍କର ମୁଣ୍ଡ ଯଦି କାଟିକି ମାଁ କାଳି ଦେବିଙ୍କୁ ବଳିଦେଲେ ସେ ଋଷି ଡ଼ମ୍ବୁରୁ ସର୍ଗରେ ଭଗବାନ ହେବାର ଥିଲା । ଶହେଟା ମୁଣ୍ଡ କାଟିଥିଲା । ଗୋଟିଏ ରଜାମୁଣ୍ଡ କାଟିବାଟା ବାକିଥିଲା । ରୁଷି ରଜା ଘରେ ଯାଇ ପଶିଲା । ରଜା ବାବା ରୁଷିଙ୍କୁ ଦେଖି ଖୁସି ହେଲା ।

ରୁଷିକୁ ରଜା କହିଲା । ଆଜି ଯାଅ ନାହିଁ ବାବା ଆମ ଘରେ ରହିଯାଅ । ଅଧିକ ଅନ୍ଧାର ହେଲାଣି କେମିତି ଯିବୁ । ରଜା କହିଲାରୁ ରୁଷି ହୁ ଯିବି ନାହିଁ ଆଜି ତୁମ ଘରେ ରହିବି । ରୁଷି ଭାବୁଛି ଆଜିର ଗୋଟିଏ ପୁଅକୁ ମାଗିବି । ଠକିବି ତୋର ଗୋଟିଏ ପୁଅକୁ ମୋତେ ଦେଇ ଦେ ମୁଁ ତାକୁ ପାଠ ପଢ଼ାଇ ବଡ଼ ମଣିଷ କରିକି ତୋ ପାଖକୁ ପୁଣି ଥରେ ଆଣି ଦେବି । ସେମିତି ଭାବିଭାବି ରୁଷି ସେଦିନ ରାତିରେ ଶୋଇଲା ନାହିଁ । ଦେଖିଲା କେତେ ବେଳେ ରଜା ପିଲାମାନେ ଶୋଇବାକୁ ଆସିବେ । ରୁଷି ଦେଖିଲା ସକାଳେ ବି ରଜା ପୁଅମାନେ ଆସିଲେ ନାହିଁ । ପୁଅମାନେ ନ ଆସିବାରୁ ରୁଷି ରଜାକୁ କହିଲା ଏ ରଜା ତୋର କ'ଣ ପୁଅ ଝିଅ ନାହାନ୍ତି । ରଜା କହିଲା ପୁଅ ଝିଅ ନଥିବାରୁ ତା ମୁଁ ଚିନ୍ତା କରୁଛି ବାବା । ମଙ୍ଗଲୁ ରଜାଙ୍କର ସାତ ଜଣ ରାଣୀ ଥିଲେ । ସେ ଭିତରୁ ରଜାସାନ ରାଣୀକୁ ସ୍ନେହ ଆଦର କରୁନଥିଲେ । ଆଉ ତାଙ୍କ ସାଙ୍ଗରେ ରହୁ ନଥିଲେ । ରୁଷି ରଜାଙ୍କୁ ପଚାରିଲେ ତୋର କେତେ ଜଣ ରାଣୀ ଅଛନ୍ତି । ମଙ୍ଗଲୁ ରଜା କହିଲେ ମୋର ଛଅ ଜଣ ରାଣୀ ଅଛନ୍ତି ବାବା । ରୁଷି ରଜାଙ୍କୁ କହିଲେ ତୁ ଗୋଟିଏ କାମ୍‌କର । ତୁ ଯିବୁ ଆଉ ଛଅଟି ମନ୍ଦାରଫୁଲ ଆଣିବୁ । ତାହାକୁ ଶୁକେଇ ଦେବୁଶୁକି ଗଲା ପରେ ରାଣୀମାନଙ୍କୁ ଛଅଟା ମନ୍ଦାର ଫୁଲକୁ ବାଟିକି ଖାଇବା ପାଇଁ କହିବୁ । ଏତିକି କହି ରୁଷି କହିଲା । ମୁଁ ଯାଉଛି । ଯିବା ପୂର୍ବରୁ ରୁଷି ପୁଣି କହିଲ । ମୁଁ ଦୁଇ ବର୍ଷ ହେଲାପରେ ତମ ଘରକୁ ଆସିବି । ତୋର ଗୋଟିଏ ପୁଅକୁ ଦେବୁ ମୁଁ ତାକୁ ନେଇ ଭଲ ପାଠ ପଢ଼େଇ ବଡ଼ ମଣିଷ କରି ତୋ ଘରକୁ ଲେଉଟାଇ ଦେବି । ଏତିକି କହି ରୁଷି ନିଜ ଦେଶରେ ଚାଲିଗଲା । ରଜା ଶୁଖିଲା ମନ୍ଦାର ଫୁଲକୁରାଣୀମାନଙ୍କୁ ଖାଇବାକୁ ଦେଲା । ରାଣୀମାନେ ଛଅଜଣ ବାଟିକି ଖାଇଲେ ସାନରାଣୀକୁ ଦେଲେ ନାହିଁ । ସାନ ରାଣୀ ଗୋଟିଏ ପୁଷି ବିଲେଇ ରଖିଥିଲା । ତାକୁ ପଟେଇଲା । ଆଉ କହିଲା, ଯାଇକି ଦେଖ୍ ପୁଷି ଦିଦିମାନେ କ'ଣ କରୁଛନ୍ତି । ସେମିତି କହିଲାରୁ ବିଲେଇ ଦେଖିବାକୁ ଗଲା । ଦେଖିଲା ଛଅ ଜଣ ରାଣୀମାନେ ଶୁକିଲା ମନ୍ଦାର ଫୁଲକୁ ବାଟି କି ଖାଇଥିଲେ । ଖାଇଲା ଜାଗାରେ ମନ୍ଦାର ଫୁଲଗୁଣ୍ଡ ପଡ଼ି ଯାଇଥିଲା । ବିଲେଇ ସେହି ମନ୍ଦାର ଗୁଣ୍ଡକୁ ରାମ୍ପିକି ଧରି ଆଣିଲା ରାଣୀ ପାଖରେ ଆଉ ରାଣୀକୁ ଦେଖେଇଲା । ରାଣୀ ମନ୍ଦାର ଗୁଣ୍ଡକୁ ଦେଖି ଖାଇଦେଲା ।

ତା'ପରେ ଏମିତି ରହୁ ରହୁ ଦୁଇ ବର୍ଷ ହେଲା । ଦୁଇବର୍ଷ ହେଲାରୁ ଛଅ ଜଣ ରାଣୀମାନଙ୍କୁ ଛଅ ପ୍ରକାର ଅଧା ପିଲାମାନେ ଜନ୍ମ ହେଲେ । ବଡ଼ ପୁଅର ନାକ ଚେପଟା, ତା' ପରଟା କାନ ଚେପଟା, ଗୋଡ଼ ଛୋଟା, ଆଖି କଣା, କାଲା ଆଉର ହାତବଙ୍କା ଏମିତି ଛଅ ଜଣ ଛଅ ପ୍ରକାର ଜନ୍ମ ହେଲେ । ସାନ ରାଣୀଙ୍କର ସୁନ୍ଦର ଗୋଟିଏ ରଜା ପୁଅ ଜନ୍ମ ହେଲା । ଦୁଇ ବର୍ଷ ହେଲାରୁ ଋଷି ରଜା ଘରେ ଆସିଲା । ଆସିଲାରୁ ରାଜାକୁ କହିଲା ତୋର ଗୋଟିଏ ପୁଅକୁ ଦେବୁ । ମୁଁ ତାକୁ ନେଇକି ପାଠପଢ଼େଇ ବଡ଼ ମଣିଷ କରି ତୋ ଘରକୁ ଆଣି ଦେବି । ରଜା ମଙ୍ଗିଲୁ ସେମିତି କହିଲାରୁ ଋଷି ବଡ଼ ପୁଅ ନାକ ଚେପଟାକୁ ନେଲା । ଗୋଟିଏ ରାସ୍ତା ଥିଲା ସେହି ପାଖରେ ଋଷିମାନେ ଅଟକିଗଲେ । ସେହି ରାସ୍ତା ଥିଲା ଦୁଇପଟେ । ସେହି ରାସ୍ତାକୁ ଦେଖି ଋଷି ରଜା ପୁଅକୁ କହିଲା ଦୁଇଟି ବାଟ ଅଛି । ଗୋଟିଏ ବାଟ ଦେଇଗଲେ ସାତଦିନ ଲାଗିବ । ଆଉ ଗୋଟିଏ ବାଟ ଦେଇ ଗଲେ ୩୦ ଦିନ ବା ଏକ ମାସ ଲାଗିବ । ସେମିତି ବଲି କହିଲାରୁ ରଜାପୁଅ ଡ଼ରିଗଲା ଆଉ କହିଲା ଏ ବାପରେ ? ରଜା ପୁଅ ସେମିତି କହିଲାରୁ ଋଷି କହିଲା ରଜା ପୁଅ ହୋଇକି ଡ଼ରିଯାଉଛୁ କହି ତା'ର ନାକକୁ କାଟିଦେଲା । ଆଉ ଘରେ ଆଣିଦେଲା । ଆଣି ଦେଲାରୁ ଆଉ ଗୋଟିଏକୁ ନେଲା । ସେ ମଧ ସେମିତି କଲାରୁ ଋଷି ତାକୁ ମଧ କାନକୁ କାଟି ଘରେ ଆଣିଦେଲା । ସେମିତି କରୁ କରୁ ସମସ୍ତଙ୍କୁ ଖଣ୍ଡିଆ ଖାବରା କରିଦେଲା । ଋଷି ଆଉ ରାଜାକୁ ପଚାରିଲେ ତୋର ଆଉ ପୁଅ ନାହିଁ । ରଜା କହିଲା ନାହିଁ ବାବା । ଋଷି ତପସ୍ୟା ବଳରେ ଜାଣି ଦେଲା ଆଉ କହିଲା ଅଛି ସେ ରାଣୀର ମଧ ପୁଅ ଗୋଟିଏ ଅଛି । ସେମିତି କହିଲାରୁ ରଜା ବକୁଆ ହେଲା । ଆଉ କହିଲା ନାହିଁ ମୁଁ ଏତିକି ସୁନ୍ଦରକୁ ଦେବି ପାରିବି ନାହିଁ । ପୁଅ ପାଇଁ ତା ମା ଘୋଡ଼ାଟିଏ କିଣି ଦେଇଥିଲା । ପୁଅ କହିଲା କାହା ସହିତ ଯିବାର ଅଛି ମୁଁ ଯିବି କହିକି ଘୋଡ଼ାରେ ଚଢ଼ିଗଲା । ସେହି ରାସ୍ତା ପାଖରେ ଅଟକିଗଲେ । ଅଟକି ଗଲାରୁ ଋଷିପୁଅକୁ ଆଗ କଥା କହିଲା । ରଜାପୁଅ କହିଲା ମୁଁ ସାତଦିନ ରାସ୍ତାରେ ଯିବି । ଆଉ ଋଷି କହିଲା, ମୁଁ ଏକ ମାସ ୩୦ ଦିନିଆ ରାସ୍ତାରେ ଯିବି । ରଜା ପୁଅ ଘୋଡ଼ାରେ ଚଢ଼ି ସାତିଦିନିଆ ଭୂତପ୍ରେତ ରାସ୍ତାରେ ଗଲା । ଯାଇ କି ଋଷିର କାଳୀଦେବୀଙ୍କ ମନ୍ଦିରରେ ପହଞ୍ଚିଗଲା । କବାଟ ଟେଲିକି ଦେଖିଲା । କିନ୍ତୁ କବାଟ ଖୋଲି ହେଲା ନାହିଁ । ଖୋଲି ନ ହେଲାରୁ ଘୋଡ଼ାରେ ଚଢ଼ି ଚଲରେ ଘୋଡ଼ା କହିଲା । ଘୋଡ଼ା ସବୁ କବାଟ ଭାଙ୍ଗି ଭିତରକୁ ନେଇଗଲା । ଭିତରେ କାଳି ଦେବିଙ୍କ ମୂର୍ତିଥିଲା । ରଜାପୁଅ ଆଲୁଅ ଜଳେଇଲା । ଆଉ ଗୋଟିଏ ରୁମକୁ ଖୋଲିକି ଦେଖିଲା । ସେ ଭିତରେ ରଜା ପୁଅମାନଙ୍କର ଶହେଟା ମୁଣ୍ଡଥିଲା । କବାଟ ଖୋଲି ଦେଲାରୁ ହସିଦେଲେ । ଟିକେ ସମୟ ଗଲା ପରେ ରଜା ପୁଅ ପଚାରିଲେ, ତୁମ୍ଭେମାନେ କିଏ ? ମୁଣ୍ଡଗୁଡ଼ାକ କହିଲେ, ଆମେ ବି ତୁମ ପରି ରଜାପୁଅ । ରଜାପୁଅ ପଚାରିଲା - କାହିଁକି ହସିଲା ? ମୁଣ୍ଡମାନେ କହିଲେ ଏତେ ଦିନ ପୂର୍ବରୁ ଏମନ୍ଦିରରେ କିଏ ଆସିନଥିଲେ ତେଣୁ ହସିଲୁ । ଆଉ ରଜାପୁଅ ପଚାରିଲ - କାହିଁକି କାନ୍ଦିଲ ? ମୁଣ୍ଡଗୁଡ଼ାକ କହିଲେ ତତେ ମଧ କାଲି ଋଷି ମୁଣ୍ଡ କାଟିକାଳୀ ଦେବୀଙ୍କ ପାଖରେ ବଳିଦେବେ ତେଣୁ କରି ହସିଲୁ । ଏକଥାଶୁଣି ରଜାପୁଅ କାନ୍ଦିଲା କହିଲା ମୁଁ କେମିତି କରିବି ତା' ହେଲେ । ମୁଣ୍ଡଗୁଡ଼ାକ କହିଲେ ଆମେ ବୁଦ୍ଧି ଶିଖେଇ ଦେବୁ । ଶୁଣେ ଋଷି ତତେ ଗୋଟିଏ ବନ୍ଧରେ ଗାଧୋଇବାକୁ ନେବ । ତା'ପରେ ଗୋଧୋଇ କି ଆଣିଲେ ତତେ ସାତ ଥର କାଳୀଙ୍କୁ ଚାରିପଟେ ବୁଲିବାକୁ କହିବ । ତୁ କହିବୁ ମୁଁତ ଜାଣି ନାହିଁ ସବୁ ବେଳେ ବସି ରହିବା ଲୋକ । ତେଣୁ କରି ଆପଣ ଦେଖେଇ ଦିଅନ୍ତୁ । ତା'ପରେ ଋଷି ଶିଖେଇ ଦେଲା ମୁଣ୍ଡିଆ ମାରିବାଟା ସେତିକି ବେଳେ ରଜାପୁଅ ଋଷିକୁ ଖଣ୍ଡାରେ ମାରି ଦେଲା । କିନ୍ତୁ ଋଷି ପୁଣି ଥରେ ଜୋଡ଼ି ହୋଇଗଲା । ସେମିତି ହାଣୁ ହାଣୁ ସାତ ଖଣ୍ଡ କରି ଦେଲା କିନ୍ତୁ ଋଷିଙ୍କର ଜୀବନ ଗଲା ନାହିଁ । ନଗଲାରୁ ଗୋଟିଏ ମୁଣ୍ଡ ଆସିକି ପିଲାର କାନରେ କହିଦେଲା । ଗୋଟିଏ ଭଅଁର ମାଛି ଅଛି ତାକୁ ମାରିଲେ ଯାଇ ଋଷିଙ୍କର ଜୀବନ ଯିବ । ନ ହେଲେ ଯିବ ନାହିଁ । ଋଷିଙ୍କର ଜୀବନ ସେହି ଭଁଅରରେ ଅଛି । ସେମିତି କହିଲାରୁ ରଜାପୁଅ କହିଲା ମୁଣ୍ଡଗୁଡ଼ାକୁ ମାରିଲା ଆଉ ଭଅଁରକୁ ମଧ ମାରିଦେଲା ତା'ପରେ ଋଷିର ଜୀବନ ଗଲା । ଋଷି ମରିଗଲା, ତା'ପରେ ରଜାପୁଅ ମୁଁ ଯାଉଛି । ମୁଣ୍ଡଗୁଡ଼ାକ କହିଲେ ଗୋଟିଏ କାମ କରେ ପାହାଡ଼ ତଳେ ଗୋଟିଏ କଳସୀରେ ପାଣି ଅଛି ତାକୁ ଆଣି ଆମ ମୁଣ୍ଡରେ ଛିଞ୍ଚି ଦେଲେ ଆମେ ରଜାପୁଅ ହେବୁ । ରଜାପୁଅ କଳଶ ଆଉ କଳସୀର ପାଣିକୁ ଆଣିଲା । ଆଣିଲା ପରେ ସମସ୍ତଙ୍କ ମୁଣ୍ଡରେ ଛିଞ୍ଚି ଦେଲା । ମୁଣ୍ଡଗୁଡ଼ାକ ରଜା ପୁଅ ହେଲେ । ଆଉ ନିଜ ଦେଶରେ ଚାଲିଗଲେ । ରଜା ପୁଅ ଘୋଡ଼ାରେ ଚଢ଼ି ତା' ଦେଶରେ ଆସିଲା ।

**କୁମାରୀ ଲଳିତା ଗଣ୍ଡ, ଅଷ୍ଟମ ଶ୍ରେଣୀ**
ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଡିର୍ଲି

# ବାଳି ଗଡ଼ିଆ ମାଛର ପେଟ ସିଲେଇ କାହିଁକି ?

ଗୋଟିଏ ରାଜ୍ୟରେ ଜଣେ ରାଜା ଥିଲେ । ତାଙ୍କର ଗୋଟିଏ ମାତ୍ର ପୁତ୍ର । ଯେତେବେଳେ ସେହି ପୁତ୍ରର ନାମକରଣ ପାଇଁ ଆୟୋଜନ କଲେ ସେତେ ବେଳେ । ମୁନୀ ଋଷିମାନେ ସେଠାରେ ଉପସ୍ଥିତ ଥିଲେ । ସେମାନେ ପୁତ୍ରର ଭବିଷ୍ୟତକୁ ଦେଖି କହିଲେ ହେ ! ରାଜନ୍ ଆପଣଙ୍କ ପୁତ୍ର ମାତ୍ର ବାର ବର୍ଷ ବୟସରେ ମୃତ୍ୟୁବରଣ କରିବେ । ରାଜା ଭାରି ଚିନ୍ତାରେ ପଡ଼ିଲେ । ଭାବି ଭାବି ହଠାତ୍ ଚିନ୍ତା ପଶିଗଲା ଯେ ଏହି ପୁତ୍ରକୁ ବାରବର୍ଷ ପର୍ଯ୍ୟନ୍ତ ଲୁଚେଇ ରଖିବାକୁ ହେବ । ରାଜା ସଙ୍ଗେ ସଙ୍ଗେ କମାର ପାଖକୁ ଗଲେ ଏବଂ କହିଲେ ହେ ! କମାର ମୋତେ ଗୋଟେ ଏମିତି ଗୃହ ନିର୍ମାଣ କରିଦିଅ ଯେ ତା' ଭିତରକୁ କେହି ଯେମିତି ପଶିବାରୁ ନ ଥିବେ । କମାର କହିଲେ ଠିକ୍ ଅଛି ହେଲେ ସେଥିପାଇଁ ଲୁହା ଆବଶ୍ୟକ ପଡ଼ିବ । ରାଜା ଅତ୍ୟନ୍ତ ଧନୀ ହେତୁ ଟ୍ରକ୍ ଟ୍ରକ୍ ଲୁହା ଆଣି ଦେଲେ । ତା' ପରେ କମାର ଲୁହାରେ ଗୃହ ନିର୍ମାଣ ଆରମ୍ଭ କଲେ । ସମାପ୍ତକାଳେ ଦୁର୍ଗାଦେବୀ ସେଠାରେ ଆସି ପହଞ୍ଚିଲେ ଏବଂ କମାରକୁ ପଚାରୁଛନ୍ତି, ହେ କମାର ! ତୁମକୁ ରାଜା ଆଦେଶ ଦେଇଛନ୍ତି ଯେ ଗୃହ ଭିତରକୁ କେହି ପ୍ରବେଶ କରିବେ ନାହିଁ । ହେଲେ ମୁଁ ଯଦି କହିବି ଏହି ଗୃହ ସମାପ୍ତ ବେଳେ ଅତି କ୍ଷୁଦ୍ର ରନ୍ଧ୍ର ଛାଡିଦେଇଥିବ । କମାର କହିଲେ ଠିକ୍ ଅଛି । ତାହା ମଧ୍ୟ କରିବି । କମାର ଦୁର୍ଗାଦେବୀଙ୍କ କଥା ଅନୁସାରେ କାମ କଲେ ତା'ପରେ ସେହି ପୁତ୍ରର ବାରବର୍ଷ ହେବାକୁ ଯାଉଅଛି । ସେତେବେଳେ ଦୁର୍ଗାଙ୍କର ଝିଅ ନାଗ ସାପରୂପ ଧାରଣ କରି ରାଜାଙ୍କର ପୁତ୍ର ଥିବା ଗୃହକୁ ରନ୍ଧ୍ର ଦେଇ ପ୍ରବେଶ କଲେ ଏବଂ ରାଜପୁତ୍ରକୁ ସଂପୂର୍ଣ୍ଣଗିଳି ଦେଲେ ଏବଂ ପୁଣି ଛୋଟ ହୋଇ ରନ୍ଧ୍ର ଦ୍ୱାରା ବାହାରିଲେ । ରାଜପୁତ୍ରର ପୂରା ପୂରି ବାରବର୍ଷ ହେଲା ରାଜା ପୁଣି କମାର ପାଖକୁ ଯାଇ କହିଲେ ହେ ! କମାର ଆଜି ମୋ ପୁଅର ବାର ବର୍ଷ ହେଲା ତେଣୁ ଆଜି ତାକୁ ବାହାର କରିବା । ରାଜା ଏବଂ କମାର ପୁତ୍ର ଥିବା ଗୃହରେ ଆଉ ପୁତ୍ରକୁ ଦେଖି ପାଇଲେ ନାହିଁ । କେବଳ ସେମାନେ ଦେଖିବାକୁ ପାଇଲେ ସାପ ପ୍ରବେଶ କରିଥିବା ବାଟ । ରାଜାରାଗି ଗଲେ ଏବଂ କହିଲେ ମୋ ପୁତ୍ରକୁ ଦୁର୍ଗାଙ୍କର ଝିଅ ନାଗୀ ବ୍ୟତୀତ କେହି ନେଇ ନାହାନ୍ତି । ଚାଲ ଦୁର୍ଗାଙ୍କୁ ଡାକିବା । ତା'ପରେ ଦୁର୍ଗାଙ୍କୁ ଡାକିଲେ ଏବଂ ପଚାରିଲେ ହେ ଦୁର୍ଗାଦେବୀ ! ଯଦି ମୋ ପୁଅକୁ ଆପଣ ନେଇଛନ୍ତି ତେବେ ଯେତେ ଶିଘ୍ର ପାରୁଛ ମୋତେ ଫେରାଇଦିଅ । ଦୁର୍ଗା କହିଲେ ଠିକ୍ ଅଛି ମୁଁ ତା' ବିଷୟରେ କିଛି ଜାଣିନାହିଁ । ହୋଇ ପରେ ମୋ ଝିଅ ନାଗୀ ଆଣିଥିବ ମୁଁ ପଚାରେ । ଦୁର୍ଗା କହିଲେ କିଲୋ ମା ତୁ ଏତେବଡ ରାଜ୍ୟର ରାଜ୍ୟପୁତ୍ରକୁ ଚୋରି କରିଛୁ ସେଇଟାବି ମୋତେ ନ ଜଣେଇ । ନାଗୀ କହିଲେ ମୁଁ ଆଣିଛି ହେଲେ ମୋ ପାଖରେ ନାହିଁ । ତାକୁ ମୁଁ ସମୁଦ୍ର ପାଣିରେ ବାନ୍ତି କରି ଦେଇଛି । ଦୁର୍ଗା ଦେବୀ ରାଜାଙ୍କୁ ସବୁ କଥା କହିଦେଲେ ରାଜାପୁଣି ଗଙ୍ଗା ମାତାଙ୍କୁ ଡାକିଲେ ଏବଂ କହିଲେ ହେ ଗଙ୍ଗା ମାତା ! ଆପଣଙ୍କୁ ମୁଁ ଗୁହାରିଲେ । ହେ ! ରାଜନ୍ ତୁମେ କାନ୍ଦ ନାହିଁ ମୋ ବକ୍ଷରେ ଗୋଟିଏ ବିରାଟ ବଡ ବାଳିଆ ମାଛ ଅଛି ହୁଏତ ସେ ଆହାର କରିଥିବ ତେଣୁ ଆଗେ ତାକୁ ବାହାର କରିବ । ତାପରେ ବାଳିଆ ମାଛକୁ ସମୁଦ୍ର ପାଣିରୁ ବାହାର କଲେ ଏବଂ ତା' ପେଟକୁ ଧୀରେ ଧୀରେ କାଟିଲେ ସତ୍‌କୁ ସତ ନାଗି ଯେମିତି ବାନ୍ତି କରି ଦେଇଛି ସେମିତି ଆହାର କରିଛି । ତା' ପରେ ବାଳକକୁ ସାବଧାନତାର ସହିତ ବାହାର କଲେ ଏବଂ ପୁଣି ଜାଳିମାଛକୁ ସିଲେଇ କରି ପାଣିରେ ଛାଡି ଦେଲେ । ସେହି ଦିନଠାରୁ ବାଳିଆ ମାଛର ପେଟ ସିଲେଇ ଭଳି ଦେଖାଯାଏ ।

**କୁମାରୀ ରଞ୍ଜିତା ମୁର୍ମୁ**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ସୁଲେଇପାଟ

# ପାଞ୍ଚ ଭାଇ

ଗୋଟିଏ ଗ୍ରାମରେ ବୁଢା ଏବଂ ତାର ପାଞ୍ଚ ପୁଅ ବାସ କରୁଥିଲେ । ବୁଢାଟି ଗୋଟିଏ ବିରାଟ ଜଙ୍ଗଲକୁ ଗଲା । ସେଠାରେ ସେ କାଠଗୁଡ଼ିକ କାଟୁ କାଟୁ ତା'ର କୁରାଢ଼ିଟିଏ ହଜିଗଲା । ସେହି ବୁଢାଟି କହିଲା ଯିଏ କୁରାଢ଼ି ପାଇ ପାରିବ ତାକୁ ମୁଁ ଗୋଟିଏ ପୁଅ ଦେବି । ସେତେବେଳେ ବାଘଟିଏ ଶୁଣିଲା ଏବଂ ହଠାତ୍ ଉଠି ପଡିଲା । ସେତେବେଳେ ବାଘଟି କହିଲା - ମୁଁ ଖୋଜି ଦେବି । ବାଘ କୁରାଢ଼ି ଖୋଜି ଦେଲା । ବୁଢାଟିଏ ଚିନ୍ତା କଲା କାହା ପୁଅକୁ ଦେବି ଭାବି ପାରିଲା ନାହିଁ । ବୁଢା କହିଲା ଯେ ପୁଅ ପ୍ରଥମେ ଆସିବ । ତାକୁ ହିଁ ଦେବି । ବାଘଟି ଖାଇବାକୁ ରହିଁ ରହିଛି । ବୁଢା ବଡ଼ ପୁଅକୁ ପଠାଇ ଥିଲା କାଠ ଆଣିବାକୁ ସେ ଗଲା ନାହିଁ । ସେତେବେଳେ ଅନ୍ୟ ପୁଅ ଗଲେ ନାହିଁ । କିନ୍ତୁ ସବୁଠୁ ଛୋଟ ପୁଅ ଗଲା । ଛୋଟ ପୁଅ ଶଗଡ଼ରେ ପଞ୍ଝାକୁ ବାନ୍ଧି ଚାଲିଗଲେ ଜଙ୍ଗଲକୁ କାଠ ଆଣିବାକୁ । ଯିବା ରାସ୍ତାରେ ବାହାଘ ପାର୍ଶ୍ୱକୁ ପଞ୍ଝା ଗଲା ନାହିଁ ଏବଂ ସେତେବେଳେ ସେହି ଛୋଟ ପୁଅ କହିଲା କାହିଁକି ଅଟକି ଗଲୁ । ପଞ୍ଝା କହିଲା - ତୁ ଗଲେ ଆଉ ଥରେ ଆସି ପାରିବୁ ନାହିଁ । ସେହି କଥା ଶୁଣି ମୁଁ ଆସି ପାରିବି । ପଞ୍ଝା ଯେଉଁ କଥା କହିଲା ତାହା ସବୁ ଧରିଲା । ସେହି ଜଙ୍ଗଲରେ ଗୋଟିଏ ବଡ ବାଘ ଥିଲା । ଶଗଡ଼ ଏବଂ ଛୋଟ ପୁଅକୁ ଦେଖି ବାଘଟି ଉଠି ଗଲା । ଛୋଟ ପୁଅଟି କହିଲା - ହେ ବାଘ ମୁଁ ଏହି କାଠ ଗୁଡ଼ିକୁ ଶଗଡ଼ରେ ଭର୍ତ୍ତି କରିବାକୁ ଦିଅ ଏବଂ ଏହି ଗୋଟିଏ ଜଙ୍ଗଲକୁ ପାରେଇ ଦେବି ତା'ପରେ ମତେ ଖାଇବୁ । ଗୋଟିଏ ଜଙ୍ଗଲ ପାହାରି ଗଲା । ବାଘଟି ଖାଇବାକୁ ଦୌଡ଼ି ଆସୁଛି । ସେତେ ବେଳେ ଘଣ୍ଟ କହୁଛି - ବାଘଟି କେତେ ଦୂରରେ ଅଛି । ସେହି ଛୋଟ ପୁଅଟି କହିଲା ପାଖରେ ଅଛି । ତା ହେଲେ ସେହି ଝାଡୁଟି ବାଘ ପାଖରେ ଫିଙ୍ଗି ଦେବୁ । ସେହି ପୁଅଟି ତା' ପାଖରେ ଫିଙ୍ଗି ଦେଲା । ସେଠାରୁ ମଧ୍ୟ ପାହାରି ଗଲା । ବାଘଟି ସେହି ଜଙ୍ଗଲକୁ ମଧ୍ୟ ପାହାରି ଗଲା । ବାଘଟି ଦୌଡ଼ି ଦୌଡ଼ି ତାଙ୍କ ପାଖରେ ପହଞ୍ଚି ଗଲା । ଆଉ ଥରେ ପଥରଟିଏ ବାଘ ଆଗରେ ଫିଙ୍ଗା ଦେଲା ଏବଂ ସେହି ପଥରରେ ବିରାଟ ପାହାଡ ତିଆରି ହେଲା । ସେଠାରେ ମଧ୍ୟ ପାହାରି ଆସିଲା । ସେହି ପୁଅଟି ଆଉ ଥରେ ନିଆଁକୁ । ଛୋଟ ପୁଅଟି ପଛକୁ ଅନେଇଲା ପରେ ଦେଖିଲା ଯେ ବାଘଟି ପାଖରେ ପହଞ୍ଚଗଲା । ସେହି ପୁଅ ପାଖରେ ଆଉ ଗୋଟିଏ ଉପାୟ ଥିଲା । ପାଣି ତା' ପାଖରେ ଫିଙ୍ଗି ଦେଲା ଏବଂ ସେହି ପାଣିରୁ ସମୁଦ୍ର ତିଆରି ହେଲା । କିନ୍ତୁ ସେଠାରୁ ପାହାରି ପାରିଲା ନାହିଁ ଏବଂ ସେହି ପୁଅଟି କହିଲା ମୁଁ ଘରକୁ ଯିବି ନାହିଁ । ସେତିକି କହି ସେହି ଶଗଡକୁ ଭାଙ୍ଗି ଦେଲା । ସେହି ଶଗଡ଼ ଏବଂ କାଠଗୁଡ଼ିକରେ ଘର ବନେଇଲା । ସେଠାରେ ସେ ବାସ କରୁଥିଲା । ସେହି ପୁଅଟି ଆଉ ଦିନ ପଞ୍ଝା ଦୁଇଟିକୁ ନେଇ ପୋଖରୀ କୂଳରେ ଚରାଉ ଥିଲା । ସେହି ପୋଖରୀ କୂଳରେ ବଂଶୀ ଧରି ବସିଲା ଏବଂ ବଂଶୀଟି ବଜାଇ ଥିଲା । ସାତ ଭଉଣୀମାନେ ସେହି ପୋଖରୀରେ ବାସ କରୁଥିଲେ । ଛୋଟ ପୁଅର ବଂଶୀ ସ୍ୱର ଶୁଣି ସାତ ଭଉଣୀମାନେ ତାକୁ କହିଲେ ଆମ ସହିତ ପାଣିରେ ଲୁଚି ଲୁଚି ଆସ ଖେଳିବା । ସେତେବେଳେ ସେହି ପୁଅଟି ସେମାନଙ୍କ ପାଖରେ କିଛି କହି ପାରିଲା ନାହିଁ । ସେହି ପୁଅଟି କାନ୍ଦି କାନ୍ଦି ଘରକୁ ଆସୁଥିଲା । ସେତେବେଳେ ପଞ୍ଝା କହିଲା ମୁଁ ଉପାୟ ଖୋଜି ଦେବି । ଯେତେବେଳେ ତୁ ଲୁଚିବୁ । ସେତେବେଳେ ତୁମକୁ ଗିଳି ଦେବି । ସେମାନେ ଖୋଜି ଖୋଜି ପାଇ ପାରିବେ ନାହିଁ ଯେତେବେଳେ ମୁଁ ପାଣି ପିଇବାକୁ ଆସିବି ଏବଂ ବାହାର କରି ଦେବି । ଯଦି ସେମାନେ ଲୁଚିବେ ତା' ହେଲେ ତୁ ସବୁ ପଦ୍ମ ଫୁଲକୁ ଛୁଇଁବୁ । ପଦ୍ମ ଫୁଲକୁ ଛୁଇଁଲା ପରେ ଯେଉଁ ଝିଅଟି ସାହା ହୋଇ ଥିବ ତାକୁ ଆଣିବୁ । ପଞ୍ଝା ଯେମିତି ଉପାୟ କରି ଥିଲା ସେମିତି ସେହି ପୁଅ କାମ କରିଲା ଏବଂ ଜିତିଲା । ସେହି ଝିଅକୁ ଘରକୁ ଆଣିଲା । ଏକ ଗ୍ରାମରେ ଗୋଟିଏ ରାଜା ଥିଲା । ରାଜା କହିଲା ସେ ସୁନ୍ଦରୀ ଝିଅ ସହିତ ବାହା ହେବି । ରାଜା ସେହି ପୁଅକୁ କହିଲା ଏହି ଲୁହାର ଖୁଣ୍ଟକୁ ତୁମର ପଞ୍ଝା ଯଦି ଭାଙ୍ଗି ଦେବ ତା' ହେଲେ ତୁମକୁ ପଚାଶ ହଜାର ଟଙ୍କା ଦେବି । ଯଦି ଭାଙ୍ଗି ପାରିବ ନାହିଁ ତା' ହେଲେ ମୁଁ ତୁମର ସାକୁ ଆଣିବି । ସେହି କଥା ଶୁଣି ପୁଅଟି କାନ୍ଦୁଥାଏ । ପଞ୍ଝା କାନ୍ଦି କାନ୍ଦି କହିଲା ମୋର ଏହାହିଁ ହେଉଛି ଶେଷ ଉପାୟ । ସେହି ଲୁହା ଖୁଣ୍ଟଟି ଯେମିତି ଭାଙ୍ଗି ଗଲା ସେମିତି ପଞ୍ଝା ମଧ୍ୟ ମରିଗଲା ।

**କୁମାରୀ ଦିଶି ମାରାଣ୍ଡି**
ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ
ଗ୍ରା- କାଳିମାଟି, ପୋ-ସୁନ୍ଦାଲ
ଭାୟା- ଗୋରୁ ମହିଷାଣୀ, ଜିଲ୍ଲା- ମୟୂରଭଞ୍ଜ

# ତିନି ତୁଣ୍ଡରେ ଛେଳି କୁକୁର

ଜଣେ ଜମିଦାର ଥିଲେ । ବିବାହର ଦୀର୍ଘ ବାର ବର୍ଷ ଘରେ ମଧ୍ୟ ତାଙ୍କର କୌଣସି ଛୁଆ ପିଲା ନହେବାରୁ ସେ ବଡମନ ଦୁଃଖରେ କାଳ କାଟୁଥିଲେ । ହଠାତ୍ ଜଣେ ସାଧୁଙ୍କ ସହିତ ସାକ୍ଷାତ୍ ହେଲା । ସାଧୁଙ୍କୁ ନିଜ ଦୁଃଖ ଜଣାଇବାରୁ ସାଧୁ କହିଲେ ତୁମର ଶନିଦଶା ଘଟିଛି ତାଙ୍କୁ ସନ୍ତୁଷ୍ଟ କରିବାକୁ ହେଲେ ତୁମକୁ ଏକୋଇଶ ପାଳି ଶନିଶ୍ଚର ମେଳା କରିବାକୁ ପଡ଼ିବ । ଶେଷ ପାଳି ଅନୁରୂପ ସଂଖ୍ୟକ ବ୍ରାହ୍ମଣମାନଙ୍କୁ ଡାକି ସେମାନଙ୍କୁ ଦିବ୍ୟ ଭୋଜନ ସହ ଦକ୍ଷିଣା ଓ ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ କଳା ଛେଳି ଦାନ କରିବାକୁ ପଡିବ ତା ହେଲେ ଜାଣ ଶନିଙ୍କର କୁଦୃଷ୍ଟି ଖଣ୍ଡିତ ହେବ ଓ ତୁମେ ନିଃସନ୍ତାନ ଦୋଷରୁ ଉଦ୍ଧାର ପାଇବ । ସାଧୁଙ୍କ ଉପଦେଶ କ୍ରମେ ଜମିଦାର ଶନିଶ୍ଚର ମେଳାର ଆୟୋଜନ କଲେ । ମେଳା ଉଦ୍‌ଘାଟନର ମାତ୍ର ତିନି ପାଳି ପୂର୍ବରୁ ଜମିଦାରଙ୍କ ପତ୍ନୀ ଗର୍ଭବତୀ ହେଲେ । ଜମିଦାରଙ୍କ ଆନନ୍ଦ କହିଲେ ନ ସରେ । ସେ ଖୁସିରେ ମେଳା ଉଦ୍‌ଯାପନ କଲେ । ଏକୋଇଶ ଜଣ ଦାନୁଆ ବ୍ରାହ୍ମଣଙ୍କୁ ଡାକି ଦିବ୍ୟ ଭୋଜନ ସହ ଦକ୍ଷିଣା ଓ କଳା ଛେଳି ଦାନ କଲେ ।

ଜଣେ ବୃଦ୍ଧ ବ୍ରାହ୍ମଣ ଦାନସୂତ୍ରରେ ପାଇଥିବା ତଉଲ ତାଉଲ ଛେଳି ଛୁଆଟିକୁ କାନ୍ଧରେ ଧରି ଘରକୁ ଫେରୁଥିବା ବେଳେ ତିନିଜଣ ଠକ ଦୂରରୁ ଥାଇ ସେ ଦୃଶ୍ୟ ଦେଖିବାକୁ ପାଇଲେ । ତଉଲ- ତାଉଲ ଛେଳି ଛୁଆ ପ୍ରତି ସେମାନଙ୍କର ଲୋଭ ବଳିଲା । କୌଶଳରେ ତାକୁ ହସ୍ତଗତକରି ତା'ର ମାଂସ ପାଇବାକୁ କିଛି ବ୍ୟବଧାନରେ ଲୁଚି ରହିଲେ । ପ୍ରଥମ ଠକ ପାଖରେ ବ୍ରାହ୍ମଣ ପହଞ୍ଚିବା ମାତ୍ରେ ସେ ତାଙ୍କ ନିକଟକୁ ଆସି କହିଲା କୁକୁରକୁ ଧରି କୁଆଡ଼େ ଯାଉଛନ୍ତି । ବ୍ରାହ୍ମଣ କୌଣସି ଉତ୍ତର ନଦେଇ ଆଗେଇ ଚାଲିଲେ । କିଛି ବାଟ ଯିବା ପରେ ଦ୍ୱିତୀୟ ଠକ ଆସି କହିଲା; ବ୍ରାହ୍ମଣ କୁକୁରକୁ ଧରି କୁଆଡ଼େ ଯାଉଛନ୍ତି । ଟିକିଏ ଶଙ୍କିତ ହୋଇ ପଡିଲେ । ବ୍ରାହ୍ମଣ ଟିକିଏ ଶଙ୍କିତ ହୋଇ ପଡିଲେ । ମାତ୍ର ଆଉ କିଛି ବାଟ ଯିବାପରେ ତୃତୀୟ ଠକ ତାଙ୍କ ନିକଟକୁ ଆସି ଯେତେବେଳେ ଅନୁରୂପ ପ୍ରଶ୍ନଟି ପଚାରିଲା ସେତେବେଳେ ବ୍ରାହ୍ମଣଙ୍କର ମତି ଭ୍ରମ ଘଟିଲା ତାଙ୍କ ବିଚାର ଧାରା ସତ୍ୟ ହୋଇଥିବା ସତ୍ତ୍ୱେ ସେଥିରେ ସଂଶୟ ଉପୁଜିଲା ତେଣୁ ସେ ଭାବିଲେ ଜମିଦାର ତାଙ୍କୁ ଛେଳି ବଦଳରେ କୁକୁର ଛୁଆଟିଏ ଦେଇ ପ୍ରତାରିତ କରିଛନ୍ତି କି ? ଏହା ଯଦି ସତ୍ୟ ହୋଇଥାଏ ତା'ହେଲେ ପତ୍ନୀ ଦେଖି କ'ଣ ଭାବିବେ ? ମୋ ଅଜ୍ଞାନତା ପତ୍ନୀଙ୍କ ପାଖରେ ଧରାପଡ଼ି ଯିବ । ଏହାଭାବି ବ୍ରାହ୍ମଣ ସେହି ସ୍ଥାନରେ ଛେଳି ଛୁଆଟିକୁ ଛାଡିଯିବାକୁ ସ୍ଥିର କଲେ । ତିନି ତୁଣ୍ଡରେ ଛେଳି କୁକୁର ହେଲା । ଠକମାନେ ମହାନନ୍ଦରେ ଛେଳି ଛୁଆଟିକୁ ନେଇ ତା'ର ମାଂସ ରାନ୍ଧି ଖାଇଲେ ।

**କୁମାରୀ ସୁଶିଳ ପାତ**
ଦଶମ ଶ୍ରେଣୀ
ସୁଲେଇପାଟ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

# ପାଞ୍ଚଭାଇ ଏବଂ ଗୋଟିଏ ଭଉଣୀ

ସବୁର୍ଣ୍ଣପୁର ଗ୍ରାମର ଜଣେ କୃଷକ ବାସ କରୁଥିଲା । ସେହି କୃଷକ ଜଣକ ହେଉଛନ୍ତି ସୁବର୍ଣ୍ଣ ଏବଂ ତାଙ୍କ ସ୍ତ୍ରୀ ସ୍ୱର୍ଣ୍ଣ ଚମ୍ପା । ସେମାନଙ୍କର ପାଞ୍ଚ ପୁଅ ଏବଂ ଗୋଟିଏ ଛୋଟ ଝିଅ ଥିଲେ । କଢ଼ିରୁ ଯେପରି ଫୁଲ ଧୀରେ ଫୁଟେ ସେହିପରି ସେମାନେ ମଧ୍ୟ ଛୋଟରୁ ବଡ଼ ହୋଇ ଗଲେ । ପାଞ୍ଚପୁଅ ପ୍ରତ୍ୟେକ ଦିନ ବଣକୁ ଶିକାର କରିବା ପାଇଁ ଯାଆନ୍ତି । କିଛି ଦିନ ବିତିଗଲା ପରେ ସେମାନଙ୍କର ବାପା - ମା' ମୃତ୍ୟୁବରଣ କଲେ । ସେମାନେ ବହୁତ ଦୁଃଖରେ ଭାଙ୍ଗି ପଡ଼ିଲେ । ସବୁବେଳେ ସେହି ଝିଅଟି ବାପା, ମା'ଙ୍କ କଥା ମନେ ପକାଇ କାନ୍ଦୁଥାଏ । ସେହି ଝିଅଟିର ନାମ ସୁବର୍ଣ୍ଣରେଖା ଥିଲା । କୌଣସି ଏକ ଦିନ ପାଞ୍ଚ ଭାଇ ଚାଷ କରିବାକୁ କିଆରୀକୁ ଗଲେ । ଭଉଣୀ ତାଙ୍କ ପାଇଁ ରୋଷେଇ ପାଇଁ ଶାଗ କାଟୁଥିଲା । ସେତେବେଳେ ହଠାତ୍ ତା'ର ଗୋଟିଏ ଆଙ୍ଗୁଳି କାଟି ହେଲା । ସେହି ରକ୍ତଟି ତା'ର ଲୁଗାରେ ନ ପୋଛି ଶାଗରେ ପୋଛି ହେଲା । କାରଣ ଯଦି ଲୁଗାରେ ପୋଛିବ ତା' ହେଲେ ତା'ର ଭାଇମାନେ ତାକୁ ଗାଳି ଦେବେ । ତା'ପରେ ତରକାରୀ କଲା । ତରକାରୀ ରାନ୍ଧି ସାରିଲା । ପରେ ପାଞ୍ଚ ଭାଇମାନଙ୍କ ପାଖକୁ ଭାତ ନେଇଗଲା । ସେହି ଝିଅଟି ଯେତେବେଳେ ବିଲକୁ ପହଞ୍ଚିଲା ସେତେବେଳେ ଭାଇମାନେ ତାକୁ ଦେଖି ହଳକୁ ଛାଡ଼ି ଭାତ ଖାଇବାକୁ ଆସିଲେ । ତା'ପରେ ଭାଇମାନେ ବଡ଼ରୁ ସାନ କ୍ରମରେ ବସିଲେ । ତାଙ୍କର ଭଉଣୀ ସୁବର୍ଣ୍ଣ ରେଖା ବଡ଼ ଭାଇଙ୍କ ପାଖରୁ ଭାତ ଦେବାପାଇଁ ଆରମ୍ଭ କଲା ଏବଂ ଚତୁର୍ଥ ଭାଇ ପର୍ଯ୍ୟନ୍ତ ଯେତେବେଳେ ଦେଉଥିଲା ସେତେବେଳେ ସବୁଠୁ ବଡ଼ ଭାଇ କହିଲେ ଯେ ରେ ଛୋଟ ଭଉଣୀ ! ଆଜି ତରକାରୀରେ କ'ଣ ମିଶେଇଛୁ ଏତେ ସ୍ୱାଦ ଲାଗୁଛି ! ସୁବର୍ଣ୍ଣରେଖା ଭୟରେ କହୁନଥିଲା କିନ୍ତୁ ବହୁତ ସମୟ ପରେ ବାଧ କହିବାକୁ ପଡ଼ିଲା । ସେ କହିଲା ଯେ ଭାଇ ମୁଁ ଯେତେବେଳେ ଶାଗ କାଟୁଥିଲି ସେତେବେଳେ ମୋ ଆଙ୍ଗୁଳିଟି କଟିଗଲା । ସେହି ରକ୍ତ ଶାଗରେ ମିଶିଗଲା । ତା'ପରେ ବଡଭାଇ ସମସ୍ତଙ୍କୁ କହିଲେ ଯେ ଛୋଟ ଭଉଣୀର ରକ୍ତ ବହୁତ ମିଠା । ତା'ର ମାଂସ କେତେ ମିଠା ଥିବ । ତେଣୁ ଏହି ଭଉଣୀକୁ ମାରିବାକୁ ପଡ଼ିବ । ତା'ପରେ ଚାରି ଭାଇ ସମସ୍ତେ ବହୁ ଆନନ୍ଦରେ ଖାଇଲେ । କିନ୍ତୁ ସେହି କଥା ଶୁଣି ସବୁଠୁ ଛୋଟଭାଇ ଦୁଃଖରେ ଭାଙ୍ଗି ପଡ଼ି ଭାତ ମଧ୍ୟ ଖାଇଲା ନାହିଁ । କୌଣସି ଏକ ଦିନ ଶିକାର କରିବାକୁ ବାହାରିଲେ ଏବଂ ସୁବର୍ଣ୍ଣରେଖାକୁ ମଧ୍ୟ ନେଲେ । ସୁବର୍ଣ୍ଣରେଖାକୁ ମାରିବାପାଇଁ ବଣକୁ ନେଉଥିଲେ । କିନ୍ତୁ ସେ ଅଜଣା ଥିଲା । ବଣକୁ ପହଞ୍ଚିଗଲେ ଏବଂ ଗୋଟିଏ ଗଛ ତଳେ ବିଶ୍ରାମ ନେଇ ସବୁଠୁ ବଡ ଭାଇ କହିଲା ଯେ ଆହେ ଛୋଟ ଭଉଣୀ - ତୁ ଗଛ ଉପରକୁ ଚଢ଼ିଯାଅ । ସୁବର୍ଣ୍ଣରେଖା ଚଢ଼ିଗଲା । ସମସ୍ତଙ୍କଠାରୁ ବଡ଼ ଭାଇ ପ୍ରଥମେ ଶର ମାରିବାକୁ ଆରମ୍ଭ କଲେ ଏବଂ ଜଣେ ପରେ ଜଣେ ଚତୁର୍ଥ ଭାଇ ପର୍ଯ୍ୟନ୍ତ ଶର ମାରିଲେ । କିନ୍ତୁ କେହି ହେଲେ ମଧ୍ୟ ବଜେଇ ପାରିଲେ ନାହିଁ । ସମସ୍ତଙ୍କଠାରୁ ଛୋଟ ଭାଇ ଦୁଃଖରେ ଭାଙ୍ଗି ପଡ଼ି ତାକୁ ଶର ମାରୁନଥିଲା । କିନ୍ତୁ ସେମାନେ ଛୋଟଭାଇକୁ ସୁବର୍ଣ୍ଣରେଖାକୁ ମାରିବା ପାଇଁ ବାଧ କଲେ । ସେହି ଭଉଣୀ ଏବଂ ଛୋଟ ଭାଇ ପରସ୍ପର ଦୁହେଁ ବହୁତ କାନ୍ଦୁଥାନ୍ତି । ଶେଷ ସମୟରେ ଛୋଟ ଭାଇ ତାକୁ ସମ୍ବୋଧନ କରି କହିଲା, 'ରେ ଛୋଟ ଭଉଣୀ! ଏବଂ ଭଉଣୀ ମଧ୍ୟ ତା' ଭାଇକୁ କହିଲା ଭାଇ ! ଛୋଟ ଭାଇ ଆଖି ବୁଜି କରି ଶର ମାରିଲା ଯାହା ଫଳରେ ସବୁର୍ଣ୍ଣରେଖାଙ୍କ ଦେହରେ ବାଜିଗଲା ଏବଂ ସେ ମରିଗଲା । ଛୋଟ ଭାଇହିଁ ତାକୁ କାନ୍ଧରେ ରଖି ଘରକୁ ଆଣିଲା ଏବଂ ସେ ବହୁତ କାନ୍ଦୁଥାଏ । ଚାରି ଭାଇ ଭଉଣୀଙ୍କୁ ରାନ୍ଧିବା ପାଇଁ ଛୋଟ ଭାଇକୁ କହିଲେ ଯେ - ଯାଅ ଏହି କଣା କଳସୀରେ ପାଣି ଆଣ । କିନ୍ତୁ ଏହାତ ଅସମ୍ଭବ କଥା । ସେ ପାଣି କେମିତି ଆଣିବ ? ସେ ଭଗବାନଙ୍କୁ ଗୁହାରି କଲେ ଯେ ହେ ଭଗବାନ୍ - ମୁଁ ଏହି କଣା କଳସୀରେ ପାଣି କେମିତି ଆଣିବି ? ଭଗବାନ ତା'ର ଦୁଃଖ ସହି ନ ପାରି ନିଜେ ତାଙ୍କ ପାଖରେ ଆବିର୍ଭାବ ହେଲେ । ଭଗବାନଙ୍କ ପାଖରେ ଗୋଟିଏ ବେଙ୍ଗ ଏବଂ ସାପ ଥିଲେ । ବେଙ୍ଗଟି କହିଲା - ହେ ପୁତ୍ର ଚିନ୍ତା କର ନାହିଁ ଯେତେବେଳେ ତୁମେ ପାଣି ଆଣିବାକୁ

ଯିବ ସେତେବେଳେ ମୁଁ ସେହି କଣାରେ ବସିଥିବି । ସେହିପରି ଭାବରେ ସେ ପାଣି ଆଣିଲା । କିନ୍ତୁ ପାଣି ଟିକେ ହେଲେ ମଧ୍ୟ ପଡୁନଥାଏ । ଛଅି ଭାଇ ସମସ୍ତେ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ଅଧିକ ସେମାନେ ରାଗିଗଲେ । ସେମାନେ ଅନ୍ୟ ଗୋଟିଏ କାମ ଦେଲେ ଯେ ଯାଅ ବିନା ବନ୍ଧାରେ ବଣରୁ କାଠ ଆଣ । ଏହା ଶୁଣି ମଧ୍ୟ ସେ କାନ୍ଦୁଥାଏ । ପୁଣି ସେହିପରି ଭାବରେ ଭଗବାନଙ୍କୁ ଡାକିଲା । ସେତେବେଳେ ଭଗବାନଙ୍କ ପାଖରେ ଥିବା ସାପଟି କହିଲା ହେ ପୁତ୍ର ଯେତେବେଳେ ତୁମେ ବଣକୁ କାଠ ଆଣିବା ପାଇଁ ଯିବ ସେତେବେଳେ ମୁଁ କାଠକୁ ବାନ୍ଧିଥିବି । ସେପରି ସେ ଦେଲା । କାଠଗୁଡ଼ିକୁ ଘରକୁ ଆଣିଲା । ଛଅିଭାଇ ସମସ୍ତେ ରାନ୍ଧିଲେ ଏବଂ ଛୋଟ ଭାଇ ସେମାନଙ୍କୁ ଖାଇବା ପାଇଁ ଦେଲା । ସେମାନେ ଯେତେବେଳେ ମାଂସ ଖାଆନ୍ତି ସେତେବେଳେ ସେ କଙ୍କଡାର ନରମ ମାଂସ ଖାଏ ଏବଂ ହାଡ ଯେତେବେଳେ ଖାଆନ୍ତି ସେତେବେଳେ ସେ କଙ୍କଡାର ଗୋଡକୁ ଖାଏ । ଏହିପରି ଭାବରେ ସେମାନଙ୍କୁ ଠକଉଥାଏ । ସେ ତା'ର ଛୋଟ ଭଉଣୀର ମାଂସକୁ ଖାଇନଥିଲା । ଆଜିକାଲି ଆମ ଆଦିବାସୀ ଲୋକମାନେ ପ୍ରତ୍ୟେକବର୍ଷ ମକର ପର୍ବରେ ପିଠା ଖାଇସାରିଲା ପରେ ଏହି ଗପଟିକୁ ସ୍ମରଣ କରିବା ପାଇଁ କଦଳୀ ଗଛକୁ ସେହି ଭଉଣୀ ଭାବି ପାଞ୍ଚଜଣ ଲୋକ ମାରନ୍ତି । ଯିଏ ସେହି କଦଳୀ ଗଛକୁ ମାରିବ କାନ୍ଧରେ ରଖି ମାଝୀ ହାଲାମଙ୍କ ଘରକୁ ଆଣେ । ସେଦିନ ମାଝୀ ହାଲାମ ତାକୁ ନୂଆ ଲୁଗା ପ୍ରଦାନ କରିଥାଏ ଏବଂ ମାଂସ ଭାତ ଖାଇବାକୁ ଦେଇଥାନ୍ତି । ପରେ ସେ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରେ । ଲୋକମାନେ ଏହି ଦୃଶ୍ୟ ଦେଖିବାରେ ବହୁତ ଭିଡ଼ କରିଥାନ୍ତି । ସେଦିନ ଲୋକମାନେ ନାଚ ଗୀତ କରି ମନକୁ ଆନନ୍ଦିତ କରିଥାନ୍ତି ।

**ଗାଳ୍ପିକ - କୁମାରୀ ନାନୀ ହାଁସଦାଃ**
ସୁଲେଇପାଟ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ
ଶ୍ରେଣୀ-ଦଶମ

# ତନ୍ତୀ ପୁଅ ଓ ସାତଟି ଭୂତ

ମଧୁପୁର ଗାଁରେ ଜଣେ ତନ୍ତୀ ଥିଲା । ତା'ର ନାମ ବିପିନ । ସେ ପିଠ ଖାଇବା ପାଇଁ ଭାରି ଭଲ ପାଉଥିଲା । ଦିନେ ସେ ତା'ର ମା'କୁ କହିଲା, "ମା' ମୋର ପିଠା ଖାଇବା ପାଇଁ ଭାରି ଇଚ୍ଛା, ମୋତେ ପିଠା କରି ଦିଅ ମୁଁ ଖାଇବି" । ସେଦିନ ତା'ର ମା' ତା ପାଇଁ ଅତି ସୁନ୍ଦର ପିଠା ନଡ଼ିଆ ପୁର ଦେଇ ତିଆରି କରିଦେଲା । ପିଠାକୁ ଦେଖି ବିପିନର ମନ ବହୁତ ଖୁସି । ସେ ମନ ଖୁସିରେ ନାଚି କୁଦି ଗୀତ ଗାଇବାକୁ ଲାଗିଲା ।

ଗୋଟିଏ ଖାଇବି ଦୁଇଟା ଖାଇବି ।

ସାତ ଗୋଟିଯାକ ଚୋବାଇ ଖାଇବି ।"

ମା କହିଲେ ନାଚିବୁ ଯଦି ଖାଇବୁ କେତେ ବେଳେ ? ବିପିନ କହିଲା ମୁଁ କ'ଣ ଏଇଠି ଖାଇବି ସମସ୍ତେ ଯେଉଁଠାରେ ଦେଖିପାରିବେ ସେଠାରେ ବସି ଖାଇବି । ଏହା କହି ବିପିନ୍ ପିଠାଗୁଡ଼ିକ ନେଇ ନାଚି ନାଚି ଘରୁ ବାହାରି ଆସିଲା ଏବଂ ମନ ଖୁସିରେ କହିବାକୁ ଲାଗିଲା -

"ଗୋଟାଏ ଖାଇବି ଦୁଇଟା ଖାଇବି,

ସାତ ଗୋଟିଯାକ ଚୋବାଇ ଖାଇବି ।"

ନାଚି ନାଚି ମନ ଖୁସିରେ ବିପିନ ଘରଠାରୁ ଅଳ୍ପ ଦୂରରେ ଥିବା ଏକ ବରଗଛ ମୂଳରେ ଆସି ପହଞ୍ଚିଲା । ସେହି ଗଛ ମୂଳରେ ହାଟ ବସେ । ଗାଁର ପ୍ରତ୍ୟେକ ଲୋକ ନିଜ ନିଜର ଆବଶ୍ୟକ ଜିନିଷପତ୍ର କିଣନ୍ତି । ବିପିନ ସେହି ଗଛ ମୂଳକୁ ଆସି ଖାଲି ନାଚିଲା ଏବଂ କହିଲା-

"ଗୋଟାଏ ଖାଇବି ଦୁଇଟା ଖାଇବି,

ସାତ ଗୋଟିଯାକ ଚୋବାଇ ଖାଇବି ।"

କଥା ହେଉଛି କ'ଣ ନା ସେହି ବରଗଛରେ ସାତଟି ଭୂତ ଏକାଠି ରହୁଥିଲେ । ଯେମିତି ସାତଟାକୁ ଚୋବାଇ ଖାଇବା କଥା ଭୂତମାନେ ଶୁଣି ପାରିଛନ୍ତି, ସେମାନଙ୍କ ମନରେ ଭାଳେଣି ପଡ଼ିଗଲା । ତାହା ଶୁଣି ଭୂତମାନେ ଭୟରେ ଥରିବାକୁ ଲାଗିଲେ । କହିଲେ ଆଜି ସର୍ବନାଶ ହେଲା । ପରସ୍ପର ମଧ୍ୟରେ କୁହାକୁହି ହେଲେ ଦେଖତ କେଉଁଠାରେ ଜଣେ ଲୋକ ଆସି କହୁଛି ଆମ୍ଭ ସାତଜଣଙ୍କୁ ଚୋବାଇ କରି ଖାଇବ । ବର୍ତ୍ତମାନ ଆମ୍ଭେ କ'ଣ କରିବୁ ? ଅନେକ କଥା ଭାବି ଶେଷରେ ସମସ୍ତେ ଏକାଠି ମିଶି ଗୋଟାଏ ହାଣ୍ଡି ନେଇ ତା' ପାଖରେ ଥୋଇଦେଲେ କହିଲେ - ଦେଖ ଭାଇ ତୁମ୍ଭେ ଆମ୍ଭମାନଙ୍କୁ ଖାଅନା । ଆମ୍ଭେମାନେ ସମସ୍ତେ ମିଶି ଏହି ହାଣ୍ଡିଟି ତୁମକୁ ଦେଉଛୁ । ତୁମ୍ଭେ ଏହାକୁ ଗ୍ରହଣ କରି ଆମକୁ ଛାଡ଼ି ଦିଅ । ସାତଟି ଯାକ ଭୂତ ତାଳଗଛ ପରି ଲମ୍ବା କାହାର ଦାନ୍ତ ମୂଳା ପରି ତ କାହାର କାନ କୁଲାପରି । କାହାର ଆଖି ଦୁଇଟି ଆଳି ପରି । ଏହିପରି ଅଦ୍ଭୁତ ଧରଣର ବିରାଟକାୟ ରୂପ । ସମସ୍ତେ ଯେତେବେଳେ ଏକ ସଙ୍ଗରେ ଆସି ବିପିନ ପାଖରେ ଠିଆ ହୋଇ ଏଣୁ ତେଣୁ ଗପିବାକୁ ଆରମ୍ଭ କଲେ । ତାଙ୍କର ଏପରି ଢ଼ଙ୍ଗ ରଙ୍ଗ ଦେଖି ବିପିନ ଚମକି ଗଲା, ମନେ ମନେ ବଡ ଭୟ ଅନୁଭବ କଲା । ସେ ଭାବିଲା ଏଠୁଁ ଯଦି ମୁଁ ଡରି ଚାଲିଯାଏ ତେବେ ଭୂତମାନେ ମୋର ଅବସ୍ଥା ବାରଟା ବଜାଇ ଦେବେ । ତେଣୁ ମନ ମଧ୍ୟରେ ସାହସ ବାନ୍ଧି ଧୈର୍ଯ୍ୟର ସହ ଛିଡ଼ା ହେଲା ।

ବିପିନ କହିଲା - ଭୂତମାନେ ତୁମେ ଯେଉଁ ହାଣ୍ଡି ଦେଲ ତାକୁ ନଇ ମୁଁ କ'ଣ କରିବି । ଭୂତମାନେ କହିଲେ ତୁମର ଯେତେବେଳେ ଯାହା ଖାଇବାକୁ ଇଚ୍ଛା ହେବ ଏବଂ ତୁମେ ଯାହା ଚାହିଁବ ଏହି ହାଣ୍ଡି ମଧ୍ୟରୁ ସେସବୁ ପାଇପାରିବ ।

ବିପିନ କହିଲା - ସତରେ ଭାରି ମଜାକଥା ତା' ମୁଁ ତେବେ ପାଏସ୍ ଖାଇବି । ଏହା କହୁ କହୁ ସେ ହାଣ୍ଡି ମଧ୍ୟରୁ ସତକୁ ସତ ଅତି ସୁନ୍ଦର ବାସନା ପାଏସ୍ ଆସିଲା । ସେପରି ପାଏସ୍ କେବେ ଖାଇନି ଜି ତା'ର ବାପା-ମା" ମଧ ଖାଇ ନାହାନ୍ତି । ମନେ ମନେ ଅତି ଖୁସି ହୋଇ ହାଣ୍ଡି ନେଇ ସେଠାରୁ ଚାଲି ଆସିଲା । ଭୂତମାନେ ବିଚରା ମନେ ମନେ ଭାବିଲେ ଯାହା ହେଉ ଏହାରୁ ଆମେ ବଞ୍ଚିଗଲୁ । ସେତେବେଳେ ବେଳ ଅଧିକ ହେଲାଣି ଅତି ପ୍ରଖର ଖରାରେ ବିପିନ କିପରି ଏତେବାଟ ଯିବ ମନରେ ଚିନ୍ତା କଲା ବାଟରେ ଯାଉ ଯାଉ ତା'ର ବନ୍ଧୁ ଘରପଡ଼ିଲା, ଭାବିଲା ଏଠାରେ ଟିକିଏ ବିଶ୍ରାମ ନେଇଁ ମୁଁ ଉପରବେଳା ଆମ ଘରକୁ ଯିବି । ତା'ର ବନ୍ଧୁ ଜଣକ ଏକ ଦୁଷ୍ଟ ପ୍ରକୃତିର ଲୋକ ଥିଲା । ଦେଖି କହିଲା - "ଭାଇ, ଏ ହାଣ୍ଡିଟିକୁ ତୁମେ କେଉଁ ଠାରୁ ଆଣିଛ ।" ବିପିନ କହିଲା "ଏହି ହାଣ୍ଡିଟିକୁ ଭୂତମାନେ ମୋତେ ଖୁସିରେ ଦେଇଛନ୍ତି । ମୁଁ ଯେତେବେଳେ ଯାହା ଭଲ ସୁସାଦୁ ଜିନିଷ ଖାଇବାକୁ ଚାହିଁବି ତାହା ହାଣ୍ଡି ମଧ୍ୟରୁ ବାହାରିବ । ଏ ହାଣ୍ଡି ଅନ୍ୟ ହାଣ୍ଡିଠାରୁ ଅଲଗା । ବନ୍ଧୁ ଜଣଙ୍କ କହିଲା ଅଚ୍ଛା ଏହା ସତକଥା ତ ? ଦେଖିବା ତ ହାଣ୍ଡିର କିପରି ଗୁଣ ? ବିପିନ କହିଲା, "ତୁମେ ଯାହା ଖାଇବାକୁ ଚାହିଁବ, ମୁଁ ଏହି ହାଣ୍ଡି ମଧ୍ୟରୁ ବାହାର କରିଦେବି । ତା'ର ବନ୍ଧୁ ଜଣକ କହିଲା ମୁଁ ରାବିଡି, ସନ୍ଦେଶ, ଲଡୁ, ଗୋଲାପଜାମୁ, ରସଗୋଲା, ମାଲପୁଆ, ଖିରିମୋହନ ଏହିସବୁ ମିଠା ଜିନିଷ ଖାଇବି । ବନ୍ଧୁ ଯାହା କହିଲେ ସତକୁ ସତ ହାଣ୍ଡି ଭିତରୁ ତାହା ବାହାରି କରି ଖାଇବାକୁ ଦେଲା ବିପିନ୍ । ଏହି ହାଣ୍ଡିଟିକୁ ଦେଖି ବନ୍ଧୁ ଜଣଙ୍କର ଭାରି ଲୋଭ ହେଲା । ସେ ଭାବିଲା କିପରି କୌଶଳ ଦ୍ୱାରା ଏହାକୁ ହାତ କରିବାକୁ ହେବ। ଏହା ମନରେ ପାଞ୍ଚି ସେ ବିପିନର ବହୁତ ଆଦର ଯତ୍ନ କଲା । କହିଲା, ବନ୍ଧୁ ତୁମେ ବହୁତ ବାଟ ଚାଲି ଥକି ଯିବଣି ମୁଁ ତୁମକୁ ପଙ୍ଖା ଆଣି ବିଞ୍ଚି ଦେବି । ବନ୍ଧୁ ବାଟ ଚାଲି ଚାଲି ଥକି ଯାଇ ଥିବାରୁ ଥଣ୍ଡା ପବନରେ ତାକୁ ନିଦ ଲାଗିଗଲା । ଏତିକିବେଳେ ଠିକ୍ ସମୟ ଉଣ୍ଡି ବନ୍ଧୁ ଜଣକ ତା'ର ହାଣ୍ଡିଟିକୁ ନେଇ ତା ପରିବର୍ତ୍ତେ ଅନ୍ୟ ଏକ ହାଣ୍ଡି ଆଣି ଥୋଇ ଦେଲା । ଯେତେ ବେଳେ ବିପିନ ନିଦ ଭାଙ୍ଗିଲା । ସେ ହାଣ୍ଡିକୁ ମୁଣ୍ଡାଇ ମନ ଖୁସିରେ ତା' ଘର ଅଭିମୁଖେ ଚାଲିବାକୁ ଲାଗିଲା । ଘରେ ପହଞ୍ଚି ତା' ମା"କୁ କହିଲା - ମା' ମୁଁ ଗୋଟାଏ ଭଲ ହାଣ୍ଡି ଆଣିଛି ତୁ ଯେତେ ବେଳେ ହାଣ୍ଡିରୁ କିଛି ବାହାରିଲା ନାହିଁ ବିପିନର ମନ ବିଶେଷ ଦୁଃଖ ହେଲା ଯେପରି ବୋକା ବନିଲାପରି ମନେକଲା । ଏହା ଦେଖି ତା'ର ମା' ତାକୁ ଗାଳି ଦେଲା । ଏହା ଜାଣି ସେ ମନରେ ଭାବିଲା ଭୂତମାନେ ମତେ ନିଶ୍ଚିତ ଭାବରେ ଠକି ହୋଇଛନ୍ତି କିନ୍ତୁ ପ୍ରକୃତରେ ବନ୍ଧୁ ଜଣକ ତାକୁ ଠକିଛନ୍ତି ବୋଲି ସେ ମନେ କରିନି । ତା' ପରେ ଦିନ ପୁଣି ସେହି ବରଗଛ ମୂଳକୁ ଗଲା ଏବଂ କହିଲା-

"ଗୋଟାଏ ଖାଇବି ଦୁଇଟା ଖାଇବି,
ସାତ ଗୋଟିଯାକ ଚୋବାଇ ଖାଇବି ।"

ଏହା ଶୁଣି ଭୂତମାନେ କମ୍ପିବାକୁ ଲାଗିଲେ ପୁଣି ଭାବିଲେ ଏତେବଡ଼ ଅସୁବିଧାରେ ଆମକୁ ପକାଇ ପୁଣି କୁଆଡ଼େ ଆସିଲାଣି ଏହାଭାବି ସେମାନେ ଗୋଟିଏ ଛେଳିକୁ ଆଣି ଦେଇ କହିଲେ ତୁମେ ଆମକୁ ଖାଅନାହିଁ । ଏହି ଛେଳିଟିକୁ ନେଇ ଆମକୁ ଛାଡ଼ିଦିଅ । ବିପିନ କହିଲା, ଏହି ଛେଳିର ଗୁଣ କ'ଣ ? ଭୂତମାନେ କହିଲେ ହୁଇସିଲ୍ ମାରିବ ସେ ତୁମ ଡାକ ଶୁଣିବ ଓ ବୋବାଇବ ତୁମେ ଯେତେ ସୁନା ରୁପା ଅଳଙ୍କାର ଚାହିଁବ ତାହା ପାଟିରୁ ବାହାରିବ । ବିପିନ ଯେମିତି ଡ଼ାକିଲା ସେ ଛେଳିଟି ସତକୁ ସତ ବୋବାଇବାକୁ ଲାଗିଲା ଓ ତା'ର ପାଟିରୁ ବହୁତ ଗୁଡ଼ିଏ ସୁନା ମୋହର ଓ ସୁନାର ଅଳଙ୍କାର ବାହାରିଲା । ଏହା ଦେଖି ବିପିନର ମନ ବହୁତ ଖୁସି ହେଲା । ସେ ଖୁସିରେ ଛେଳିଟିକୁ ନେଇ ଘରକୁ ଯିବାକୁ ଲାଗିଲା । ଯାଉ ଯାଉ ବାନ୍ଧୁ ଘରେ ରହିଲା । ବନ୍ଧୁ ଜଣଜ ହାଣ୍ଡିଟିକୁ ପାଇଥିଲା, ତା'ର ଲୋଭ ବଢ଼ିଯାଇଥିଲା । ସେ ପୁଣି ସେବାଯତ୍ନ କରିବାକୁ ଲାଗିଲା । ଏଥର ମଧ ଛେଳିଟାକୁ ଦେଖି ତା'ର ଆହୁରି ଲୋଭ ହେଲା । ସେ କହିଲା - ବନ୍ଧୁ ଏ ଛେଳିଟି କେଉଁଠାରୁ ଆଣିଛ ? ବିପିନ କହିଲା - ସେହି ଭୂତମାନେ ଦେଇଛନ୍ତି । ଏହାକୁ ହୁଇସିଲ୍ ମାରି ଯଦି ଡ଼ାକିବ ସେ ବୋବାଇବ ଓ ତା'ର ପାଟିରୁ ସୁନା ମୋହର ଓ ଅଳଙ୍କାର ଆଦି ବାହାରିବ । ଏକଥା ଶୁଣି

ସେ ବନ୍ଧୁଜଣକ ଖାଇବା ପିଇବା ବ୍ୟବସ୍ଥା କରି ନିଦ୍ରା ପାଇଁ ବିଛଣା ପାରିଦେଲା । ବହୁ ବାଟ ଚାଲି ଥିବାରୁ ବିପିନକୁ ନିଦ ଲାଗିଗଲା । ସେ ବିଶ୍ରାମ ନେଉ ନେଉ ଗାଢ଼ ନିଦ୍ରାରେ ଶୋଇଗଲା । ଏହାରି ମଧ୍ୟରେ ସୁଯୋଗ ଉଣ୍ଡି ବନ୍ଧୁ ଜଣକ ସେ ଛେଳିକୁ ଚୋରି କରି ତା' ଜାଗାରେ ଅନ୍ୟ ଏକ ସେହିପରି ଛେଳି ଆଣି ବାନ୍ଧିଦେଲା । ମାତ୍ର ଏ ସବୁର ରହସ୍ୟ ବିପିନ ଜାଣି ପାରି ନଥିଲା । ଯେତେବେଳେ ନିଦ ଭାଙ୍ଗିଲା, ସେ ମନ ଖୁସିରେ ଛେଳିଟିକୁ ନେଇ ତା ' ଘରକୁ ଚାଲିଗଲା । ପରେ ପହଞ୍ଚିବା କ୍ଷଣି ପୂର୍ବପରି ତାରମା'କୁ କହିଲା ମା'ଲୋ ମା', ମୁଁ ଗୋଟିଏ ଛେଳି ଆଣିଛି । ଏହା ଆମର ବହୁତ ଉପକାର କରିବ । ଯେତେବେଳେ ଏଇ ଛେଳିକୁ ଡ଼ାକି ଦେବୁ ସେ ବୋବାଇବ ଓ ତା ପାଟିରୁ ସୁନା ମୋହର ଓ ଅଳଙ୍କାର ବାହାରିବ ସେ ତା'ର ମା' ସମ୍ମୁଖରେ ଯେତେବେଳେ ଛେଳିଟିକୁ ଡ଼ାକେ ଛେଳିଟି ବିପିନର କଥାକୁ କିଛି ନଶୁଣାଇଲା ପରି ଚୁପ୍‌ଚାପ୍ ଛିଡ଼ା ହେଲା । ଶେଷରେ ରାଗି ଯାଇ ଏପରି ମୁଣ୍ଡିଆଟିଏ ପକାଇଲା ଯେ ବିପିନର ନାକରେ ବାଜି ଗଳଗଳ ହୋଇ ରକ୍ତ ଯାଏ ବୋହିଗଲା । ଏହା ଦେଖି ତା ମା ବହୁତ ଗାଳି ଗୁଲଜ କରି କହିଲେ - ତୁ ଗୋଟିଏ ନିହାତି ମୂର୍ଖ । ତୋଠାରୁ ବୋକା ଏ ଦୁନିଆରେ କେହି ନାହିଁ । କାହିଁ ମୁଁ ତ କେବେ ଦେଖିନାହିଁ । ସେ ପୁଅର ନିର୍ବୋଧତାକୁ ଦେଖି ମନେ ମନେ ବହୁ ଦୁଃଖ କଲେ । ମା'ଙ୍କ ପାଖରୁ ଏପରି ଅପମାନ ପାଇ ସେ ରାଗରେ ଗରଗର ହୋଇ ଭୂତମାନଙ୍କର ପ୍ରତିଶୋଧ ନେବ ବୋଲି କହିଲା । ପୁଣି ଯାଇ ଗଛ ନିକଟରେ ହାଜର ହୋଇ କହିଲା ଏଥର ଆଉ ଏମାନଙ୍କର ନିସ୍ତାର ନାହିଁ । ଏମାନେ ମୋତେ ଦୁଇଥର ଠକି ଦେଲେଣି, ଏଥର କୁଆଡ଼େ ଯିବେ । ଏହ ଭାବି ପୁଣି କହିବାକୁ ଲାଗିଲା-

"ଏକଟା ଖାଇବି ଦୁଇଟା ଖାଇବି

ସାତ ଜଣଙ୍କୁ ମୁଁ ଚୋବାଇ ଖାଇବି"

ଏହା ଦେଖି ଭୂତମାନେ ବଡ଼ ବ୍ୟସ୍ତ ହେଲେ, କହିଲେ, ଏକି ବୋକା ଲୋକ, ଦୁଇଥର ଆସି ଆମକୁ ହଇରାଣ କଲାଣି । ପୁଣି କୁଆଡ଼େ ଆସି ଏଠାରେ ପାଲା ଜମାଇ ଦେଲାଣି । କ'ଣ ନା ଆମକୁ ଚୋବାଇ ଖାଇବ । ଭୂତମାନେ ମନରେ ଚିନ୍ତା କଲେ ନିଶ୍ଚୟ କେହି ଏହାକୁ ଠକି ଦେଇଛନ୍ତି । ନଚେତ୍ ବାରମ୍ବାର କାହିଁକି ସେ ଆମକୁ ଅସୁବିଧାରେ ପକାଉଛି । ବିପିନ କହିଲା- ତୁମେ ଯେଉଁ ଛେଳି ଦେଲ ମୋତେ ଠକି ଦେଇଛ । ଏହି ଦେଖ କିପରି ଶିଙ୍ଘରେ ଭୁଷି ମୋ ନାକ ଫଟାଇ ଦେଇଛି । ଏଣୁ ମୁଁ ତୁମକୁ ଛାଡ଼ିବି ନାହିଁ । ଚୋବାଇ କରି ସାତ ଜଣକୁ ଗୋଟିଏ ପରେ ଗୋଟିଏ କରି ଖାଇବି । ଏକଥା ଶୁଣି ଭୂତମାନେ କହିଲେ ତୁମ୍ଭେ ସିଧାସଳଖ ଘରକୁ ଯାଇଥିଲ ନା ବାଟରେ କୌଣସି ଜାଗାରେ ଅଟକି ଯାଇଥିଲା ? ଯାହା ଦ୍ୱାରା ତୁମର ଛେଳିଟି ବଦଳ ହୋଇ ତାପରିବର୍ତ୍ତେ ଅନ୍ୟ ଏକ ଛେଳି ରଖି ଦେଇଛନ୍ତି । ବିପିନ କହିଲା – ମୁଁ ଯାଉ ଯାଉ ବାଟରେ ମୋର ବନ୍ଧୁ ଘରେ ଅଟକି ଯାଇଥିଲି । ତାହା ହେଲେ ସେହି ବନ୍ଧୁ ହିଁ ତୁମର ସମସ୍ତ ଚୋରି କରି ତା ବଦଳରେ ଅନ୍ୟ ଜିନିଷ ରଖି ଦେଇଛନ୍ତି । ବିପିନ୍ ସବୁ ଜାଣିପାରିଲା । ନିଶ୍ଚିତ ଭାବେ ବନ୍ଧୁ ମୋର ସବୁ ବଦଳି କରିଛି । ତେଣୁ ସେ ଭୂତମାନଙ୍କୁ କହିଲା ବର୍ତ୍ତମାନ କ'ଣ କରିବାକୁ ହେବ । ଭୂତମାନେ କହିଲେ ଆମ୍ଭେ ଗୋଟିଏ ବାଡ଼ି ଦେଉଛୁ ଏଇଟା ନେଇ ଯାଅ । ଏହି ବାଡ଼ି ତୁମର ହାଣ୍ଡି, ଛେଳି ସବୁ ବାହାରି କରିଦେବ । ଏହି ବାଡ଼ିଟିକୁ ନେଇ ତୁମ ବନ୍ଧୁ ଜଣକ ପାଖରେ କହିବ ବାଡ଼ି ଲାଗିଯାଅ ତ । ତା' ପରେ ଦେଖିବ କି ମଜା ହେବ । ଲକ୍ଷେ ଲୋକ ଆସିଲେ ମଧ୍ୟ ବାଡ଼ିଜମା କାହାକୁ ଛାଡ଼ିବ ନାହିଁ । ପିଟି ଠିକ୍ କରିଦେବ । ସେହି ବାଡ଼ି ଖଣ୍ଡିକ ଧରି ବିପିନ ତା'ର ବନ୍ଧୁ ଘରେ ଯାଇ ପହଞ୍ଚିଗଲା ଓ କହିଲା ବନ୍ଧୁ ଗୋଟିଏ ମଜା ଦେଖିବ । ବନ୍ଧୁ ଜଣକ ଏତେ କଥା ଆଉ ବୁଝିପାରିନି ଯେତେବେଳେ ବିପିନ କହିଲା - ବାଡ଼ି ଲାଗିଯାଅ । ସତକୁ ସତ ବାଡିଟି ଲାଗି ଯାଇ ତାକୁ ଏପରି ଭାବରେ ପିଟିବାକୁ ଆରମ୍ଭ କଲା ଯେ ସେ ଏପରି ମାଡ଼ କେବେ ହେଲେ ଜୀବନରେ ଖାଇନାହିଁ । ବାଡ଼ିଟି ପିଟି ପିଟି ତା'ର ପିଠିରୁ ଚମଡ଼ା ଉଠେଇ ଦେଲା । ଏଥର ବିଚରା ଥଣ୍ଡା । ସଙ୍ଗେ ସଙ୍ଗେ କହିଲା ଭାଇ ଭୁଲ କରିବି ନାହିଁ । ମୋତେ ଏଥର ଛାଡ଼ିଦିଅ । ବିପିନ କହିଲା ଛେଳି ଓ ହାଣ୍ଡି ଫେରାଇଲେ ତୋତେ ବାଡ଼ି ଛାଡ଼ିଦେବ । ସତକୁ ସତ ସେ ହାଣ୍ଡି ଓ ଛେଳି ଫେରାଇ ଦେଲା । ତାହା ସବୁ ପାଇ ମନ ଆନନ୍ଦରେ ଘରକୁ ଫେରିଲା । ସଙ୍ଗେ ସଙ୍ଗେ ସେ ତା'ର ମା'କୁ ହାଣ୍ଡି ଆଉ ଛେଳି ନେଇ ଘଟିଯାଇଥିବା ସବୁ କଥା କହିଲା । ତା' ପରେ ଯେପରି ଯାହା ଖାଇବାକୁ କହିଲା ହାଣ୍ଡିରୁ ସେପରି ଖାଇବା ଜିନିଷ ଓ ଛେଳି ପାଟିରୁ ସୁନା ରୁପା ମୋହର ଆଦି ବାହାରିଲା । ଏହି ସୁନା ମୋହର ପାଇ ସେ ଧନୀ ହୋଇଗଲା ଓ ତା'ର

ମା'କୁ ନେଇ ସୁଖରେ ଦିନ କଟାଇଲା । ସେହି ସମୟରେ ତାଙ୍କର ଦେଶରେ ଅନ୍ୟ ଏକ ଦେଶର ରାଜା ଆସି ହଜାର ହଜାର ସୈନ୍ୟସାମନ୍ତ ଧରି ଲୁଟ୍‌ତରାଜ କରିବାକୁ ଲାଗିଲା । ସେହି ଦେଶର ରାଜାଙ୍କ ମନରେ ବହୁ ଚିନ୍ତା ହେଲା । ବିପିନ କହିଲା, ଆପଣ ଜମା ବ୍ୟସ୍ତ ହୁଅନ୍ତୁ ନାହିଁ ମୁଁ ସବୁ ଠିକ୍ କରିଦେବି । ମୋ ପାଖରେ ଆପଣ ଯେଉଁ ବାଡ଼ି ଖଣ୍ଡିକ ଦେଖୁଛନ୍ତି ଏହା ଲକ୍ଷେ ଲୋକଙ୍କୁ ମୁକାବିଲା କରିପାରିବ । ଏହା କହି ସେ ଜଗି ବସିଲା । ଯେତେବେଳେ ସୈନ୍ୟସାମନ୍ତ ପ୍ରବେଶ କଲେ ବିପିନ କହିଲା- ବାଡ଼ିରେ ବାଡ଼ି ଶୀଘ୍ର ଯିବୁ ଲକ୍ଷେ ସୈନ୍ୟସାମନ୍ତଙ୍କୁ ପିଟି ଆସିବୁ ।" ସଙ୍ଗେ ସଙ୍ଗେ ବିଜୁଳି ବେଗରେ ବାଡ଼ି ଖଣ୍ଡକ ଲାଗିଯାଇ ବହୁ ଲୋକଙ୍କୁ ନିଷ୍ଠୁର ଭାବେ ପିଟିପିଟି ଦରମରା କରିଦେଲା । ଏହା ଦେଖି ଅନ୍ୟାନ୍ୟ ଯେତେ ରହିଲେ କିଏ କେଉଁ ଆଡେ ଜୀବନ ବିକଳରେ ପଳାଇବାକୁ ଲାଗିଲା । ଏହା ଦେଖି ରାଜା ଖୁସି ହୋଇଗଲେ । ବିପିନକୁ ଖୁବ୍ ପ୍ରଶଂସା କଲେ ଓ ଅନେକ ଧନରତ୍ନ ଦେଇ ବିପିନକୁ ମନ୍ତ୍ରୀପଦରେ ନିଜ ପାଖରେ ରଖିଲେ । ସେହିଦିନ ଠାରୁ ସେ ସୁଖରେ କାଳ କଟାଇଲା ।

**କୁମାରୀ ହିରାମଣି ମୁର୍ମୁ**
ଶ୍ରେଣୀ- ଅଷ୍ଟମ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ସୁଲେଇପାଟ

# ସଫଳତାର କଥା

ମୋ ନାଆ ଅଜେଶ ବିଡ଼ିକା । ରାୟଗଡ଼ା ଜିଲ୍ଲା ଅଣ୍ଡାମୋଡା ଆବାସିକ ସେବାଶ୍ରମରେ ପଞ୍ଚମ ଶ୍ରେଣୀରେ ପଢୁଛି । ମୁଁ ଶିଶୁ ସମ୍ବାଦିକ କ୍ଲବର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଉଛି । ଆମ ବିଦ୍ୟାଳୟର ସାର ଦିପ୍ତୀ ଚନ୍ଦ୍ର ସାହୁ ଦିନେ ନୂଆ କଥାଟି କହିଲେ । ପିଲାଏ ପ୍ରତି ରବିବାର ଦିନ ସ୍କୁଲରେ ନ ବସି କିଛି ନୂଆ କାମ କର । ବିଦ୍ୟାଳୟ ପାଖରେ ଥିବା ଗାଁଗୁଡ଼ିକୁ ଯାଇ ବୁଲ ଓ ସେଠାରେ କ'ଣ ସବୁ ଦେଖୁଛ ନିଜ ଖାତାରେ ଟିପି ଆଣ । ଗୋଟିଏ ରବିବାର ଆମ ସ୍କୁଲର କିଛି ଭଲ ପିଲା ପାଖ ଗ୍ରାମ ଡାଣ୍ଡିପୁର ଯାଇ ବୁଲିଲୁ ଓ ଯାହା ଦେଖିଲୁ ଟିପି ଆଣିଲୁ । ସେସବୁ ପଢି ସାରଙ୍କୁ ଶୁଣାଇଲୁ । ତା'ପରେ ସେ ଲୋକଙ୍କ ସହ କିପରି କଥା ହେବ, କଣ ସବୁ ଦେଖିବ, କେମିତ ଲୋକଙ୍କ ସହ ଆଲୋଚନା କରିବ ଆଦି ବିଷୟରେ ଭଲ ଭାବେ ବୁଝାଇଲେ । ଆଉ ଦଶଟି ଭଲ ପିଲାଙ୍କୁ ବାଛି ହାତରେ ଗୋଟିଏ ଗୋଟିଏ ଛୋଟ ପେଡ ଓ କଲମ ଦେଇ କହିଲେ ଆଜିଠୁ ତୁମେମାନେ ହେଲ କୁନି ସାମ୍ବାଦିକ । ଛୁଟିଦିନରେ ଗୋଟିଏ ଗାଁକୁ ବୁଲିବ ଓ ବିଭିନ୍ନ ଲୋକଙ୍କ ସହ କଥା ହେବ । ଏସବୁ ଆମକୁ ନୂଆ ଲାଗୁଥାଏ ଆଉ ଭୟ ବି ଲାଗୁଥାଏ ।

ଏକ ରବିବାରରେ ବାହାରିଲୁ ପାଖ ଗାଁ ରେଙ୍ଗଲପାଡୁ । ଆମ ସ୍କୁଲଠାରୁ ମାତ୍ର ଦୁଇ କିଲୋମିଟର ଦୂର । ସାଥିରେ ଥାଆନ୍ତି ସାର । ସେଠାକୁ ଯାଇ ୱାର୍ଡ ମେମ୍ବର, ଗାଁ ମୁଖିଆ, ଅଙ୍ଗନୱାଡ଼ି କର୍ମି ଠାରୁ ଆରମ୍ଭ କରି ଆମ ଭଳି ପିଲାଙ୍କ ସହ କଥାହେଲୁ । କାହା ସହ କେମିତି କଥା ହେବାର ଓ ବିଭିନ୍ନ ପ୍ରଶ୍ନର କିମିତି ଉତ୍ତର ଆଦାୟ କରିବାର କୌଶଳ ସେ ବତାଉଥାନ୍ତି । ଗାଁରେ ନଳକୂପ ମୂଳେ ପାଣି ଜମି ରହିଥିଲା, ଗାଁକୁ ଲାଗି ମଇଳା ଗଦା, ଅନେକ ଲୋକ ଜ୍ୱରରେ ଶୋଇଥିଲେ । କିଛି ବି ଔଷଧ ଖାଇନଥିଲେ । ଏସବୁ ଦେଖିବା ପରେ ନଳକୂପ ମୂଳରୁ ଜମିଥିବା ପାଣି ବାହାର କରିବାକୁ କହିଲୁ । ଯେଉଁ ପାଣି ଜମୁଛି ସେଥିରେ ରୋଗ ଜୀବାଣୁ ରହୁଛି । ତାରି ଉପରେ ରଖି ପୁଣି ପାଣି ନେଉଛ ଓ ପିଉଛ, ଯାହାକି ତୁମମାନଙ୍କୁ ରୋଗ ହେଉଛି । ନଳକୂପ ମୂଳ ସଫା ରଖିବା ଦରକାର । ତା ସହ ଗାଁର ଦାଣ୍ଡ ସଫା ରଖିବା ଦରକାର । ମଇଳାଗଦା ଗାଁଠାରୁ ଦୂରରେ ପକାଇବା ଭଲ । ମଶାରି ଟାଙ୍ଗି ଶୋଇବା ସହ ଜ୍ୱର ହେଲେ ଡାକ୍ତରଖାନା ଯାଇ ରକ୍ତ ପରୀକ୍ଷା କରିବା ସାଙ୍ଗେ ସାଙ୍ଗେ ଔଷଧ ଖାଇବ । ଏସବୁ ପରୀକ୍ଷା ଡାକ୍ତରଖାନାରେ ମାଗଣାରେ ହୁଏ । ଏସବୁ ନକରି ଜ୍ୱର ଚୁପ ରହିବା କିମ୍ବା ଗାଁକୁ ଆସୁଥିବା ନକଲି ଚିକିତ୍ସକଙ୍କ ଦ୍ୱାରା ଔଷଧ ଖାଇବା ବିପଦ । ଏତେସବୁ କହି ଆସିଲୁ । ସାରଙ୍କୁ ବି ରିପୋର୍ଟ ଲେଖିଦେଲୁ ।

ଏମିତି ଚାଲିଲା ଆମର କାର୍ଯ୍ୟକ୍ରମ । ପାଖ ସବୁ ଗାଁ ବୁଲି ୫/୬ ସପ୍ତାହ ପରେ ପୁଣି ରେଙ୍ଗଲପାଡୁ ଗଲାବେଳକୁ ଅବସ୍ଥା ଯେମିତିକି ସେମିତି । କିଛି ବି ପରିବର୍ତ୍ତନ ହୋଇନି । ଗାଁର ଲୋକମାନଙ୍କୁ ଡାକି ପଚାରିଲୁ । ସମସ୍ତେ କରିଦେବୁ କହିଲେ । ଏମିତି କି କିଛି କଲେଜ ପଢୁଥିବା ଭାଇନାମାନେ ଆମକୁ ଗାଳିଦେଲେ । ପାଠ ନପଢ଼ି ଏସବୁରେ କାହିଁକି ମାତିଛ କହିଲେ । ଦୁଃଖ ଲାଗିଲା କିନ୍ତୁ ତାଙ୍କୁ କିଛି ନକହି ବଡମାନଙ୍କୁ କହିଲୁ ଆର ସପ୍ତାହକୁ ଆସିଲାବେଳେ ସବୁ ସଫା ହୋଇଯାଇଥିବାକୁ ପଡ଼ିବ । ନହେଲେ ଆମ ସ୍କୁଲ ପିଲା ଆସି ତୁମ ଗାଁ ସଫା କରିବୁ । ଏମିତି ଯଦି ଭଲ ଲାଗୁଛି, ତେବେ ଆମେ ଆଉ କିଛି ଅଧିକା କହିବୁ ନାହିଁ । ଏତିକି କହି ଚାଲି ଆସିଲୁ । ତା'ର ଠିକ୍ ପରବର୍ତ୍ତୀ ରବିବାର ଦିନ ରେଙ୍ଗଲପାଡୁରେ ପହଁଞ୍ଚିଲୁ । ଏଥର ଆମ ସାଥିରେ ଅଧିକା ପିଲା ଓ ସାର ଥିଲେ । କିନ୍ତୁ ସେଠାକାର ସବୁକିଛି ବଦଳିଯାଇଥିଲା । ନଳକୂଅର ଜମୁଥିବା ପାଣି ନଥିଲା କି ଗାଁମୁଣ୍ଡରେ ମଇଳା ଗଦା ନଥିଲା । ଦାଣ୍ଡ ପୁରା ସଫା ଦେଖା ଯାଉଥିଲା । ନଳକୂଅରୁ ପାଣି ଯିବା ପାଇଁ ଦୂର ପର୍ଯ୍ୟନ୍ତ ଡ୍ରେନ କଟାଯାଇଥିଲା । ଏସବୁ ଦେଖି ସାର ଓ ଆମେମାନେ ଖୁସି ହୋଇଗଲୁ । ଗାଳିଦେଇଥିବା ଭାଇନା ଓ ଗାଁ ଲୋକ, ଏସ୍‌ଏଚ୍‌ଜି ମାଆମାନେ ଆସି ଆମ ସାରଙ୍କୁ କହିଲେ - ଆଜ୍ଞା, ଆପଣଙ୍କ ପିଲାମାନେ ଭଲକାମ କରୁଛନ୍ତି । ଆମକୁ ବୁଦ୍ଧି ବତେଇଦେଲେ । ଅଳସୁଆ ହୋଇ ଚୁପ୍ ରହିଥିଲୁ । ହେଲେ

ପିଲାମାନେ ଆମକୁ ଛାଡିଲେନି । ଏହି ଘଟଣା ବଡ ନୁହେଁ । ହେଲେ ଆମ ଯୋଗୁଁ ଗୋଟେ ଗାଁର ଲୋକେ ନିଜର ଭୁଲ ଜାଣିପାରିଲେ ସେଥିନେଇ ଆମ ଶିଶୁ ସାମ୍ବାଦିକମାନେ ବେଶୀ ଖୁସି ହେଲେ । ଏହା ଆମକୁ ଆହୁରି ଅଧିକ କାମ କରିବା ପାଇଁ ପ୍ରେରଣା ଦେଇଛି । ଏବେ ଆମ ବିଦ୍ୟାଳୟ ଚାରିପାଖର ଗାଁ ବୁଲୁଛୁ । ଲୋକଙ୍କୁ ବୁଝାଉଛୁ । ହଇଜା ସମୟରେ ଆମ ସ୍କୁଲର ପିଲାମାନେ ଗାଁ ଗାଁ ବୁଲି ସଚେତନ କଲୁ । ପାଣିକୁ ଫୁଟାଇ ଓ ହାଲୋଜିନ ପକାଇ ପିଇବା ପାଇଁ ଲୋକଙ୍କୁ ବୁଝାଇଲୁ । ହାତଧୁଆ ଦିବସରେ ମଧ୍ୟ ଲୋକଙ୍କୁ ସଚେତନ କରାଇଛୁ ।

ଆମର ଏବେ ନିଜର ଖବରକାଗଜ ଘର ପ୍ରକାଶ ପାଉଛି । ଗାଁରୁ ସଂଗ୍ରହ କରିଥିବା ତଥ୍ୟ ସାଙ୍ଗକୁ ନିଜ କଥା ସେଥିରେ ଲେଖୁଛୁ । ଆମକୁ ଦେଖି ଆମ ଜିଲ୍ଲାର ଆହୁରି ଅନେକ ପିଲା ଆମ ଭଳି କାମ କରିବା ଆରମ୍ଭ କଲେ । ପ୍ରଥମେ କିଛି ବୁଝିପାରୁନଥିବା ଏହି କାମ ଏବେ ଆମକୁ ଆନନ୍ଦ ଦେଉଛି । ଆମର ଆଖପାଖଲୋକେ ବି ଆମ କାମ ବିଷୟରେ ଜାଣି ସହଯୋଗ କରୁଛନ୍ତି । ପ୍ରଥମେ ପରିବେଶ ସଫାସୁତୁରା ଓ ନିର୍ମଳ ପାଣି ପିଇବା ନେଇ ସଚେତନ ଆରମ୍ଭ କରିଛୁ । ଏସବୁ ଠିକ୍ ହେଲା ପରେ ଆଗକୁ ଆଉ ଅଧିକା କଥା ନେଇ ଲୋକଙ୍କ ପାଖକୁ ଯିବୁ । ପିଲାମାନେ ସ୍କୁଲରେ ଖାଲି ପାଠ ନ ପଢ଼ି ଅବସର ସମୟରେ ଏମିତି କିଛି କାମ କଲେ ନିଜକୁ ଖୁସି ଲାଗିବା ସହ ଅନ୍ୟକୁ ମଧ୍ୟ ଖୁସି ଦେଇହେବ । ଆଶା ଆମର ସଫଳ କାହାଣୀ ଅନ୍ୟ ପିଲାମାନଙ୍କୁ କିଛି ନୂଆ କରିବାକୁ ଆଗ୍ରହ ସୃଷ୍ଟି କରିବ ।

**ଅଜେଶ ହୁଇକା**
ପଞ୍ଚମ ଶ୍ରେଣୀ
ଅମ୍ବାମୋଡ଼ା ଆବାସିକ ପ୍ରାଥମିକ ସେବାଶ୍ରମ,
କୋଲନରା ବ୍ଲକ, ଜିଲ୍ଲା- ରାୟଗଡ଼ା

# ମଜାକଥା

ଡାକ୍ତର (ଖଟରେ ଶୋଇଥିବା ରୋଗୀକୁ) ତୁମେ ବେମାର ପଡିଛ । ବ୍ୟସ୍ତ ହୁଅ ନାହିଁ । ତୁମେ ହୁଏତ ଭଲ ହୋଇଯିବ, କିମ୍ବା ମରିଯିବ । ଭଲ ହୋଇ ଗଲେ ତ ଆନନ୍ଦର କଥା । ମରିଗଲେ ବ୍ୟସ୍ତ ହେବାର ନାହିଁ । ସ୍ୱର୍ଗକୁ ଯିବ କିମ୍ବା ନର୍କକୁ ଯିବ । ସ୍ୱର୍ଗକୁ ଗଲେ ତ ଆନନ୍ଦର କଥା । ନର୍କକୁ ଗଲେ ବ୍ୟସ୍ତ ହେବାର ନାହିଁ । କାରଣ ସେଠାରେ ଥିବା ସାଙ୍ଗମାନଙ୍କ ସହ ହାତ ମିଳାଇ ଆନନ୍ଦରେ ରହିବ ।



***

ସୋନୁ - ଆସନ୍ତୁ କୁକୁରକୁ ଡରନ୍ତୁ ନାହିଁ ।

ସୋରଜ - କୁକୁର କାମୁଡ଼ିବ ନାହିଁ ତ ?

ସୋନୁ - ସେଇ କଥା ମୋର ଜାଣିବାର ଇଚ୍ଛା ବାପା ଯାକୁ କିଣି କରି ଆଣିଛନ୍ତି ।

***

ମାଆ - ଜାଣିଛ ଭଲ କାମକଲେ ଈଶ୍ୱର ମିଠା ଫଳ ଦିଅନ୍ତି ।

ରାନୁ - ମା ମିଠା ଖାଇଲେ ପରା ଦାନ୍ତ ଖରାପ ହୁଏ ?

***

ମାଆ - ଆରେ ପୁଅ ତୁ ଯଦି ଭଲ କରି ନ ଖାଇବୁ ତା'ହେଲେ ତୋ **Health Down** ହୋଇଯିବ ।

ରୁବି - ମାଆ, ମୋତେ କ'ଣ ବ୍ୟାଟେରୀ ଭାବିଛ କି ?

***

ବିଚାରପତି - ତୁମେ କ'ଣ ଆସାମୀ ?

ଚୋର - ନା' ଆଜ୍ଞା ମୁଁ ଖାଣ୍ଟି ଓଡ଼ିଆ ।

**କୁମାରୀ ନିରୁପମା ରାମିଆ**
ଦଶମ ଶ୍ରେଣୀ
ରାସଗୋବିନ୍ଦପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ

